SEPTEMBER 05, 2026
SATURDAY, BHUBANESWAR

ସେପ୍ଟେମ୍ବର ୦୫, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA | ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 3 ବର୍ଷ- ୨ ● ସଂଖ୍ୟା- ୩ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

**ସିଏମ୍ କିଷାନ୍ ପଞ୍ଚମ କିସ୍ତି**

## ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା




- ୨୦୨୬-୨୭ ଖରିଫ ଋତୁ ପାଇଁ ଧାନ ପଞ୍ଜିକରଣ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି
- ବନ୍ୟାରେ କ୍ଷତିଗ୍ରସ୍ତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସତନ୍ତ୍ର ପ୍ୟାକେଜ୍
- କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ
- ୧୩,୯୪୯ ଭୂମିହୀନ କୃଷି ପରିବାର ଖାତାକୁ ଗଲା ଟଙ୍କା

ଭୁବନେଶ୍ୱର, ୦୪/୦୯ : ପବିତ୍ର ଜନ୍ମାଷ୍ଟମୀ ଓ କୃଷି ଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ରାଜ୍ୟର ଅଗଣିତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସି.ଏମ୍-କିଷାନ୍ ଜୋଜନାର ପଞ୍ଚମ କିସ୍ତି ବାବଦକୁ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି। ସୂଚନା ଯୋଗ୍ୟଯେ, ୨୦୨୬-୨୭ ରବି ଫସଲ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀମାନଙ୍କୁ ସହାୟକ ହେବ।ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସି.ଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଏବଂ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମୃଦ୍ଧ କୃଷକ ଯୋଜନା, ଧାନ ସଂଗ୍ରହ ଓ ବନ୍ୟା କ୍ଷତିପୂରଣ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି। ଚଳିତ ୨୦୨୬-୨୭ ଖରିଫ ଋତୁ ପାଇଁ ଧାନ ପଞ୍ଜିକରଣ ଅବଧିକୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ନିକଟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ହୋଇଥିବା ପ୍ରବଳ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ୧୦୦୦ କୋଟି ଟଙ୍କାର ବିଶେଷ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି। ରାଜସ୍ୱ ଓ କୃଷି ବିଭାଗର କ୍ଷେତ୍ର କର୍ମଚାରୀଙ୍କ କ୍ଷତି ଆକଳନ ରିପୋର୍ଟ ଆଧାରରେ ପ୍ରଭାବିତ ଚାଷୀଙ୍କୁ ଆଶୁ କ୍ଷତିପୂରଣ ଯୋଗାଇ ଦିଆଯିବ।

ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଦୁଇଗୁଣ କରିବ ଚାଷୀଙ୍କ ଆୟ ବୋଲି ପ୍ରକାଶ କରି ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି । 'ସମୃଦ୍ଧ କୃଷକ ଯୋଜନା' ମାଧ୍ୟମରେ କେନ୍ଦ୍ର ସରକାରଙ୍କ MSP ସହ ରାଜ୍ୟର ଇନପୁଟ୍ ସହାୟତା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି ଏବଂ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯାଉଛି। ଗତ ୨୦୨୫-୨୬ ଖରିଫ ଋତୁରେ ୧୮.୮୪ ଲକ୍ଷ ଚାଷୀଙ୍କଠାରୁ ୭୭.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୬୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ କୃଷି ବିଦ୍ୟାନିଧି ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଶିକ୍ଷା ବର୍ଷରେ ରେକର୍ଡ ସଂଖ୍ୟକ ୬୮,୯୧୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସରକାରୀ ସୁବିଧା ପାଇବା ପାଇଁ 'ଫାର୍ମରସ ରେଜିଷ୍ଟ୍ରିରେ ଚାଷୀମାନେ ନିଜ ଜମିର ତଥ୍ୟ ସହ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।ଏହା ସହିତ ପ୍ରାଣୀପାଳନ, ମାଛଚାଷ, 'ଶ୍ରୀ ଅନ୍ନ ଅଭିଯାନ' (ମାଣ୍ଡିଆ ଚାଷ) ଏବଂ ଜାତୀୟ ଡାଲି ମିଶନ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ଏବଂ ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି। ଅଭିଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ଆଗାମୀ ଗଣପର୍ବ 'ନୂଆଁଖାଇ'ର ଆଗୁଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶାର ପ୍ରାୟ ୯୨ ପ୍ରତିଶତ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର। ତେଣୁ ଚାଷୀମାନେ ସରକାରୀ ଯୋଜନାଗୁଡ଼ିକୁ ଆପଣାଇ ନିଜର ଉପାର୍ଜନ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଆଗାମୀ ଆହ୍ୱାନଗୁଡ଼ିକ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ☞ ପୃଷ୍ଠା-୨

## ଓଡ଼ିଶା ପୋଲିସରେ ଯୋଗଦେଲେ ୩୩୬ ଯୁବ ସବ୍-ଇନ୍ସପେକ୍ଟର



- ୨୦୨୯ ସୁଦ୍ଧା ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ
- ୭୦ ଜଣ ମହିଳା ପୋଲିସ ସେବାରେ ସାମିଲ
- ପୋଲିସ ବାହିନୀ ପାଇଁ 'SMART POLICING' ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ
- ଯୁବ ଅଧିକାରୀମାନେ ଦୁର୍ନୀତିରୁ ଦୂରେଇ ରୁହନ୍ତୁ, ସର୍ଭିସରେ ସର୍ବୋଚ୍ଚ ଶୃଙ୍ଖଳା ବଜାୟ ରଖନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୪/୦୯ : ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଠାରେ ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ବର୍ଷର କଠୋର ଇନଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ୩୩୬ ଜଣ ନବନିଯୁକ୍ତ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ବ୍ୟାଚ୍‌ରେ ୭୦ ଜଣ ମହିଳା ସବ୍-ଇନ୍ସପେକ୍ଟର ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହ ଏହା ଓଡ଼ିଶାର ନାରୀ ସଶକ୍ତିକରଣ ଓ ପରିବର୍ତ୍ତିତ ସାମାଜିକ ଚିତ୍ରର ଏହା ଏକ ଉଜ୍ଜ୍ୱଳ ପ୍ରତିଫଳନ ବୋଲି କହିଛନ୍ତି । ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଦିନଟି କେବଳ ଏକ ଔପଚାରିକ ପରେଡ଼ ନୁହେଁ, ବରଂ ନିଷ୍ଠା, ଶୃଙ୍ଖଳା, ତ୍ୟାଗ ଓ ଉତ୍କର୍ଷର ଉତ୍ସବ । ପୋଲିସ ପୋଷାକ କେବଳ ଏକ ୟୁନିଫର୍ମ ନୁହେଁ, ଏହା ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ସମାଜ ସେବାର ଗୁରୁଦାୟିତ୍ୱ ବହନ କରେ। ବର୍ଦ୍ଧି ଦେଉଥିବା କ୍ଷମତାର ☞ ପୃଷ୍ଠା-୨

**ଇସ୍ରୋର ସଫଳ ଉଡ଼ାଣ**

## ଇତିହାସ ରଚିଲା 'ଇଓଏସ୍-୦୫'



- ଜାତୀୟ ସୁରକ୍ଷାକୁ ଅଧିକ ମଜବୁତ କରିବ
- ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାଟିର ଆର୍ଦ୍ରତା ଆକଳନରେ ସହାୟକ ହେବ

ନୂଆଦିଲ୍ଲୀ, ୦୪/୦୯ : ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା (ଇସ୍ରୋ) ଅନ୍ତରୀକ୍ଷ କ୍ଷେତ୍ରରେ ଆଉ ଏକ ଐତିହାସିକ ସଫଳତା ହାସଲ କରିଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ଭୋର ପ୍ରାୟ ୨ଟା ୫୫ ମିନିଟ୍‌ରେ GSLV-F17 ରକେଟ୍ ମାଧ୍ୟମରେ EOS-05 ଉପଗ୍ରହକୁ ସଫଳତାର ସହ ମହାକାଶକୁ ପଠାଯାଇଛି ।ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନଙ୍କ ସୂଚନା ଅନୁଯାୟୀ, 'ଆଡଭାନ୍ସଡ୍ ଅର୍ଥ ଅବଜରଭେସନ୍ ସାଟେଲାଇଟ୍-୦୫' ବା ଜିଓ-ଇମେଜିଂ ସାଟେଲାଇଟ୍‌କୁ ପ୍ରାୟ ୩,୬୦୦ କିଲୋମିଟର ଉଚ୍ଚତାରେ ନିର୍ଦ୍ଧାରିତ କକ୍ଷପଥରେ ସ୍ଥାପନ କରାଯାଇଛି। ଏହା GSLV ରକେଟ୍‌ର ୧୯ତମ ସଫଳ ଉଡ଼ାଣ ବୋଲି ଜଣାପଡ଼ିଛି। ଏହି ଉପଗ୍ରହ ଭାରତର ସମଗ୍ର ଭୂଭାଗ ☞ ପୃଷ୍ଠା-୨

## ଏମ୍‌ଏସ୍‌ଏମ୍‌ଇର ସଶକ୍ତିକରଣ ସମ୍ମିଳନୀ ଅନୁଷ୍ଠିତ

**'ବିକଶିତ ଭାରତ' ଗଠନରେ ସିଏମ୍‌ଏମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା**

ଭୁବନେଶ୍ୱର, ୦୪/୦୯ : ଭୁବନେଶ୍ୱରର ସିଏମ୍‌ଏ ଭବନର ପରିବେଶ ଥିଲା ବେଶ୍ ଉତ୍ସାହଜନକ। ଦେଶର ଅର୍ଥନୀତିକୁ ଅଧିକ ଗତିଶୀଳ କରିବା ଏବଂ 'ବିକଶିତ ଭାରତ' ଗଠନର ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆ (ଆଇସିଏମ୍‌ଏଆଇ), ଭୁବନେଶ୍ୱର ଚାପ୍‌ଟର ପକ୍ଷରୁ ଏକ ଭବ୍ୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। "MSMEs- Role of CMAs as Catalysts for Viksit Bharat' ଶୀର୍ଷକ ଏହି ସମ୍ମିଳନୀରେ ୨୦୦ରୁ ଅଧିକ ବୃତ୍ତିଧାରୀ, ସଦସ୍ୟ ଓ ଉଦ୍ୟୋଗୀ ଏକତ୍ରିତ ହୋଇ ଦେଶର ଲଘୁ, କ୍ଷୁଦ୍ର ଓ ମଧ୍ୟମ ☞ ପୃଷ୍ଠା-୨

## ଏମ୍‌କେସିଜିରେ ପୁଣି ଅଗ୍ନିକାଣ୍ଡ

ବ୍ରହ୍ମପୁର, ୦୪/୦୯ : ଦକ୍ଷିଣ ଓଡ଼ିଶାର ଲାଇଫ୍‌ଲାଇନ୍ କୁହାଯାଉ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ୍ ପରିସରରେ ଥିବା ନର୍ସିଂ ମହାବିଦ୍ୟାଳୟର ପୁରୁଷ ହଷ୍ଟେଲରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଦେଖିବାକୁ ମିଳିଥିଲା। ମେଡିକାଲ କଲେଜର ତଳ ମହଲାରେ ଥିବା କିଚେନ୍ ରୁମରେ ଗ୍ୟାସ୍ ପାଇପ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଠାରେ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଛି। ଉପସ୍ଥିତ ଥିବା ଛାତ୍ରମାନେ ଗ୍ୟାସ୍‌ର ଦୁର୍ଗନ୍ଧ ଜାଣିପାରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସ୍ୱତନ୍ତ୍ର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଅନୁଷ୍ଠାନର ଅଗ୍ନି ନିର୍ବାପକ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ସହ ଅବଧି ସରି ଯାଇଥିବା ଜଣା ଯାଇଛି। ସୂଚନାଯୋଗ୍ୟ, ଅଗ୍ନିକାଣ୍ଡ ଘଟଣା ନୂଆ କଥା ନୁହେଁ। ପୂର୍ବରୁ ମଧ୍ୟ ଏଠାରେ ଅନେକ ଥର ନିଆଁ ଲାଗିଛି। ବାରମ୍ବାର ସମାନ ପ୍ରକାର ଘଟଣା ଦେଖି ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

## 'ଓଡ଼ିଶା ଯାତ୍ରୀ ସୁରକ୍ଷା ଆପ୍'ର ଶୁଭାରମ୍ଭ

**ସୁରକ୍ଷା ମୋଡ୍ୟୁଲ୍ ଉଭୟ ଯାତ୍ରୀ ଓ ଚାଳକ ସମାନ ଭାବେ କାର୍ଯ୍ୟକାରୀ**



- ଫାନ୍‌କୁ ହଲେଇ ଜରୁରୀକାଳୀନ ଆଲର୍ଟ ପଠାଯାଇ ପାରିବ
- ରାଇଡ୍ ବୁକିଂ, ଆମ ବସ୍ ସେବା, ଫାଷ୍ଟ ଟିକେଟ୍ ସ୍ୱଟ୍ ବୁକିଂ ଏବଂ ବୋଟିଂ ସୁବିଧା ମିଳିପାରିବ

ଭୁବନେଶ୍ୱର, ୦୪/୦୯ : ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଯାତ୍ରୀ ସୁରକ୍ଷା ଆପ୍'ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାରେ ସୁରକ୍ଷିତ, ସ୍ମାର୍ଟ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ଯାତାୟାତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଓଡ଼ିଶା ଯାତ୍ରୀର ବ୍ରାଣ୍ଡ ଆମ୍ବାସାଡର, ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିବା ଏହି ସୁରକ୍ଷା ପଦକ୍ଷେପ, ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ଜରୁରୀକାଳୀନ ପ୍ରତିକ୍ରିୟା ସୁବିଧା ଯୋଗାଇଦେଉଛି ।ସାଧାରଣତଃ ଅଧିକାଂଶ ସୁରକ୍ଷା ଫିଚର ପାଇଁ ବ୍ୟବହାରକାରୀଙ୍କୁ SOS ବଟନ୍ ଖୋଜିବାକୁ ପଡ଼ିଥାଏ, ଫୋନ୍ ଅନଲକ୍ କରି ବିଭିନ୍ନ ସ୍କ୍ରିନ୍ ମାଧ୍ୟମରେ ଯିବାକୁ ପଡ଼ିଥାଏ। କିନ୍ତୁ ଓଡ଼ିଶା ଯାତ୍ରୀ ଏକ ଭିନ୍ନ ଓ ସହଜ ପଦ୍ଧତି ଆପଣେଇଛି। 'ଶେକ୍ ଆଣ୍ଡ୍ ଆଲର୍ଟ ସୁବିଧା ମାଧ୍ୟମରେ, ବ୍ୟବହାରକାରୀମାନେ କେବଳ ସେମାନଙ୍କ ଫୋନ୍‌କୁ ହଲେଇ (shake) ଜରୁରୀକାଳୀନ ଆଲର୍ଟ ପଠାଇପାରିବେଯାହାଦ୍ୱାରା ଭୟଭୀତ ଥିବା ସମୟରେ କିମ୍ବା ଆପ୍‌କୁ ବ୍ୟବହାର କରିବାରେ ଅସମର୍ଥ ହେଲେ ମଧ୍ୟ ସେମାନେ ତୁରନ୍ତ ସହାୟତା ପାଇପାରିବେ। ଏହି ଆପ୍‌ରେ ୱାନ୍-କ୍ଲିକ୍ SOS ସୁବିଧା ମଧ୍ୟ ରହିଛି, ଯାହା ମାଧ୍ୟମରେ ଯାତ୍ରୀମାନେ ତୁରନ୍ତ ଜରୁରୀକାଳୀନ ନମ୍ବର ୧୧୨ କୁ କଲ୍ କରିପାରିବେ ଏବଂ ସେମାନଙ୍କର ମନୋନୀତ ଜରୁରୀକାଳୀନ ସମ୍ପର୍କୀୟଙ୍କୁ ସୂଚନା ଦେଇପାରିବେ। ବ୍ୟବହାରକାରୀମାନେ ସେମାନଙ୍କର ବିଶ୍ୱସ୍ତ ବ୍ୟକ୍ତିଙ୍କ ସହ ଲାଇଭ୍ ଲୋକେସନ୍ ସେୟାର କରିପାରିବେ, ଯାହା ଦ୍ୱାରା ସେମାନଙ୍କ ଯାତ୍ରାର ସମୟାନୁବର୍ତ୍ତୀ ମନିଟରିଂ କରାଯାଇପାରିବ ।ଏହି ସୁରକ୍ଷା ମୋଡ୍ୟୁଲଟି କେବଳ ଯାତ୍ରୀଙ୍କ ପାଇଁ ନୁହେଁ, ବରଂ ଚାଳକ (ଡ୍ରାଇଭର) ମାନଙ୍କ ପାଇଁ ମଧ୍ୟ ପ୍ରସ୍ତୁତ କରାଯାଇଛି। କାରଣ ☞ ପୃଷ୍ଠା-୨




**ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ସିଏମ୍ କିଷାନ ପଞ୍ଚମ କିସ୍ତି
ସରକାର ଦେଲେ ଟଙ୍କା
ଟଙ୍କା ଆସୁ ଆସୁ ଜନ୍ମାଷ୍ଟମୀରେ
ଆକାଉଣ୍ଟ ହେଲା ଫାଙ୍କା
କୃଷକ ମନରେ ଶଙ୍କା
ଟଙ୍କା ଆସୁଛି ଯାଉଛି ହେଲେ ବି
ବୁଲୁନି ବିକାଶ ପଙ୍ଖା

## ଢେଙ୍କାନାଳ ଚାଷୀଙ୍କୁ ମିଳିଲା ସିଏମ୍-କିଷାନର ପଞ୍ଚମ କିସ୍ତି

**କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ସଶକ୍ତୀକରଣ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର**



**୧.୩୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ**



ଢେଙ୍କାନାଳ, ୪/୯: ନୂଆଖାଇ ପୂର୍ବରୁ ତଥା ପବିତ୍ର ଜନ୍ମାଷ୍ଟମୀ ଅବସରରେ ରାଜ୍ୟର ଚାଷୀମାନଙ୍କୁ ବଡ଼ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସିଏମ୍-କିଷାନ ଯୋଜନାର ପଞ୍ଚମ କିସ୍ତି ବାବଦରେ ଡିବିଟି ମାଧ୍ୟମରେ ରାଜ୍ୟର ୪୧ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଖାତାକୁ ୮୩୩ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ସିଏମ୍-କିଷାନର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଢେଙ୍କାନାଳ ଜିଲ୍ଲାର ୧,୩୨,୩୮ ଜଣ ଚାଷୀ ଏହି ପଞ୍ଚମ କିସ୍ତିରୁ ଉପକୃତ ହେବେ।

ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ସଶକ୍ତୀକରଣ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ସିଏମ୍-କିଷାନ ଯୋଜନା ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ସହ କୃଷିକୁ ଅଧିକ ଲାଭଜନକ କରିବାରେ ସହାୟକ ହେଉଛି। ଚାଷରେ ବିବିଧତା ଆଣି ଆୟ ବଢ଼ାଇବା ସହ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଧିକ ସୁଯୋଗ ନେବାକୁ ସେ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଚାଷୀଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ଆଧାର। ସିଏମ୍-କିଷାନ କେବଳ ଆର୍ଥିକ ସହାୟତା ନୁହେଁ, ଚାଷୀଙ୍କ ପରିଶ୍ରମ ପ୍ରତି ସରକାରଙ୍କ ସମ୍ମାନର ପ୍ରତୀକ। ଚାଷୀଙ୍କୁ ବିହନ, ସାର, କୀଟନାଶକ ଓ କୃଷି ଉପକରଣ କ୍ରୟ ସହ ଆନୁଷଙ୍ଗିକ ☞ ପୃଷ୍ଠା-୨



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଚାଷୀଙ୍କ ଖାତାକୁ ଗଲା...

ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଭଳି ଗମ୍ଭୀର ସମସ୍ୟା କୃଷି ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଜୈବିକ ଚାଷ, ମାଣ୍ଡିଆ ଚାଷ ଏବଂ ପୁନରୁଦ୍ଧାରକାରୀ କୃଷି କୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି। ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ଖାଦ୍ୟଶସ୍ୟ, ଫଳ ଓ ପନିପରିବା କ୍ଷେତ୍ରରେ ରେକର୍ଡ ପରିମାଣର ଉତ୍ପାଦନ ହୋଇଛି। ଏପରିକି ଓଡ଼ିଶାରେ ଉତ୍ପାଦିତ କପା ଦେଶର ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ 'କସ୍ତୁରୀ କଟନ' ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ।ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବନ୍ୟା ଅଞ୍ଚଳ ଗୁଡ଼ିକୁ ସରକାରଙ୍କ ଅଧିକାରୀଙ୍କ ସମେତ ମନ୍ତ୍ରୀ ମଣ୍ଡଳ ମଧ୍ୟ ଯାଇ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପ୍ରପୀଡିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ସମ୍ପୃକ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। କୌଣସି ବି ଯୋଗ୍ୟ ହିତାଧିକାରୀ ଏହି ପ୍ରକ୍ରିୟାରେ ସହାୟତା ପାଇବାରୁ ବଞ୍ଚିତ ହେବେ ନାହିଁ। ଯେଉଁଥିରେ ଚାଷୀ ନିଜେ ପନିପରିବା ମିନିକିଟ୍ କିଣିବେ ଏବଂ ବିଲ୍ ସରକାରଙ୍କ ପାଖରେ ଦେବେ। ଡିବିଟି ମାଧ୍ୟମରେ ସେହି ଟଙ୍କା ଆପଣଙ୍କ ଆକାଉଣ୍ଟକୁ ପହଞ୍ଚି ଯିବ। ଏଥିସହିତ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ତେଣୁ କୌଣସି ବି ଭ୍ରମାତ୍ମକ କଥାରେ ବିଶ୍ୱାସ କରନ୍ତୁ ନାହିଁ।

### ଓଡ଼ିଶା ପୋଲିସରେ ଯୋଗଦେଲେ...

ସଦୁପଯୋଗ କରି ପ୍ରତ୍ୟେକ ଅଧିକାରୀ ସମାଜର ଦୁର୍ବଳ ଶ୍ରେଣୀକୁ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି କରାଯିବା ସହ ୫,୮୧୭ଟି ପଦବୀ ପୂରଣ କରାଯାଇଛି ଏବଂ ଥାନାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଯାନବାହାନ ଓ ଇନ୍ଧନ ଭତ୍ତା ପ୍ରଦାନ କରାଯାଉଛି। ଏହା ସହିତ ୨୦୨୯ ସୁଦ୍ଧା ଓଡ଼ିଶାକୁ 'ନିଶାମୁକ୍ତ ରାଜ୍ୟ'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ସେ ଦୋହରାଇଛନ୍ତି।ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ SMART POLICING ନୀତି ଆପଣାଇବାକୁ ଆହ୍ୱାନ ଦେବା ସହ ନବନିଯୁକ୍ତ ଅଧିକାରୀମାନଙ୍କୁ ତିନୋଟି ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତିକୁ ଆଧାର କରି ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରହିବା, ୟୁନିଫର୍ମ ସର୍ଭିସରେ ସର୍ବୋଚ୍ଚ ଶୃଙ୍ଖଳା ବଜାୟ ରଖିବା ଏବଂ କ୍ଷମତାର ଅପବ୍ୟବହାର ନକରି ନିର୍ଦ୍ଦୋଷଙ୍କୁ ସୁରକ୍ଷା ଓ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। କୌଣସି ଅପରାଧୀ ଯେପରି ଖସି ନଯାଆନ୍ତି ଏବଂ ଜଣେ ହେଲେ ନିର୍ଦ୍ଦୋଷ ଯେପରି ହଇରାଣ ନହୁଅନ୍ତି, ସେଥିପ୍ରତି ସଜାଗ ରହି 'ସେବା ଓ ସୁରକ୍ଷା' ମନ୍ତ୍ରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।ଏହି ଦୀକ୍ଷାନ୍ତ ସମାରୋହରେ ବିଭିନ୍ନ ବିଭାଗରେ ଉତ୍କର୍ଷ ହାସଲ କରିଥିବା କୃତୀ କ୍ୟାଡେଟ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏଥିରେ ପି. ନଳିନୀ ରାଓଙ୍କୁ ସର୍ବାଧିକ ନମ୍ବର ହାସଲ କରି ରାଜ୍ୟପାଳଙ୍କ ପଦକ, ଟ୍ରଫି ସହ ୧୦,୦୦୦ ଟଙ୍କାର ନଗଦ ପୁରସ୍କାର ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ଏଥି ସହ ତେଜସ୍ୱିନୀ ମହନ୍ତରାୟ, ଯୁଧିଷ୍ଠିର ବେହେରା, ଲକ୍ଷ୍ମଣ କୁମାର ମହନ୍ତ, ସସ୍ମିତା ଖୁଣ୍ଟିଆ, ନିହାରିକା ତ୍ରିପାଠୀ ଓ ଆଶୁତୋଷ ନାୟକଙ୍କୁ ପୋଲିସ ପ୍ରଶିକ୍ଷଣରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ମୁଖ୍ୟମନ୍ତ୍ରୀ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି ଯେ ପୋଲିସ ଅଧିକାରୀମାନେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରିବା ଉଚିତ। ପୋଲିସ ସେବାରେ ଅନେକ ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ୍ୟ, ସେମାନଙ୍କୁ ସମ୍ପୂର୍ଣ୍ଣ ସାହସିକତା, ନିଷ୍ଠା ଓ ସାଧୁତାର ସହିତ ନିଜର ଦାୟିତ୍ୱ ତୁଲାଇବାକୁ ହେବ। ଏହା ସହିତ ସାଇବର ଅପରାଧ ଭଳି ଆଧୁନିକ ସମସ୍ୟାର ମୁକାବିଲା କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟ ପୋଲିସିଂ ବ୍ୟବସ୍ଥାର ଉପଯୋଗ କରିବା ଜରୁରୀ ଅଟେ। ନକ୍ସଲ ବିରୋଧୀ ଅଭିଯାନ କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ଅସାଧାରଣ କୃତିତ୍ୱ ଓ ସଫଳତା ପାଇଁ ସେ ସମଗ୍ର ଓଡ଼ିଶା ପୋଲିସ ବାହିନୀକୁ ଧନ୍ୟବାଦ ଜଣାଇଛନ୍ତି। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ତଥା ପୋଲିସ ମହାନିରୀକ୍ଷକ ଅନୁପ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଦୀକ୍ଷାନ୍ତ ସମାରୋହରେ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ, ଇନ୍‌ଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷକବୃନ୍ଦ, ନବନିଯୁକ୍ତ କ୍ୟାଡେଟ୍‌ମାନଙ୍କ ଅଭିଭାବକ ଓ ପରିବାର ସଦସ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଇତିହାସ ରଚିଲା...

ଉପରେ ନଜର ରଖିବା ସହ ପ୍ରତି ୩୦ ମିନିଟ୍‌ରେ ଭାରତୀୟ ଅଞ୍ଚଳର ଚିତ୍ର ଉତ୍ତୋଳନ କରିପାରିବ। ଏହାଦ୍ୱାରା ସୀମା ଅଞ୍ଚଳର ଗତିବିଧି ଉପରେ ମଧ୍ୟ ନଜର ରଖିବା ସମ୍ଭବ ହେବ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହି ମିଶନକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରାୟ ୨,୩୬୭ କିଲୋଗ୍ରାମ ଓଜନର ଏହି ଉପଗ୍ରହରେ ୭୦୦ ମିଲିମିଟରର ଏକ ଟେଲିସ୍କୋପ୍ ରହିଛି। ଏହା ଭିଜିବଲ୍, ନିୟର୍-ଇନ୍‌ଫ୍ରାରେଡ୍ ଏବଂ ସର୍ଟ-ୱେଭ୍ ଇନ୍‌ଫ୍ରାରେଡ୍ ବ୍ୟାଣ୍ଡରେ ଚିତ୍ର ଓ ତଥ୍ୟ ସଂଗ୍ରହ କରିବ। କେବଳ ଜାତୀୟ ସୁରକ୍ଷା ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ମଧ୍ୟ ଏହି ଉପଗ୍ରହ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ। ବନ୍ୟା, ବାତ୍ୟା ଓ ଜଙ୍ଗଲ ନିଆଁ ଭଳି ଘଟଣା ସମ୍ପର୍କରେ ଶୀଘ୍ର ତଥ୍ୟ ମିଳିବ। ଏଥିସହ ଫସଲର ସ୍ଥିତି, ମାଟିର ଆର୍ଦ୍ରତା ଆଦିର ଆକଳନ କରିବାରେ ମଧ୍ୟ ଏହା ସହାୟକ ହେବ। GSLV-F17 ଏକ ତିନି-ସ୍ତରୀୟ ରକେଟ୍। ଏହାର ଉଚ୍ଚତା ପ୍ରାୟ ୫୧.୭ ମିଟର ଏବଂ ଉତ୍କ୍ଷେପଣ ସମୟରେ ଓଜନ ପ୍ରାୟ ୪୨୦.୫ ଟନ୍। ଏହାର ତୃତୀୟ ସ୍ତରରେ କ୍ରାୟୋଜେନିକ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି।ଉଲ୍ଲେଖଯୋଗ୍ୟ, ୨୦୨୧ରେ GSLV-F10/ EOS-03 ମିଶନ୍ ବିଫଳ ହୋଇଥିଲା। ଉଡ଼ାଣର ୩୦୭ତମ ସେକେଣ୍ଡରେ ଅନ୍‌ବୋର୍ଡ କମ୍ପ୍ୟୁଟର ମିଶନ୍‌କୁ ବନ୍ଦ କରିଦେଇଥିଲା। କ୍ରାୟୋଜେନିକ୍ ଅପର୍ ଷ୍ଟେଜ୍‌ରେ ତ୍ରୁଟି ଯୋଗୁଁ ସେହି ମିଶନ୍ ବିଫଳ ହୋଇଥିଲା। ଏବେ GSLV-F17/EOS-05 ମିଶନ୍ ସଫଳ ହେବା ସହ ଇସ୍ରୋର କ୍ଷମତା ଓ ପ୍ରଯୁକ୍ତି ଉପରେ ଆଉ ଏକ ବଡ଼ ମୋହର ଲାଗିଛି।ଏହି ମିଶନ୍ ମାଧ୍ୟମରେ ଭାରତର ଅନ୍ତରୀକ୍ଷ ନିରୀକ୍ଷଣ କ୍ଷମତା ଆହୁରି ମଜବୁତ ହେବା ସହ ଦେଶର ସୁରକ୍ଷା, କୃଷି, ବିପର୍ଯ୍ୟୟ ପରିଚାଳନା ଓ ଭୂ-ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ନୂଆ ଦିଗ ଖୋଲିବ।

### ଏମ୍‌ଏସ୍‌ଏମ୍‌ଇର ସଶକ୍ତିକରଣ...

ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ଭବିଷ୍ୟତ ଏବଂ ଏଥିରେ କଷ୍ଟ ଆକାଉଣ୍ଟାଣ୍ଟ (ସିଏମ୍‌ଏ) ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଗଭୀର ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେସନରେ ନ୍ୟାଶନାଲ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ (ଏନ୍‌ଏସ୍‌ଆଇସି)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂସୁ ଶେଖର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆଜିର ପ୍ରତିଯୋଗିତାପୂର୍ଣ୍ଣ ବଜାରରେ କେବଳ ଉତ୍ପାଦନ ନୁହେଁ, ବରଂ ଖର୍ଚ୍ଚ ନିୟନ୍ତ୍ରଣ, ଆର୍ଥିକ ସ୍ୱଚ୍ଛତା ଏବଂ ସଠିକ୍ ଯୋଜନା ହିଁ ଗୋଟିଏ ବ୍ୟବସାୟର ସଫଳତା ନିର୍ଦ୍ଧାରଣ କରେ। ଏହି ପରିପ୍ରେକ୍ଷୀରେ ସିଏମ୍‌ଏମାନେ କେବଳ ପରାମର୍ଶଦାତା ନୁହେଁ, ବରଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବିକାଶ ପାଇଁ ପ୍ରକୃତ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିଥାଆନ୍ତି। ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ତଥା ଆଇସିଏମ୍‌ଏଆଇର ସଭାପତି ସିଏମ୍‌ଏ ଚିତ୍ତ ରଞ୍ଜନ ଚଟ୍ଟୋପାଧ୍ୟାୟ ଏବଂ ଇଆଇଆର୍‌ସିର ଅଧ୍ୟକ୍ଷ ସିଏମ୍‌ଏ ଦାମୋଦର ମିଶ୍ର ଯୁବ ବୃତ୍ତିଧାରୀମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରୟୋଗ କରି କ୍ଷୁଦ୍ର ଶିଳ୍ପଗୁଡ଼ିକୁ ଆଗକୁ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ଟେକ୍‌ନିକାଲ ଅଧିବେସନରେ ଏନ୍‌ଏସ୍‌ଆଇସିର ଅଞ୍ଚଳ ମହାପ୍ରବନ୍ଧକ ମନୋଜ ମୋହନ ସିହ୍ନା ଏବଂ ଉପ-ମହାପ୍ରବନ୍ଧକ ସିଏମ୍‌ଏ କମଳଲୋଚନ ନାୟକ ବ୍ୟବସାୟିକ ଆହ୍ୱାନ ଓ ସୁଯୋଗଗୁଡ଼ିକ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଚାପ୍‌ଟର ଅଧ୍ୟକ୍ଷ ସିଏମ୍‌ଏ ଅବିନାଶ କୋଟ୍‌ନୀଙ୍କ ସ୍ୱାଗତ ଭାଷଣ ଏବଂ କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ଜେନାଙ୍କ ଧନ୍ୟବାଦ ଅର୍ପଣ ସହ ସମ୍ମିଳନୀଟି ସଫଳତାର ସହ ସମାପ୍ତ ହୋଇଥିଲା। ଏହି ସମ୍ମିଳନୀ ଓଡ଼ିଶାର ଶିଳ୍ପ ଜଗତରେ ଏକ ନୂତନ ଉର୍ଜା ସଞ୍ଚାର କରିବା ସହ ଆଗାମୀ ଦିନରେ ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଭାରତ ଗଠନର ପଥକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

### 'ଓଡ଼ିଶା ଯାତ୍ରୀ ସୁରକ୍ଷା...

ଗାଡ଼ି ଭିତରେ କିଛି ଅସୁବିଧା ହେଲେ, ସମସ୍ତଙ୍କ ପାଇଁ ଏପରି ଏକ ସୁରକ୍ଷା ବ୍ୟବସ୍ଥା ରହିବା ଉଚିତ୍ ଯାହା ପ୍ରକୃତ ବିପଦ ସମୟରେ କାର୍ଯ୍ୟକାରୀ ହୋଇପାରିବ। ଯାତ୍ରୀ ନିରାପଦରେ ପହଞ୍ଚିବା ପରେ ଆଲର୍ଟ ବନ୍ଦ କରିବା ପାଇଁ 'ମାର୍କ ରାଇଡ୍ ଏଜ୍ ସେଫ୍' ସୁବିଧା ତୁରନ୍ତ ଯୋଗାଯୋଗ ପାଇଁ ଗୋଟିଏ ସ୍ଥାନରେ ଜରୁରୀକାଳୀନ ହେଲ୍‌ପଲାଇନ୍ ନମ୍ବରଗୁଡ଼ିକର ଉପଲବ୍ଧତା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଯାତାୟାତକୁ ଅଧିକ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସମାବେଶୀ କରିବା, ବିଶେଷ କରି ମହିଳା, ବରିଷ୍ଠ ନାଗରିକ ଏବଂ ଅନ୍ୟାନ୍ୟ ସଂବେଦନଶୀଳ ଯାତ୍ରୀଙ୍କ ପାଇଁ।ଏହି ଆପ୍‌ର ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ନାଗରିକ-ଅନୁକୂଳ ଏବଂ ସମୃଦ୍ଧ ସହର ଗଠନ ପାଇଁ ସୁରକ୍ଷିତ, ସୁଗମ ଓ ନିର୍ଭରଯୋଗ୍ୟ ଯାତାୟାତ ଅତ୍ୟନ୍ତ ଆବଶ୍ୟକ। ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି କରିବା ଏବଂ ପ୍ରତ୍ୟେକ ନାଗରିକ, ବିଶେଷ କରି ପ୍ରତ୍ୟେକ ମହିଳା ଯେପରି ସ୍ୱାଧୀନ ଭାବରେ ଓ ବିନା ଭୟରେ ଯାତ୍ରା କରିପାରିବେ, ତାହା ନିଶ୍ଚିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯିବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଏହି ପଦକ୍ଷେପ ନାଗରିକଙ୍କ ସୁରକ୍ଷା, ସମ୍ମାନ ଏବଂ ସୁବିଧାକୁ କେନ୍ଦ୍ର କରି ଏକ ଆଧୁନିକ ନଗର ଯୋଗାଯୋଗ ବ୍ୟବସ୍ଥା ବିକଶିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ଯାତ୍ରୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ନାଗରିକମାନଙ୍କୁ, ବିଶେଷ କରି ମହିଳା ଓ ଯୁବବର୍ଗଙ୍କୁ ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ବ୍ୟବହାର କରିବା ସହ ଏହାର ସୁରକ୍ଷା ଫିଚରଗୁଡ଼ିକ ବିଷୟରେ ଅବଗତ ହେବାକୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ କିପରି ଯାତ୍ରୀମାନଙ୍କ ହାତରେ ସିଧାସଳଖ ତୁରନ୍ତ ସହାୟତା ଏବଂ ଜରୁରୀକାଳୀନ ସୁରକ୍ଷା ସୁବିଧା ପହଞ୍ଚାଉଛି, ସେ ସମ୍ପର୍କରେ ସେ ଆଲୋକପାତ କରିଛନ୍ତି। ଓଡ଼ିଶା ଯାତ୍ରୀ ଏକ ସମନ୍ୱିତ ପରିବହନ ପ୍ଲାଟଫର୍ମ ଭାବରେ ଉଭା ହେଉଛି, ଯାହା ରାଇଡ୍ ବୁକିଂ, ଆମ ବସ୍ ସେବା, ଫାଷ୍ଟଟିକେଟ୍ ସ୍ୱଟ୍ ବୁକିଂ ଏବଂ ବୋଟିଂ ସୁବିଧା ଭଳି ଏକାଧିକ ସେବା ଯୋଗାଇ ଦେଉଛି। ଏହି ନୂତନ ଏବଂ ଉନ୍ନତ ସୁରକ୍ଷା ମୋଡ୍ୟୁଲ୍ ସଂଯୋଗ ହେବା ଦ୍ୱାରା, ଏହି ପ୍ଲାଟଫର୍ମ ସମଗ୍ର ଓଡ଼ିଶାରେ ଏକ ସୁବିଧାଜନକ, ସୁଲଭ ଏବଂ ସୁରକ୍ଷିତ ଯାତ୍ରା ଅନୁଭୂତି ପ୍ରଦାନ କରିବାର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରୁଛି। ନୂତନ ସୁରକ୍ଷା ଫିଚରଗୁଡ଼ିକର ସୁବିଧା ନେବା ପାଇଁ ନାଗରିକମାନେ 'ଓଡ଼ିଶା ଯାତ୍ରୀ ଆପ୍' ଡାଉନଲୋଡ୍ କିମ୍ବା ଆପଡେଟ୍ କରିପାରିବେ।

### ଢେଙ୍କାନାଳ ଚାଷୀଙ୍କୁ ମିଳିଲା...

ଜୀବିକା ପାଇଁ ସରକାର ନିରନ୍ତର ସହାୟତା ଯୋଗାଇ ଆସୁଛନ୍ତି ବୋଲି ସେ କହିଥିଲେ।

୨୦୨୬-୨୭ ରବି ଋତୁ ପୂର୍ବରୁ ଚାଷୀମାନଙ୍କୁ ଆବଶ୍ୟକ କୃଷି ସାମଗ୍ରୀ କ୍ରୟ ଏବଂ କୃଷି ଓ ଆନୁଷଙ୍ଗିକ ଜୀବିକାରେ ସହାୟତା ଯୋଗାଇବା ଏହି କିସ୍ତି ପ୍ରଦାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଅଧିକାରୀ ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ମାଧ୍ୟମରେ ଉପସ୍ଥିତ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଥିଲେ।

## ଏମଏମଡ଼ିଆର୍ ସଂଶୋଧନ ନହେଲେ ଗୃହ ଅଚଳ କରିବୁ - ତାରାପ୍ରସାଦ ବାହିନୀପତି

ଦଶମନ୍ତପୁର, ୪/୯(କଇନ ଗରଡ଼ା) କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦରରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ଏମଏମଡ଼ିଆର୍ ସଂଶୋଧନ ଅଧିନିୟମ କୁ ପ୍ରତ୍ୟାହାର କରିବା ନିମନ୍ତେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ଯୋଗଦେଇଥିବାବେଳେ ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡ଼ାମ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ହୋଇଥିଲେ। ସଦର ସ୍ଥିତ ପେଟ୍ରୋଲପମ୍ପ ନିକଟରେ ସମସ୍ତ ଅତିଥିଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇ ସେଠାରୁ ବିଶାଳ ଶୋଭାଯାତ୍ରାରେ ନାରାବାଜି ସହ ଢ଼େମସା ନୃତ୍ୟରେ ସହର ପରିକ୍ରମା କରି ଶୁକ୍ରବାର ସାପ୍ତାହିକ ହାଟରେ ଅତିଥି ମାନେ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ।



ପ୍ରଥମେ ସ୍ଥାନୀୟ ବିଧାୟକ ପବିତ୍ର ସାଉଁନ୍ତା ନିଜ ଅଭିଭାଷଣରେ ଏମଏମଡ଼ିଆର୍ ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ବିଧାୟକ ଦଳ ନେତା ଶ୍ରୀ କାଡ଼ାମ ଖଣିଜ ସମ୍ପଦରେ ଭରପୁର ଓଡିଶା କୁ କେନ୍ଦ୍ର ସରକାର ବହୁତବଡ଼ ଧକ୍କା ଦେଇଛନ୍ତି ଓ ବିଧାନସଭାରେ ବିଲ ପାରିତ କରି ଝାଡ଼ଖଣ୍ଡ, ଛତିଶଗଡ ନିଜ ହକ ନେଇଗଲେ କିନ୍ତୁ ଆମ ଓଡିଶା ଏହା ନେଇପାରିଲା ନାହିଁ ଯାହାଦ୍ୱାରା କି ଆମେ ୧ଲକ୍ଷ୧୦ହଜାର କୋଟି ହରେଇଲୁ ବାର୍ଷିକ ଯାହା ପାଉଥିଲୁ ସେଥିରୁ ଆମେ ବଞ୍ଚିତ ହେବୁ ବୋଲି କହିଥିଲେ ସେହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରଥମେ କଂଗ୍ରେସ ସରକାରରେ ମନ୍ତ୍ରୀଥିବା ସର୍ଗତ ରାମଚନ୍ଦ୍ର ଉଲାକାଙ୍କ ସମୟରେ ଦଶମନ୍ତପୁର ଅଞ୍ଚଳର ମୁଖ୍ୟ ରାସ୍ତା,ଆବାସିକ ବିଦ୍ୟାଳୟ ମାନଙ୍କରେ ଭିତ୍ତିପ୍ରସ୍ତର ସ୍ଥାପନ କଥା ସମସ୍ତଙ୍କ ଦୃଷ୍ଟିଗୋଚର କରି କଂଗ୍ରେସ ସରକାରରେ ଦଶମନ୍ତପୁର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଥିବା କଥା କହିଥିଲେ ଓ ଶିକ୍ଷିତ ଯୁବକ ଯୁବତୀ ସଚେତନ ହୋଇ ସହଯୋଗ କରନ୍ତୁ ଯଦି ସରକାର ଏହି ବିଲକୁ ପ୍ରତ୍ୟାହାର ନ କରନ୍ତି ତେବେ ଆସନ୍ତା ବିଧାନସଭାରେ ଆମେ ଗୃହ ଅଚଳ କରିବୁ ବୋଲି ନିଜ ବକ୍ତବ୍ୟରେ ଶ୍ରୀ ବାହିନୀପତି କହିଥିଲେ। ଶେଷରେ ମୁଖ୍ୟ ଅତିଥି ସାଂସଦ ସପ୍ତଗିରି ଉଲାକା କହିଥିଲେ ଯେ ଜନସାଧାରଣ ପୁଣି ଛାତ୍ର ଛାତ୍ରୀଙ୍କ ହକ ଏବଂ ବିଭିନ୍ନ ସମସ୍ୟା କୁ ନେଇ ସଦାସର୍ବଦା ଆମ ନେତା ରାହୁଲ ଗାନ୍ଧୀ ଲଢେଇ କରିଆସୁଛନ୍ତି ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ମୋହନ ପାତ୍ର ହିଆଲ, ସାଂସଦ ପ୍ରତିନିଧି ଗଜେନ୍ଦ୍ର ହୁଇକା,ବ୍ଲକ ସମ୍ପାଦକ ଦିଲ୍ଲୀପ ବାଘ, ସହ ସମ୍ପାଦକ ହେମନ୍ତ ପାତ୍ର,ହେମନ୍ତ ଖରା, ପଙ୍କଜ ବାଘ, ମଣ୍ଡଳ ସଭାପତି ତ୍ରିନାଥ ବିଶୋଇ, ଯୁବନେତା ମଣ୍ଟି ଖୋରା, ଯୁବନେତା ଅଶୋକ ଖୋସ୍ଲା,ପଙ୍କଜ ବାଘ,ଦେବେନ୍ଦ୍ର କୁଳଦୀପ, ବାଲୁଙ୍କେଶ୍ୱର ନାୟକଙ୍କ ସମେତ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ଚଞ୍ଚଳା ଅତିଥି ଭବନର ଶୁଭ ଉଦ୍‌ଘାଟନ କଲେ ବିଧାୟକ



ଆଠଗଡ଼,୪/୯(ଅକ୍ଷର ଓଡ଼ିଶା)ବଡ଼ମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ନିକଟସ୍ଥ ଚଞ୍ଚଳା ଅତିଥି ଭବନର ଶୁଭ ଉଦ୍‌ଘାଟନ ଆଜି କରାଯାଇଛି। ଏହି ଅବସରରେ ବିଧାୟକ ଦଳବେହେରାଙ୍କ ସହିତ ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୂଦତ୍ତ ପଟ୍ଟନାୟକ, ଆତ୍ମା କମିଟିର ଅଧ୍ୟକ୍ଷ ମହେନ୍ଦ୍ର ପଢିଆରି, ଗୁରୁଜୀ କଳିଙ୍ଗ କେଶରୀ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ୩୧ନମ୍ବର ଜୋନ୍ ଜିଲ୍ଲା ପରିଷଦଙ୍କ ପ୍ରତିନିଧି ମଙ୍ଗୁଳି ଚରଣ ସାହୁ, ଯୋଡୁମ୍ବ ଗ୍ରାମପଞ୍ଚାୟତ ସରପଞ୍ଚ କମଳ ଲୋଚନ ସଂଗ୍ରାମ ସିଂ, ସମାଜସେବୀ ଜିତୁ ପଟ୍ଟନାୟକ, ବନମାଳୀପୁର୍ ଗ୍ରାମପଞ୍ଚାୟତର ବରିଷ୍ଠ ନେତୃତ୍ୱ ମନୋଜ୍ କୁମାର ଲେଙ୍କା, ଯୁବ ନେତୃତ୍ୱ ସାନଭାଇ ରାଜେଶ ଓ ବରିଷ୍ଠ ନେତୃତ୍ୱ ବୃନ୍ଦ ଉପସ୍ଥିତ ଥିଲେ।

## ଭାଟକୁମରଡ଼ା ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଜୋନାଲ ସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ

ପୁରୁଷୋତ୍ତମପୁର, ୦୪/୦୯ (ପ୍ରସନ୍ନ କୁମାର ଦାଶ): ଭାଟକୁମରଡ଼ା ସ୍ଥିତ ପି.ଏମ. ଶ୍ରୀଶ୍ରୀ ନରସିଂହ ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବାଘଳା, ଭାଟକୁମରଡ଼ା ଓ ଷୋଳଘର ଏହି ତିନି କ୍ଲଷ୍ଟରର ସମସ୍ତ UPS, HS, HSS ଏବଂ OAVର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜୋନାଲ ସ୍ତରୀୟ କ୍ରୀଡାପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭାଟକୁମରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରି ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇ ଜୀବନ ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସରପଞ୍ଚ ଶ୍ରୀମତୀ ମନମୋହିନୀ ପୋଲାଇ ଏବଂ ABEO ଭକ୍ତ ବତ୍ସଳ ଜାନି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ଫ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭାଟକୁମରଡ଼ା SBIର ଶାଖା ପରିଚାଳକ ଦୁଷ୍ମନ୍ତ କୁମାର ନାୟକ କ୍ୟାସିଅର ଜୟ ପ୍ରକାଶ ବେହେରା , PHEO ଶ୍ରୀମତୀ ନମିତା ପାତ୍ର,ହେଲଥ ସୁପରଭାଇଜର ଲିଙ୍ଗରାଜ ବେହେରା, ସିଆରସିସି ଏସ.ଲକ୍ଷ୍ମୀ ନାରାୟଣ ପାତ୍ର, ପ୍ରତାପ ଚନ୍ଦ୍ର ପଣ୍ଡା, ସୁଶାନ୍ତ ପୋଲାଇ, କ୍ଲଷ୍ଟର ର ସମସ୍ତ ଟଚଝ, HSର ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଜୋନ ର ତିନି କ୍ଲଷ୍ଟରରୁ ପ୍ରାୟ ୩୫୦ ଜଣ ପ୍ରତିଯୋଗୀ ଙ୍କଭୟରକ୍ସ ୧୪ ଓ ଙ୍କଭୟରକ୍ସ ୧୭ ଏହି ଦୁଇ ବର୍ଗରେ ବିଭିନ୍ନ ପ୍ରକାର କ୍ରୀଡାରେ ଭଗନେଇଥିଲେ। ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଖେଳ ସବୁକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ସମ୍ପାଦନରେ ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବାସନ୍ତି ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସଫଳତାର ସହ ବହୁତ ସୁନ୍ଦର ଭାବରେ ସମ୍ପାଦିତ ହୋଇଥିଲା।

## ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ସରସ୍ୱତୀ ଶିଶୁବିଦ୍ୟା ଭବନରେ ପାଳିତ

ବେଲଗୁଣ୍ଠା, ୪/୦୯ (ଅକ୍ଷର ଓଡିଶା) : ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାମୀ ସତ୍ୟାନନ୍ଦ ଗିରି କେନ୍ଦ୍ରିୟ ମାର୍ଗଦର୍ଶକ ବିଶ୍ୱ ହିନ୍ଦୁ ପରିଷଦ ତଥା ଅଖିଳ ଭାରତ ସନ୍ଥ ସମିତି ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଉପସ୍ଥିତ ରହି ଭଗବାନ ଶ୍ରୀକୃଷ୍ଣ ମହିମା ସହିତ ସମସ୍ତ ଶିଶୁ ଶ୍ରୀକୃଷ୍ଣଭଳି ଆଦର୍ଶବାନ୍ ମହାନ ହେବ। କଥା ଉପଦେଶାତ୍ମକ ବକ୍ତବ୍ୟ ପ୍ରଧାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସୂର୍ଯ୍ୟନାରାୟଣ ପାତ୍ର ବିଦ୍ୟାଳୟର ସଂପାଦକ ଉପସ୍ଥିତ ରହି ପବିତ୍ର ଜନ୍ମାଷ୍ଟମୀ ପାଳନର ମହତ୍ୱ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ସୁରେଶ ଚନ୍ଦ୍ର ମହାପାତ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଅଜିତ୍ କୁମାର ପଣ୍ଡା ଶିକ୍ଷକ ତଥା ହାସ୍ୟ ଅଭିନେତା ଉପସ୍ଥିତ ରହିଥିଲେ। ପ୍ରମୋଦ ଗୁରୁଜୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶିବରାମ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାରମ୍ଭଠାରୁ ୨ୟ ଶ୍ରେଣୀ ପର୍ଯ୍ୟନ୍ତ ଶାଖା ବିଦ୍ୟାଳୟର ବିଡ଼ିପୁର ତନରଡ଼ା ଓ ଇଙ୍ଗନାଠୀ ର ପ୍ରାୟ ୨୦୦ ରୁ ଅଧିକ ଶିଶୁ ରାଧା, କୃଷ୍ଣ, ବଳରାମ ବେଶ ପଢ଼ି ଆସିଥିଲେ। ସେମାନଙ୍କମଧ୍ୟରେ ବେଶ ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ସାର ଓ କୀଟନାଶକ ଔଷଧ ଦୋକାନରେ ଚଢ଼ଉ

ଚାରିଛକ,୦୪/୦୯(ସନ୍ତୋଷ କୁମାର ଭୋଳ) : ଗୁରୁବାର ପୁରୀ ଜିଲ୍ଲା କୃଷି ବିଭାଗ ତରଫରୁ ଚାରିଛକ ଅଞ୍ଚଳର ସାର ଓ କୀଟନାଶକ ଡିଲରମାନଙ୍କ ଉପରେ ଚଢ଼ଉ କରାଯାଇଥିଲା। ଲାଇସେନ୍ସ, ଗଚ୍ଛିତ ସାର, ଔଷଧ, ପିଓଏସ୍ ମେସିନ ଆଦି ଯାଞ୍ଚ କରାଯାଇଥିଲା। ଅମରେଶ୍ୱର ବଜାର, ଚାରିଛକ ବଜାର, ତୁଳସୀପୁର ବଜାରର ବିଭିନ୍ନ ଦୋକାନରେ ଏହି ଯାଞ୍ଚ କରାଯାଇ ଅନୁମୋଦିତ ସମୟ ମଧ୍ୟରେ ତ୍ରୁଟି ସଂଶୋଧନ ନ କଲେ ଲାଇସେନ୍ସରଦ୍ଦ କରାଯିବା ନିମନ୍ତେ ତାଗିଦ୍ କରାଯାଇଥିଲା ଓ ଏହି ଚଢ଼ଉ ସମୟରେ ପୁରୀ ଜିଲ୍ଲା କୃଷି ଅଧୂକାରୀ ଓରୀ ପୀୟୂଷ ପଲ୍ଲବ ପରିଡ଼ା ଓ ଜି.ଶ୍ୱେତାଙ୍କ ନେତୃତ୍ୱରେ ନିମାପଡ଼ା ବ୍ଲକ୍ କୃଷି ଅଧୂକାରୀ ପ୍ରିୟବ୍ରତ ପୃଷ୍ଟି, ସହକାରୀ କୃଷିଅଧୂକାରୀ ପ୍ରିତିଶପଟ୍ଟ ନାୟକ, ବିଟିଏମ୍ ଶ୍ରୀକାନ୍ତ ବଢ଼େଇ ଓ ଗୋପ ସହକାରୀ କୃଷି ଅଧିକାରୀ ରଶ୍ମି ରଞ୍ଜନ ପରିଡ଼ା ପ୍ରମୁଖ ସାମିଲ୍ ଥିଲେ।



## କେନ୍ଦ୍ରାପଡ଼ାରେ ପାଳିତ ହେଲା ଧର୍ମ ରକ୍ଷା ଦିବସ

କେନ୍ଦ୍ରାପଡ଼ା, ୪/୯:(ଅଲେଖ ନାୟକ )- କେନ୍ଦ୍ରାପଡ଼ା ଇଚ୍ଛାପୁର ଯାତ୍ରୀ ନିବାସ ପରିସରରେ ଧର୍ମ ରକ୍ଷା ଦିବସ ଅବସରରେ ବ୍ରହ୍ମଲୀନ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ବଳିଦାନ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଧର୍ମ, ସଂସ୍କୃତି, ସମାଜ ଓ ଆଧାତ୍ମିକ କ୍ଷେତ୍ରର ବିଭିନ୍ନ ବ୍ୟକ୍ତିବିଶେଷ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ କରିଥିଲେ। ସମାରୋହରେ ଶିବାନନ୍ଦ ଆଶ୍ରମ, ଗରାପୁରର ସାଧ୍ୱୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, କଥାକାର ତଥା ରାମଚରିତମାନସ ପଣ୍ଡିତ ହୃଷିକେଶ ରଥ, ଧ୍ରୁବଚରଣ ବେହେରା, ଚକାପାଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ ଏବଂ ବିଶିଷ୍ଟ ସମାଜସେବୀ ସ୍ୱାମୀ ବିଶ୍ୱସ୍ୱରୂପାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଧାର୍ମିକ, ସାମାଜିକ ଓ ଆଧାତ୍ମିକ ଅବଦାନ ଉପରେ ଆଲୋକପାତ କରିବା ସହ ଧର୍ମ ଓ ସଂସ୍କୃତିର ସୁରକ୍ଷା ଦିଗରେ ସମାଜର ଭୂମିକା ସମ୍ପର୍କରେ ମତ ରଖିଥିଲେ। ସ୍ୱାମୀଜୀଙ୍କ ଆଦର୍ଶ ଓ ସେବାମୂଳକ କାର୍ଯ୍ୟକୁ ସ୍ମରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ, ଆୟୋଜକ ଓ ବିଭିନ୍ନ ବର୍ଗର ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଓ ତାଙ୍କ ଆଦର୍ଶକୁ ସ୍ମରଣ କରି ଆୟୋଜିତ ଏହି ସମାରୋହ ଧର୍ମ, ସଂସ୍କୃତି ଓ ସାମାଜିକ ମୂଲ୍ୟବୋଧ ପ୍ରତି ସଚେତନତାର ବାର୍ତ୍ତା ଦେଇଥିଲା।



## ନୂଆପଡ଼ାର ୯୮,୧୧୨ ହିତାଧିକାରୀଙ୍କୁ ମିଳିଲା ୧୯.୬୯ କୋଟିରୁ ଅଧିକ ସହାୟତା

ନୂଆପଡ଼ା, ୦୪/୦୯( ଅକ୍ଷର ଓଡିଶା ) ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ 'ସିଏମ୍ କିଷାନ' ଯୋଜନା ଅଧୀନରେ ୨୦୨୬-୨୭ ରବି ଋତୁ ପାଇଁ ୫ମ କିସ୍ତି ସହାୟତା ରାଶି ଚାଷୀଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ, ଓୟୁଏଟିଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସହାୟତା ରାଶିର ଡିବିଟି ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ପର୍ଯ୍ୟାୟରେ ରାଜ୍ୟର ୪୧ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ବିଶେଷ ଭାବେ ଅନୁନ୍ନତ ଜନଜାତି ବର୍ଗ ଏବଂ ଭୂମିହୀନ କୃଷକ ପରିବାର ଉପକୃତ ହୋଇଛନ୍ତି। ଏଥିପାଇଁ ୮୩୩ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି।ଏହି




ଅବସରରେ ନୂଆପଡ଼ା ଜିଲ୍ଲାର ସିଲ୍ଡାସ୍ଥିତ ଡିପିଆରସି ଭବନଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ନୂଆପଡ଼ା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ୍, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂହ ମାଝୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଣତି ରାଣୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କୃଷକ ହିତାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ନୂଆପଡ଼ା ଜିଲ୍ଲାରେ 'ସିଏମ୍ କିଷାନ' ଯୋଜନାରେ ୯୭,୮୦୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧୯ କୋଟି ୫୬ ଲକ୍ଷ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୩୧୧ ଜଣ ଭୂମିହୀନ କୃଷକ ପରିବାରଙ୍କୁ ୧୩ ଲକ୍ଷ ୨୭ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି। ଉଭୟ ବର୍ଗକୁ ମିଶାଇ ଜିଲ୍ଲାର ମୋଟ ୯୮,୧୧୨ ଜଣ ହିତାଧିକାରୀଙ୍କ ଖାତାକୁ ୧୯ କୋଟି ୬୯ ଲକ୍ଷ ୨୯ ହଜାର ୫୦୦ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି।

''ଗୌରବଂ ପ୍ରାପ୍ୟତେ ଦାନାନ୍ନତୁ ବିତ୍ତସ୍ୟ ସଂଚୟାତ୍।
ସ୍ଥିତିରୁଚ୍ଚୈଃ ପ୍ରୟୋଦାନାଂ ପ୍ରୟୋଧୀନାମଧଃ ସ୍ଥିତିଃ।

ଭାବାର୍ଥ | ଧନ ସଞ୍ଚିଲେ ନ ବଢ଼େ ସମ୍ମାନ ବଢ଼େ ଗଉରବ କରିଲେ ଦାନ।
ଜଳ ଦାନ ଦ୍ୱାରା ମେଘ ଉଚ୍ଚରେ ସଞ୍ଚୟ ହେତୁ ସାଗର ନୀଚରେ।


ଶନିବାର ୫।୯।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା





**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଜେଲଗୁଡ଼ିକରେ ସ୍ୱାସ୍ଥ୍ୟ ସମସ୍ୟା

ଭାରତୀୟ ଜେଲଗୁଡିକରେ କଏଦୀଙ୍କ ଭିଡ ବା ଗହଳି କାହାରିକୁ ବୋଧହୁଏ ଅଛପା ନାହିଁ। ଯାହାକି ଏକ ଗୁରୁତର ସଂକଟ ଭାବେ ଉଭା ହୋଇଛି। ଦେଶର ୧୩୩୨ଟି ଜେଲରେ ଏବେ ୫,୩୦,୩୩୩ଜଣ କଏଦୀ ଅଛନ୍ତି। ଏହି ଜେଲଗୁଡିକରେ ୪,୩୯,୧୧୯ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଥିବାବଳେ ପ୍ରାୟ ଏକଲକ୍ଷ ଅର୍ଥାତ ୨୦.୮ ପ୍ରତିଶତ ଅଛନ୍ତି। ଏହି କଏଦୀ ମଧ୍ୟରେ ୭୪ ପ୍ରତିଶତ ହେଉଛନ୍ତି ବିଚାରାଧୀନ। ସେହିପରି ଆମ ରାଜ୍ୟରେ ୮୬ଟି ଜେଲରେ ୧୮,୧୭୬ ଜଣ କଏଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪,୧୩୬ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବାବଳେ ୧୪,୦୪୦ ଜଣ ହେଉଛନ୍ତି ବିଚାରାଧୀନ। ରାଜ୍ୟରେ ଜେଲଗୁଡିକରେ ମୋଟ ୨୪,୧୮୯ ଜଣ କଏଦୀ ରହିବା ବ୍ୟବସ୍ଥା ଥିବାବଳେ ଜେଲ ଅନ୍ତେବାସୀଙ୍କ ସଂଖ୍ୟା ଏହାଠାରୁ କମ ରହିଛି। କିନ୍ତୁ ରାଜ୍ୟରେ ଥିବା ସ୍ୱତନ୍ତ୍ର ଜେଲଗୁଡିକରେ କଏଦୀଙ୍କ ଭିଡ ଉଦ୍‌ବେଗଜନକ। କହିବା ବାହୁଲ୍ୟ ଯେ, ଭାରତୀୟ ଜେଲଗୁଡିକରେ କଏଦୀଙ୍କ ଗହଳି ଥିବାବଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଚନ୍ତି । ଜନକ ସ୍ଥିତିରେ ରହିଛି। ବୋଧହୁଏ ଏଇଥିପାଇଁ ଭାରତୀୟ ଜେଲଗୁଡକି ବଖି ଯାତ। ଜେଲଗୁଡିକରେ ଦୁର୍ବଳ ଭିତିଭୂମି ଏବଂ ସ୍ୱାସ୍ଥ୍ୟ ସାଧାରଣତଃ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ନହେବା ପର୍ଯ୍ୟନ୍ତ ସେମାନଙ୍କ ଅଣଦେଖା ମୁଖ୍ୟ କାରଣ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ଜଣେ କଏଦି କେବହଲେ ସ୍ୱାସ୍ଥ୍ୟ ଅଧିକାର ହରାଏ ନାହିଁ। ଅଦାଲତ ଏହା ଉପରେ ବାରମ୍ବାର ଗୁରୁତ୍ୱ ଦେଇ ଆସିଛନ୍ତି। ତଥାପି ଏଥିପ୍ରତି ଜେଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନଥିବା କୁହାଯାଏ। ଜଳପାଇଗୁଡି କେନ୍ଦ୍ରୀୟ ସୁଧାର ଗୃହରେ ଗତ ୨୦୨୫ ଅଗଷ୍ଟ ୨୦ତାରିଖରୁ ୨୦୨୬ ମାର୍ଚ୍ଚ ୯ତାରିଖ ମଧ୍ୟରେ ୯୨ଜଣ ଅନ୍ତେବାସୀ ମାରତ୍ମକ ହରପିସ୍ ସିମ୍ପ୍ଲେସ୍ ଭାଇରସ (ଏଚଏସଭି) ରୋଗରେ ଆକ୍ରାନ୍ତ, ଯେଉ ରୋଗରେ ଆକ୍ରାନ୍ତର ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ଦେଖାଯାଇଥାଏ। ଏଥିରେ ଆକ୍ରାନ୍ତ ୭ଜଣ ରୋଗୀଙ୍କର ମୃତ୍ୟୁ ଘଟିଥଲି ।। ଏଚଏସଭି ଏକ ସାଧାରଣ ରୋଗ। କିନ୍ତୁ ସ୍ୱାସ୍ଥ୍ୟ ବିଶାରଦମାନେ କହନ୍ତି ଯେ, ଭିଡ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଓ ଦୁର୍ବଳ ସ୍ୱସ୍ଥ୍ୟସେବା ଯୋଗୁଁ ଏହି ରୋଗ ବ୍ୟାପିଥାଏ। ଶେଷରେ ଏହି ରୋଗ ମସ୍ତିଷ୍କ ପ୍ରବାହ ବା ଏନସେଫାଲାଇଟସ୍ରେ ରୂପନ୍ତରିତ ହୋଇଥାଏ। ଯାହାକି ଅତ୍ୟନ୍ତ ମାରାତ୍ମକ ରୋଗ ବୋଲି କୁହାଯାଏ। ସୁଧାର ଗୃହରେ ଅନ୍ତେବସୀଙ୍କ ସଂଖ୍ୟା ଭିଡ ଏହି ରୋଗ ଉତ୍ପତିର ମୁଖ୍ୟ କାରଣ ଥିବା କୁହାଯାଇଛି। ଭାରତୀୟ ଜେଲ ପରିସଂଖ୍ୟାନ ରିପୋର୍ଟ-୨୦୨୩ରେ କୁହାଯାଇଛି ଯେ, ପଶ୍ଚମମବଙ୍ଗରେ ସାଧାରରତଃ ବହୁ ଜେଲରେ ଅନ୍ତେବାସୀଙ୍କ ସଂଖ୍ୟା ୧୬୦ ପ୍ରତିଶତରୁ ଅଧିକ ଥିବା ବେଳେ କାଣ୍ଡି ସବ୍ ଜେଲରେ ସମାର୍ଥ୍ୟ ଠାରୁ ୪୦୦ ପ୍ରତିଶତ କଏଦୀ ସଂଖ୍ୟା ପହଁଚିଥିଲା। ସେହିପରି କେରଳର ବହୁ ଜେଲରେ ସ୍ଥାନାଭାବ ଯୋଗୁଁ କଏଦୀମାନେ ଚର୍ମ ରୋଗରେ ସଂକ୍ରମିତ ହୋଇଥିଲେ। ବହୁ, ପ୍ରସାରିତ ସ୍ୱାସ୍ଥ୍ୟ ପତ୍ରିକା ଲାନ୍ସେଟରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ଜେଲଗୁଡିକରେ ସାଧାରଣ ଜନବହୁଳତା ତୁଳନାରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଅଧିକ।

ନାଗପୁର ଓ ଇନ୍ଦୋର କେନ୍ଦ୍ରୀୟ ଜେଲରେ ମହାମାରୀ କୋରୋନା ସଂକମ୍ର ଣ ଉଦ୍ବେଗଜନକ ପରିସ୍ଥିତି ସୃଷ୍ଟି କରିଥିଲା। ସେହିପରି ଇଣ୍ଡିଆ ଜଷ୍ଟିସ ରିପୋର୍ଟ-୨୦୨୫ ଅନୁଯାୟୀ ଭାରତୀୟ ଜେଲଗୁଡିକରେ ଅନ୍ତେବାସୀଙ୍କ ମଧ୍ୟରେ ଏଚଆଇଭରି ବ୍ୟାପକତା ଜାତୀୟ ହାରଠାରୁ ଅଧକ୍। ଚକିସ୍ତିତ୍ ଉପକରଣରେ ଅଭାବ ଏବଂ ଉପକରଣଗୁଡିକର ମିଳିତ ବ୍ୟବହାର ଏଡସ୍ ବା ଏଚଆଇଭି ସଂକ୍ରମଣର ମୁଖ୍ୟ କାରଣ ବୋଲି ରିପୋର୍ଟରେ କୁହାଯାଇଛି। ଭାରତୀୟ ଜେଲଗୁଡିକରେ କଏଦୀମାନଙ୍କର ପ୍ରବଳ ଗହଳି କେବଳ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇ ନାହିଁ, ସେମାନଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। ଜେଲରେ କଏଦୀ ସ୍ୱାସ୍ଥ୍ୟରକ୍ଷା ଓ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ସତ୍ତ୍ୱେ ପ୍ରବଳ ଭିଡ ଲାଗି ରହିଛି। ବିଚାରାଧୀନ କଏଦୀମାନଙ୍କୁ ତୁରନ୍ତ ଜାମିନରେ ଖଲାସ କରିବା ପାଇଁ ସୁପ୍ରିମକୋର୍ଟ ଗୁରୁତ୍ୱ ଆରୋପ କରି ଆସୁଛନ୍ତି। ଏହା ସତ୍ତ୍ୱେ ଜେଲଗୁଡିକରେ କଏଦୀଙ୍କ ସଂଖ୍ୟା ବଢିବା ନିଂ/୨ିତ ଚନ୍ତି ।ଜନକ। ଫାଷ୍ଟଟ୍ରାକ କୋର୍ଟରେ ବିଚାରାଧୀନ କଏଦୀଙ୍କ ମାମଲାର ଶୁଣାଣୀ କରାଯାଇ ତୁରନ୍ତ ଜାମିନ ପ୍ରଦାନ କଲେ, ସଂଖ୍ୟା ବଢିବ ନାହିଁ। ସେହିପରି ସାମାନ୍ୟା ଅପରାଧରେ ଜଡିତ ବ୍ୟକ୍ତିକୁ ଜେଲ ପଠାଇ ଦିଆଗଲେ ଭିଡ ସୃଷ୍ଟି ହୋଇନପାରେ।

# ଗୁରୁ ଦିବସର ଅନୁଚିନ୍ତା




**ଦାଶରଥୀ ଶତପଥୀ**
ପୂର୍ବତନ ସଚିବ, ଓଡିଶା ବିଧାନସଭା,
ଭୁବନେଶ୍ୱର, ୯୩୩୭୪୪୯୩୭୩


ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ଭାରତରେ ଗୁରୁ ଦିବସ ପାଳନ କରାଯାଏ। ଏହି ଦିନଟି ଭାରତର ଦ୍ୱିତୀୟ ରାଷ୍ଟ୍ରପତି, ପ୍ରଖ୍ୟାତ ଦାର୍ଶନିକ ଏବଂ ସର୍ବୋପରି ଜଣେ ଶିକ୍ଷକ ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଜୟନ୍ତୀକୁ ସୂଚାଏ। ୧୯୬୨ ମସିହାରେ ଯେତେବେଳେ ତାଙ୍କ ଛାତ୍ରମାନେ ତାଙ୍କ ଜନ୍ମଦିନ ପାଳନ କରିବାକୁ ଚାହିଁଥିଲେ, ଡଃ ରାଧାକୃଷ୍ଣନ୍ ଅନୁରୋଧ କରିଥିଲେ ଯେ ଏହି ଦିନଟିକୁ ସାରା ଦେଶର ଶିକ୍ଷକମାନଙ୍କ ପାଇଁ ସମର୍ପିତ କରାଯାଉ। ସେହି ଗୋଟିଏ ଅନୁରୋଧ ଭାରତକୁ ଏକ ଏପରି ପରମ୍ପରା ଦେଲା, ଯାହା ଆଜି ବି ଆମକୁ ଦେଶ ଗଠନରେ ଶିକ୍ଷକମାନଙ୍କର ମୁଖ୍ୟ ଭୂମିକା ବିଷୟରେ ସ୍ମରଣ କରାଇଦିଏ। ସାରା ବିଶ୍ୱରେ UNESCO ଅକ୍ଟୋବର ୫ ତାରିଖକୁ 'ବିଶ୍ୱ ଶିକ୍ଷକ ଦିବସ' ଭାବରେ ପାଳନ କରେ। କିନ୍ତୁ ସବୁଠାରେ ବାର୍ତ୍ତା ସମାନ ରହିଥାଏ: ସମାଜ ପ୍ରତି ଶିକ୍ଷକମାନଙ୍କର ଅବଦାନକୁ ସ୍ୱୀକୃତି ଦେବା, ସମ୍ମାନ କରିବା ଏବଂ ସେ ବିଷୟରେ ଆଲୋଚନା କରିବା।

ବିଦ୍ୟାଳୟଗୁଡ଼ିକରେ ଏହି ଦିନଟି ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ସହିତ ପାଳିତ ହୁଏ। କିନ୍ତୁ ଏହି କାର୍ଯ୍ୟକ୍ରମଗୁଡ଼ିକ ବ୍ୟତୀତ, ଗୁରୁ ଦିବସ ଆମ ସମସ୍ତଙ୍କ ପାଇଁ ଟିକିଏ ରହି ଆମ ମନ ଏବଂ ଭବିଷ୍ୟତକୁ ଗଢୁଥିବା ବ୍ୟକ୍ତିମାନଙ୍କୁ ସ୍ୱୀକାର କରିବାର ଏକ ସୁଯୋଗ। ଜଣେ ଶିକ୍ଷକଙ୍କ କାର୍ଯ୍ୟ କେବଳ ପାଠ୍ୟକ୍ରମ ଶେଷ କରିବା ମଧ୍ୟରେ ସୀମିତ ନୁହେଁ। ଶିକ୍ଷକମାନେ ଜ୍ଞାନର ଭିତ୍ତିପ୍ରସ୍ତର ସ୍ଥାପନ କରନ୍ତି। ପଢ଼ିବା, ଲେଖିବା, ଗଣିବା ଏବଂ ତର୍କ କରିବାର ଦକ୍ଷତା ଶ୍ରେଣୀଗୃହରୁ ହିଁ ଆରମ୍ଭ ହୋଇଥାଏ। ଏଗୁଡ଼ିକ କେବଳ ଶିକ୍ଷାଗତ ଦକ୍ଷତା ନୁହଁନ୍ତି, ଏଗୁଡ଼ିକ ଜୀବନ ଜିଇଁବାର ସାଧନ।

ଶିକ୍ଷକମାନେ ଚରିତ୍ର ନିର୍ମାଣ କରନ୍ତି। ବିଭିନ୍ନ ପ୍ରକାରର ମନୋଯୋଗ ଭଙ୍ଗାଉଥିବା ଜିନିଷରେ ଭରା ଏହି ଦୁନିଆରେ, ଶିକ୍ଷକମାନେ ଶୃଙ୍ଖଳା, ସହାନୁଭୂତି, ସାଧୁତା ଏବଂ ଆତ୍ମବିଶ୍ୱାସ ଶିଖାନ୍ତି। ଜଣେ ଛାତ୍ର ପରୀକ୍ଷା ପରେ ଏକ ସୂତ୍ର (formula) ଭୁଲିଯାଇପାରେ, କିନ୍ତୁ ବିଫଳତା ପରେ ତାକୁ ଉତ୍ସାହିତ କରିଥିବା କିମ୍ବା ସତ୍ୟ ପାଇଁ ଛିଡ଼ା ହେବାକୁ ଶିଖାଇଥିବା ଶିକ୍ଷକଙ୍କୁ ସେ କେବେ ଭୁଲେନାହିଁ। ଶିକ୍ଷକମାନେ ପିଢ଼ିକୁ ଯୋଡ଼ିଥାନ୍ତି। ସେମାନେ ଅତୀତର ଜ୍ଞାନ, ସଂସ୍କୃତି ଏବଂ ମୂଲ୍ୟବୋଧକୁ ଆଗକୁ ନେଇଥାନ୍ତି ଏବଂ ଆଗାମୀ କାଲିର ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରନ୍ତି। ସମ୍ବିଧାନ ବିଷୟରେ ବୁଝାଇବା ହେଉ, ଜଳବାୟୁ ପରିବର୍ତ୍ତନ ବିଷୟରେ ଆଲୋଚନା କରିବା ହେଉ କିମ୍ବା ବୈଜ୍ଞାନିକ ମନୋଭାବକୁ ଉତ୍ସାହିତ କରିବା ହେଉ, ଶିକ୍ଷକମାନେ ଛାତ୍ରମାନଙ୍କୁ ସମାଜରେ ସେମାନଙ୍କର ଭୂମିକା ବୁଝିବାରେ ସାହାଯ୍ୟ କରନ୍ତି। ଶେଷରେ, ଶିକ୍ଷକମାନେ ସମୟ ସହିତ ନିଜକୁ ବଦଳାନ୍ତି। କଳାପଟାରୁ ସ୍ମାର୍ଟ କ୍ଲାସରୁମ୍, ପାଠ୍ୟପୁସ୍ତକରୁ ଡିଜିଟାଲ୍ ସାଧନ ପର୍ଯ୍ୟନ୍ତ - ଶିକ୍ଷକମାନେ କ୍ରମାଗତ ଭାବରେ ବିକଶିତ ହୋଇଛନ୍ତି। କୋଭିଡ୍-୧୯ ମହାମାରୀ ସମୟରେ, ଶିକ୍ଷା ଯେପରି ଅଟକି ନଯାଏ ତାହା ନିଶ୍ଚିତ କରିବା ପାଇଁ ଶିକ୍ଷକମାନେ ମାତ୍ର କେଇ ସପ୍ତାହ ମଧ୍ୟରେ ନୂତନ ପ୍ରଯୁକ୍ତିବିଦ୍ୟା ଶିଖିଥିଲେ। ସେହି ସମର୍ପଣ ଆମର ଗଭୀର ସମ୍ମାନର ଯୋଗ୍ୟ। ଗୁରୁ ଦିବସ ପାଳନ କରିବା ସମାଜ ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ପୂରଣ କରେ-ଆମେ କହିପାରିବା: କୃତଜ୍ଞତା, ସଚେତନତା ଏବଂ ପ୍ରେରଣା।

୨୦୨୬ ମସିହାରେ, ଜଣେ ଶିକ୍ଷକଙ୍କ ଭୂମିକା କେବଳ ସୂଚନାର ଏକମାତ୍ର ଉତ୍ସ ହୋଇ ରହିନାହିଁ, ବରଂ ଜଣେ ମାର୍ଗଦର୍ଶକ, ପଥପ୍ରଦର୍ଶକ ଏବଂ ପ୍ରେରଣାଦାତା ଭାବରେ ପରିବର୍ତ୍ତିତ ହୋଇଛି। ଶିକ୍ଷକମାନେ ଏବେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ବାଛିବାରେ, ସମାଲୋଚନାତ୍ମକ ଚିନ୍ତାଧାରା ବିକାଶ କରିବାରେ ଏବଂ ବାସ୍ତବ ସମସ୍ୟାରେ ଜ୍ଞାନର ପ୍ରୟୋଗ କରିବାରେ ସାହାଯ୍ୟ କରୁଛନ୍ତି। ଏହା ସେମାନଙ୍କର ଭୂମିକାକୁ ପୂର୍ବ ଅପେକ୍ଷା ଆହୁରି ଗୁରୁତ୍ୱପୂର୍ଣ୍ଣ କରିଦେଇଛି।

ପ୍ରଯୁକ୍ତିବିଦ୍ୟା ଶିକ୍ଷକମାନଙ୍କୁ ସହାୟତା କରିବା ଉଚିତ୍, ସେମାନଙ୍କର ସ୍ଥାନ ନେବା ଉଚିତ୍ ନୁହେଁ। ଗୁରୁ ଦିବସ ଆମକୁ ଏହି ସନ୍ତୁଳନ ବିଷୟରେ ମନେ ପକାଇଦିଏ। ଉତ୍ସବ ପାଳନ କରିବା ଭଲ, କିନ୍ତୁ ସ୍ଥାୟୀ ସମ୍ମାନ କାର୍ଯ୍ୟ ମାଧ୍ୟମରେ ଦର୍ଶାଯାଏ। ଛାତ୍ରଛାତ୍ରୀମାନେ ଧନ୍ୟବାଦର ଏକ ବ୍ୟକ୍ତିଗତ ଚିଠି ଲେଖିପାରିବେ, କୌଣସି ନିର୍ଦ୍ଦିଷ୍ଟ ପାଠ ସେମାନଙ୍କୁ କିପରି ସାହାଯ୍ୟ କଲା ତାହା ସେୟାର କରିପାରିବେ, କିମ୍ବା ବିଦ୍ୟାଳୟର କାର୍ଯ୍ୟକଳାପରେ ଶିକ୍ଷକମାନଙ୍କୁ ସାହାଯ୍ୟ କରି ସମୟ ବିତାଇପାରିବେ।

ଶିକ୍ଷାନୁଷ୍ଠାନ ଏବଂ ଅଭିଭାବକମାନେ ଏହି ଦିନକୁ ସହାୟକ ଶିକ୍ଷକ, କ୍ରୀଡ଼ା ପ୍ରଶିକ୍ଷକ ଏବଂ ପ୍ରଶାସନିକ କର୍ମଚାରୀଙ୍କ ସମେତ ଶିକ୍ଷାରେ ଯୋଗଦାନ ଦେଉଥିବା ସମସ୍ତ କର୍ମଚାରୀଙ୍କୁ ସ୍ୱୀକୃତି ଦେବା ପାଇଁ ବ୍ୟବହାର କରିପାରିବେ। ବହି ପାଣ୍ଠି କିମ୍ବା ତାଲିମ କର୍ମଶାଳା ଭଳି ଛୋଟ ଛୋଟ ପଦକ୍ଷେପ ଏକ ବଡ଼ ପରିବର୍ତ୍ତନ ଆଣିପାରିବ।

ସମାଜ ଏବଂ ସରକାର ଶିକ୍ଷକ ପ୍ରଶିକ୍ଷଣର ଉନ୍ନତି, ଶ୍ରେଣୀଗୃହର ବୋଝ ହ୍ରାସ କରିବା ଏବଂ ଶିକ୍ଷକମାନଙ୍କ ନିକଟରେ ଆବଶ୍ୟକୀୟ ସମ୍ବଳ ଅଛି କି ନାହିଁ ତାହା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇପାରିବେ। ଶିକ୍ଷକମାନଙ୍କ ପ୍ରତି ସମ୍ମାନ କେବଳ ଭାଷଣରେ ନୁହେଁ, ନୀତିରେ ପ୍ରତିଫଳିତ ହେବା ଉଚିତ୍। ଡଃ ରାଧାକୃଷ୍ଣନ୍ ଥରେ କହିଥିଲେ, 'ଶିକ୍ଷକମାନେ ଦେଶର ସର୍ବୋତ୍ତମ ବୁଦ୍ଧିମାନ ବ୍ୟକ୍ତି ହେବା ଉଚିତ୍।' ତାଙ୍କ କଥା ଆଜି ବି ସତ୍ୟ ଅଟେ।

ପ୍ରତ୍ୟେକ ଡାକ୍ତର, ଇଞ୍ଜିନିୟର, ବିଜ୍ଞାନୀ, କଳାକାର ଏବଂ ନେତା କେବେ ନା କେବେ କାହାର ନା କାହାର ଶ୍ରେଣୀଗୃହରେ ଜଣେ ଛାତ୍ର ଥିଲେ। ପ୍ରତ୍ୟେକ ସଫଳତା ପଛରେ ଜଣେ ଶିକ୍ଷକ ଅଛନ୍ତି ଯିଏ ବିଶ୍ୱାସ କରିଥିଲେ, ସୁଧାରିଥିଲେ ଏବଂ ମାର୍ଗଦର୍ଶନ କରିଥିଲେ।

ଗୁରୁ ଦିବସ କେବଳ ଫୁଲ ଏବଂ ସମ୍ବର୍ଦ୍ଧନା ପାଇଁ ନୁହେଁ। ଏହା ମନେ ପକାଇବାର ଦିନ ଯେ ଏକ ସମାଜର ପ୍ରଗତି ତାହାର ଶ୍ରେଣୀଗୃହରୁ ହିଁ ଆରମ୍ଭ ହୋଇଥାଏ। ଏହି ସେପ୍ଟେମ୍ବର ୫ ତାରିଖରେ ଆମେ ଗୁରୁ ଦିବସ ପାଳନ କରୁଥିବା ବେଳେ, ଆସନ୍ତୁ କେବଳ ପରମ୍ପରାରେ ସୀମିତ ନରହି ଆଗକୁ ବଢ଼ିବା। ଆସନ୍ତୁ ଆମର ଶିକ୍ଷକମାନଙ୍କୁ ଧନ୍ୟବାଦ ଦେବା, ସେମାନଙ୍କୁ ସହାୟତା କରିବା ଏବଂ ଆଗାମୀ ପିଢ଼ିର ଶିକ୍ଷକମାନେ ଯେପରି ସମ୍ମାନିତ ଏବଂ ସଶକ୍ତ ହୁଅନ୍ତି ତାହା ସୁନିଶ୍ଚିତ କରିବା। କାରଣ ଯେତେବେଳେ ଆମେ ଶିକ୍ଷକମାନଙ୍କୁ ସମ୍ମାନିତ କରୁ, ଆମେ ଭାରତର ଭବିଷ୍ୟତରେ ପୁଞ୍ଜିନିବେଶ କରୁ। ତେଣୁ ଗୁରୁ ଦିବସ ଆମ ପାଇଁ ସେମାନଙ୍କ ଆଶୀର୍ବାଦ ସହିତ ଆଗକୁ ବଢ଼ିବାର ଏକ ମାର୍ଗଦର୍ଶକ ଦିବସ ଅଟେ ଏବଂ ଶିକ୍ଷକମାନଙ୍କ ଦ୍ୱାରା ଦେଖାଯାଇଥିବା ପଥ ଅନୁସରଣ କରି ଆମେ ସମାଜକୁ ପ୍ରକୃତରେ ଏକ ନୂଆ ରୂପ ଦେଇପାରିବା।

# ଗୁରୁଦିବସ : ଗୋଟିଏ ଦିନର ଆବେଗ, ନା ବର୍ଷସାରାର ସମ୍ମାନ ?




**ଅଭିମନ୍ୟୁ ପାତ୍ର**
୮୨୪୯୦୮୯୮୧୩


ଆମ ସଂସ୍କୃତିରେ 'ଗୁରୁ' ଶବ୍ଦଟି କେବଳ ଜଣେ ଶିକ୍ଷକ/ ଶିକ୍ଷୟତ୍ରୀଙ୍କ ପରିଚୟ ନୁହେଁ। ଏହା ଏକ ମହାନ ଦାୟିତ୍ୱ, ଏକ ଆଦର୍ଶ ଓ ଏକ ଜୀବନଦର୍ଶନର ପ୍ରତୀକ। ଯିଏ ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ଆଲୋକକୁ ନେଇଯାଆନ୍ତି, ଯିଏ କେବଳ ପାଠ ପଢ଼ାନ୍ତି ନାହିଁ, ବରଂ ଜୀବନକୁ ବୁଝିବାର ଦୃଷ୍ଟି ଦିଅନ୍ତି, ସେ ହେଉଛନ୍ତି ଗୁରୁ। ପ୍ରତିବର୍ଷ ଗୁରୁଦିବସ ଆସେ। ଆସେ ଅନେକ ଶୁଭେଚ୍ଛା, ଅଭିନନ୍ଦନ ଓ କୃତଜ୍ଞତାର ବାର୍ତ୍ତା। ସୋସିଆଲ୍ ମିଡିଆରେ ଗୁରୁଙ୍କ ଫଟୋ ଭାସେ, ଫୁଲ ଓ ଉପହାର ଦିଆଯାଏ, କେହି ଦୁଇ ଧାଡ଼ିରେ ଲେଖନ୍ତି, ''ଆପଣଙ୍କ ପାଇଁ ଆଜି ମୁଁ ଏଠି।। କିଛି ଘଣ୍ଟା ପାଇଁ ଲାଗେ, ଯେପରି ଆମ ସମାଜରେ ଗୁରୁଙ୍କ ସ୍ଥାନ ସର୍ବୋଚ୍ଚ। କିନ୍ତୁ ପ୍ରଶ୍ନ ହେଉଛିଟ ଏହି ଆବେଗର ଆୟୁଷ୍ୟ କେତେ ? ଗୋଟିଏ ଦିନ ? କିଛି ଘଣ୍ଟା ? ନା ଷ୍ଟାଟସ୍‌ର ଆୟୁଷ୍ୟ ପର୍ଯ୍ୟନ୍ତ ? ସେହି ଗୋଟିଏ ଦିନରେ ଗୁରୁ ହୋଇଯାଆନ୍ତି ଅତ୍ୟନ୍ତ ପ୍ରିୟ, ଅତ୍ୟନ୍ତ ସମ୍ମାନିତ, ଅତ୍ୟନ୍ତ ସ୍ମରଣୀୟ। କିନ୍ତୁ ରାତି ପାହିଗଲେ ? ପୁଣି ସେହି ବ୍ୟସ୍ତତା। ପୁଣି ସେହି ନିରବତା। ପୁଣି ସେହି ''ସମୟ ନାହିଁ''ର ବାହାନା।

ଆଜିର ପିଢ଼ି ପାଖରେ ସମୟ ନାହିଁ, ଏହା ଆମେ ପ୍ରାୟତଃ ଶୁଣୁ। କିନ୍ତୁ ସୋସିଆଲ୍ ମିଡିଆ ପାଇଁ ଘଣ୍ଟା ଘଣ୍ଟା ସମୟ ଅଛି। ରିଲ୍ ପରେ ରିଲ୍ ଦେଖିବା ପାଇଁ ସମୟ ଅଛି। ଅଜଣା ଲୋକଙ୍କ ଜୀବନ ଉପରେ ନଜର ରଖିବା ପାଇଁ ସମୟ ଅଛି। ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଷ୍ଟାଟସ୍‌ରେ ପ୍ରଦର୍ଶନ କରିବା ପାଇଁ ସମୟ ଅଛି।

ଏହା କେବଳ ଜଣେ ଶିଷ୍ୟର ସମସ୍ୟା ନୁହେଁ। ଏହା ଆମ ସମାଜର ମୂଲ୍ୟବୋଧର ପରିବର୍ତ୍ତନର ଏକ ଚିତ୍ର। ଗତକାଲି ଯାହାଙ୍କ ପାଇଁ କୃତଜ୍ଞତାର ଶତ ଶବ୍ଦ ଲେଖାଯାଇଥିଲା, ଆଜି ତାଙ୍କ ଫୋନ୍ ଆସିଲେ ଉଠାଇବାକୁ ମଧ୍ୟ ସମୟ ନଥାଏ। ଗତକାଲି ଯାହାଙ୍କ ଛବି ଷ୍ଟାଟସ୍‌ରେ ଶୋଭା ପାଉଥିଲା, ଆଜି ସାମ୍ନାରେ ପଡ଼ିଲେ ନ ଚିହ୍ନିଲା ପରି ମୁହଁ ଫେରାଇ ଚାଲିଯିବାରେ ମଧ୍ୟ ଆମର ସଙ୍କୋଚ ନାହିଁ। ତେବେ ଆମେ ନିଜକୁ ପଚାରିବା ଦରକାର। ଆମେ ଗୁରୁଙ୍କୁ ସମ୍ମାନ କରୁଛୁ, ନା ଗୁରୁଙ୍କୁ ନେଇ ନିଜକୁ ସାମାଜିକ ଭାବେ ଭଲ ଦେଖାଇବାକୁ ଚାହୁଁଛୁ ? ସମ୍ମାନର ଅର୍ଥ କେବଳ ମୁଣ୍ଡ ନୁଆଁଇବା ନୁହେଁ। ସମ୍ମାନର ଅର୍ଥ ହେଉଛି, ଗୁରୁଙ୍କ ଶିକ୍ଷାକୁ ଜୀବନରେ ପ୍ରୟୋଗ କରିବା। ଜଣେ ଶିକ୍ଷକଙ୍କ ପାଇଁ ତାଙ୍କ ଶିଷ୍ୟର ଭବିଷ୍ୟତ ହିଁ ସବୁଠାରୁ ବଡ଼ ପୁରସ୍କାର। ଶିଷ୍ୟ ଯେତେବେଳେ ସତ୍ୟବାଦୀ ହୁଏ, ଦାୟିତ୍ୱବାନ୍ ହୁଏ, ମାନବିକ ହୁଏ, ଦୁର୍ବଳଙ୍କ ପାଖରେ ଠିଆ ହୁଏ, ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ପାଳନ କରେ ସେତେବେଳେ ଗୁରୁଙ୍କ ଶିକ୍ଷା ସାର୍ଥକ ହୁଏ।

ଗୁରୁ ଶିଷ୍ୟଙ୍କଠାରୁ କ'ଣ ଆଶା କରନ୍ତି ? ଗୁରୁ ଦାମୀ ଉପହାର ଆଶା କରନ୍ତି ନାହିଁ। ସେ ଚାହାନ୍ତି ନାହିଁ ଶତ ଶତ ଶବ୍ଦର ପ୍ରଶଂସା। ସେ ଚାହାନ୍ତି ନାହିଁ ସୋସିଆଲ୍ ମିଡିଆରେ ନିଜ ନାମର ଚର୍ଚ୍ଚା। ଗୁରୁଙ୍କ ସବୁଠାରୁ ବଡ଼ ଆଶା ''ମୋ ଶିଷ୍ୟ ଜଣେ ଭଲ ମଣିଷ ହେଉ'' । ସେ ଚାହାନ୍ତି ଶିଷ୍ୟ ସଫଳ ହେଉ, କିନ୍ତୁ ସଫଳତାର ଅହଂକାରରେ ମାନବିକତା ହରାଇ ନଦେଉ। ସେ ଚାହାନ୍ତି ଶିଷ୍ୟ ଉଚ୍ଚ ପଦରେ ପହଞ୍ଚୁ, କିନ୍ତୁ ନିଜ ଅସ୍ତିତ୍ୱ ଭୁଲି ନଯାଉ। ସେ ଚାହାନ୍ତି ଶିଷ୍ୟ ଜୀବନରେ ଆଗକୁ ବଢୁ, କିନ୍ତୁ ପଛରେ ଥିବା ଲୋକଙ୍କୁ ହାତ ବଢ଼ାଇବାକୁ ଭୁଲି ନଯାଉ। ସେ ଚାହାନ୍ତି ଶିଷ୍ୟ ତାଙ୍କୁ ନୁହେଁ, ତାଙ୍କ ଶିକ୍ଷାକୁ ଜୀବନ୍ତ ରଖୁ। ଜଣେ ଗୁରୁଙ୍କ ପାଇଁ ତାଙ୍କ ଶିଷ୍ୟର ଚରିତ୍ର ହିଁ ତାଙ୍କର ପ୍ରକୃତ ପରିଚୟ। ଏଥିପାଇଁ ଗୁରୁଙ୍କୁ ବର୍ଷରେ ଗୋଟିଏ ଦିନ ମନେ ପକାଇବା ଯଥେଷ୍ଟ ନୁହେଁ। କେବେ କେବେ ଗୋଟିଏ ଫୋନ୍ ''ସାର୍, ଆପଣ କେମିତି ଅଛନ୍ତି ?'' ଜଣେ ଗୁରୁଙ୍କ ପାଇଁ ଯେତିକି ମୂଲ୍ୟବାନ, ତାହାର ମୂଲ୍ୟକୁ କୌଣସି ମାପଦଣ୍ଡରେ ମାପି ହେବ ନାହିଁ।

ପରିବର୍ତ୍ତନ ଆମଠାରୁ ଆରମ୍ଭ ହେଉ: ଆଜି ସମାଜରେ ଯେଉଁ ମୂଲ୍ୟବୋଧର ଅବକ୍ଷୟ ଦେଖାଯାଉଛି, ତାହାକୁ କେବଳ ନୂଆ ପିଢ଼ିର ଦୋଷ ବୋଲି କହିଦେଲେ ଆମର ଦାୟିତ୍ୱ ଶେଷ ହେବ ନାହିଁ। ପ୍ରଶ୍ନ କେବଳ ଏହା ନୁହେଁ ଯେ ''ଆଜିର ପିଢ଼ି କ'ଣ କରୁଛି ?'' ପ୍ରଶ୍ନ ଏହା ମଧ୍ୟ।

''ଆମେ ତାଙ୍କୁ କ'ଣ ଶିଖାଇଛୁ ?'' ଆମେ ଯଦି ଚାହୁଁ ଆଗାମୀ ପିଢ଼ି ଗୁରୁଙ୍କୁ ସମ୍ମାନ କରୁ, ତେବେ ଆମକୁ ମଧ୍ୟ ଶିକ୍ଷକଙ୍କ ସମ୍ମାନକୁ କେବଳ ଉତ୍ସବରେ ସୀମିତ ରଖିବା ନୁହେଁ। ଶିକ୍ଷକଙ୍କ ସାମାଜିକ ମର୍ଯ୍ୟାଦା, ତାଙ୍କ ମତାମତ, ତାଙ୍କ ଅବଦାନ ଓ ତାଙ୍କ ମାନବିକ ଭୂମିକାକୁ ମଧ୍ୟ ସମ୍ମାନ ଦେବାକୁ ପଡ଼ିବ। କାରଣ ଯେଉଁ ସମାଜ ତାହାର ଗୁରୁଙ୍କୁ ସମ୍ମାନ କରେ, ସେ ସମାଜ ତାହାର ଭବିଷ୍ୟତକୁ ସମ୍ମାନ କରେ। ଗୁରୁଦିବସ ତେଣୁ କେବଳ ଫୁଲ, ଉପହାର, ଫଟୋ ଓ ଶୁଭେଚ୍ଛାର ଦିନ ନହେଉ। ଏହା ହେଉ ଆତ୍ମସମୀକ୍ଷାର ଦିନ।

ଏହା ହେଉ ସମ୍ପର୍କକୁ ପୁନଃଜୀବିତ କରିବାର ଦିନ। ଏହା ହେଉ ଗୁରୁଙ୍କ ଶିକ୍ଷାକୁ ଜୀବନରେ ପ୍ରୟୋଗ କରିବାର ସଂକଳ୍ପର ଦିନ ଏବଂ ଏହି ସଂକଳ୍ପ କେବଳ ଗୋଟିଏ ଦିନ ପାଇଁ ନୁହେଁ ସାରା ଜୀବନ ପାଇଁ ହେଉ। କାରଣ, ଷ୍ଟାଟସ୍ ୨୪ ଘଣ୍ଟା ପରେ ହଟିଯାଏ, ଫଟୋ ଧୀରେ ଧୀରେ ଧୂସର ହୋଇଯାଏ, ଫୁଲ ମଉଳିଯାଏ, ଉପହାର ପୁରୁଣା ହୋଇଯାଏଟ କିନ୍ତୁ ଜଣେ ଗୁରୁଙ୍କ ଶିକ୍ଷା, ଯଦି ଶିଷ୍ୟ ତାହାକୁ ଜୀବନରେ ଧାରଣ କରେ ତେବେ ସେହି ଶିକ୍ଷା ପିଢ଼ି ପରେ ପିଢ଼ି ଆଲୋକ ହୋଇ ଜଳି ରହେ। ତେଣୁ ଗୁରୁଙ୍କୁ ସମ୍ମାନ କରିବା କେବଳ ଗୁରୁଦିବସରେ ନୁହେଁ। ନିଜ ଚରିତ୍ରରେ, ନିଜ କର୍ମରେ, ନିଜ ଆଚରଣରେ, ନିଜ ମାନବିକତାରେ।

# ଭେଦ୍ୟ ପଦଚାରଣୀ ରାସ୍ତା: ଭୂତଳ ଜଳ ପୁନଃଭରଣର ମୁଖ୍ୟ ଉତ୍ସ




**ଡ. ପ୍ରସନ୍ନ କୁମାର ଗନ୍ତାୟତ**
ଅବସରପ୍ରାପ୍ତ ଅଧ୍ୟକ୍ଷ
ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ
୮୨୪୯୪୨୫୫୫୧


ପରିବେଶ ଗତ ପରିଚାଳନା ହେଉଛି ପ୍ରାକୃତିକ ସମ୍ପଦ ପରିଚାଳନାର ଏକ ସକ୍ରିୟ ବୈଜ୍ଞାନିକ ପଦ୍ଧତି, ଯାହା ମାନବ ସାମାଜିକ ଏବଂ ଅର୍ଥନୈତିକ ଆବଶ୍ୟକତା ସହିତ ପରିବେଶଗତ ସ୍ୱାସ୍ଥ୍ୟକୁ ସନ୍ତୁଳିତ କରେ। ଏହା ଜୈବ ବିବିଧତା ବଜାୟ ରଖିବା, ଅବକ୍ଷୟିତ ଅଞ୍ଚଳ ଗୁଡ଼ିକୁ ପୁନରୁଦ୍ଧାର କରିବା ଏବଂ ସଂରକ୍ଷଣ ରଣନୀତି ମାଧ୍ୟମରେ ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଏ।

ପୃଥିବୀ ଏକ ଜଳମୟ ଗ୍ରହ। ଆମ ପାନୀୟ, ଜଳସେଚନ, କୃଷି ଏବଂ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ଜଳର ଆବଶ୍ୟକ ହୋଇଥାଏ। ଭୂତଳ ଜଳ-ଆମ ପାଦ ତଳେ ଥିବା ଏକ ଜଳସ୍ତର ଯାହାକୁ ଏକ ଅଦୃଶ୍ୟ ଜୀବନ ରେଖା ବୋଲି ମଧ୍ୟ କୁହା ଯାଇଥାଏ। ଭୂତଳ ଜଳ ବିଶ୍ୱସ୍ତରରେ ଜଳ ଯୋଗାଣର ମେରୁଦଣ୍ଡ ଯାହା ଲୋକଙ୍କ ପାନୀୟ, କୃଷି ଏବଂ ଶିଳ୍ପ ଆବଶ୍ୟକତା ପୂରଣ କରେ। ଏହି ଭୂତଳ ସମ୍ପଦ ହେଉଛି ପୃଥିବୀ ପୃଷ୍ଠ ତଳେ ପ୍ରାକୃତିକ ଭାବରେ ସଂତୃପ୍ତ ମାଟି ଏବଂ ଭଗ୍ନ ପଥରରେ ଗଛିତ ବିପୁଳ ପରିମାଣର ମଧୁର ଜଳ। ଏହା ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲୁକ୍କାୟିତ ସଂରକ୍ଷଣ ମଧ୍ୟରୁ ଗୋଟିଏ ଭାବରେ କାର୍ଯ୍ୟ କରେ, ଯାହା ବିଶ୍ୱର ପ୍ରାୟ ଅଧା ପାନୀୟ ଜଳ ବଜାୟ ରଖେ। ତେବେ ଏହା ବିଶ୍ୱର ବ୍ୟବହାର ଯୋଗ୍ୟ ମଧୁର ଜଳର ସର୍ବ ବୃହତ୍ ଉତ୍ସ। ଅତ୍ୟଧିକ ଜଳ ଉତ୍ତୋଳନ, ପ୍ରଦୂଷଣ, ବର୍ଦ୍ଧିତ ସହରୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ , ସହରକ୍ଷଅଞ୍ଚଳ ଜଳ ଭଣ୍ଡାର ଉପରେ ଅତ୍ୟଧିକ ଚାପ ପକାଇଥାଏ। ଆଉ ଏ ସବୁ ଅଞ୍ଚଳରେ ଜଳକ୍ଲିଷ୍ଟ ଦେଖା ଦେଇପାରେ। ଜଳସ୍ତର ହ୍ରାସ ପାଇଲେ ଉପର ଭୂମି ଭୁଶୁଡ଼ି ଯାଏ , ସ୍ଥାୟୀ ଭାବରେ ଭିତ୍ତି ଭୂମିକୁ କ୍ଷତି ପହଞ୍ଚାଏ ଏବଂ ବନ୍ୟା ବିପଦ ବୃଦ୍ଧି ପାଏ। ଭୂମିପୃଷ୍ଠରେ ବର୍ଷା ପଡ଼ିବା, ମାଟିରେ ପ୍ରବେଶ କରିବା ଏବଂ ଛିଦ୍ର ସ୍ଥାନ ଦେଇ ଜଳ ସ୍ତରକୁ ଯିବା ଦ୍ୱାରା ପ୍ରାକୃତିକ ଭୂତଳ ଜଳ ପୁନଃ ଭରଣ ହୋଇପାରେ। ଭୂତଳ ଜଳ ପୁନଃ ଭରଣର ମୁଖ୍ୟ ଉତ୍ସ ହେଉଛି ବର୍ଷା ଜଳ ପ୍ରବେଶ। ଅନ୍ୟାନ୍ୟ ଉତ୍ସ ମଧ୍ୟରେ ହ୍ରଦ, ନଦୀ, ଝରଣା ଭଳି ପୃଷ୍ଠ ଜଳ ଭଣ୍ଡାର ଅନ୍ତର୍ଭୁକ୍ତ। ଭୂତଳ ଜଳ ଭଣ୍ଡାରକୁ ପୁନଃ ପୂରଣ କରିବା ପାଇଁ ବର୍ଷା ଜଳ ମାଟି ଏବଂ ଭେଦ୍ୟ ପଥର ସ୍ତର ଦେଇ ପ୍ରବେଶ କରେ।

ଭୂମିଗତ ଜଳ ପୁନଃ ଭରଣ ପ୍ରାକୃତିକ ଭାବରେ ବୃଷ୍ଟିପାତ ଏବଂ ଅନୁପ୍ରବେଶ ମାଧ୍ୟମ ରେ କିମ୍ବା କୃତ୍ରିମ ଭାବରେ ବର୍ଷା ଜଳ ଅମଳ, ପୁନଃ ଭରଣ କୂପ ଏବଂ ଅନୁପ୍ରବେଶ ପୋଖରୀ ଭଳି କୌଶଳ ବ୍ୟବହାର ହୋଇପାରେ। ଏହି ପଦ୍ଧତି ଗୁଡ଼ିକ ପୃଷ୍ଠ ଜଳ ପ୍ରବାହକୁ ଧରିଥାଏ ଏବଂ ଏହାକୁ ଭୂମିଗତ ଭାବରେ ଜଳ ଭଣ୍ଡାର ଗୁଡ଼ିକୁ ପୁନଃରୁଦ୍ଧାର କରିବା ଏବଂ ସ୍ଥାନୀୟ ଜଳ ଯୋଗାଣକୁ ଉନ୍ନତ କରିବା ପାଇଁ ନିର୍ଦ୍ଦେଶିତ କରିଥାଏ। ତେବେ ଭୂତଳ ଜଳ ପୁନଃ ଭରଣ ଏକ ପ୍ରକ୍ରିୟା, ଯେଉଁଠାରେ ଜଳ ପୃଥିବୀ ପୃଷ୍ଠରୁ ତଳକୁ ଖସି ଆସେ। ଏହାର ପୁନଃ ଭରଣ ସିଧା ସଳଖ ବା ପରୋକ୍ଷ ଉପାୟ ରେ ହୋଇଥାଏ।

ବର୍ଷା ଜଳ ଅମଳ ହେଉଛି ବିଶ୍ୱ ଜଳ ଅଭାବର ଏକ ଅତ୍ୟନ୍ତ ସହଜ, ପ୍ରଭାବ ଶାଳୀ ଏବଂ ପରିବେଶ ଅନୁକୂଳ ପଦ୍ଧତି। ଛାତ ଉପରେ ବର୍ଷା ଜଳ ଅମଳ ହେଉଛି, ଛାତ ଉପରେ ପଡୁଥିବା ବର୍ଷା ଜଳକୁ ଧରିବା, ସ୍ଥାନକ୍ଷନ୍ତର କରିବା ଏବଂ ସଂରକ୍ଷଣ କରିବା ଅନ୍ତର୍ଭୁକ୍ତ। ଛାତରୁ ବର୍ଷା ଜଳ ସ୍ଥାନକ୍ଷନ୍ତର କରିବା ପାଇଁ ଗୋଟିଏ କିମ୍ବା ଅଧିକ ଡାଉନ୍ ଜଳ ନିଷ୍କାସନ ନଳୀ ସହିତ ସଂଯୁକ୍ତ କରାଯାଏ। ଏହି ସଂଗୃହିତ ଜଳକୁ ଆବଶ୍ୟକତା ସମୟ ରେ ବ୍ୟବହାର କରାଯାଇ ଥାଏ । ଏହା ଛଡ଼ା ଭୂତଳ ଜଳ ଭଣ୍ଡାରକୁ ପୁନଃ ପୂରଣ କରିବା ପାଇଁ ଏହା ମାଟି ଏବଂ ଭେଦ୍ୟ ପଥର ସ୍ତର ଦେଇ ପ୍ରବେଶ କରି ପାରେ। ଏହା ସବୁଜ ପ୍ରୟାସର ଏକ ଅଂଶ ଭାବରେ ପରିଚାଳିତ ହୁଏ। ସହରାଞ୍ଚଳରେ ମୁଖ୍ୟତଃ ପାର୍କିଂ ସ୍ଥାନ, ପଦଯାତ୍ରୀଙ୍କ ପଦଚାରଣୀ ରାସ୍ତା ଏବଂ କମ୍ ଟ୍ରାଫିକ ଥିବା ଆବାସିକ ରାସ୍ତା ପାଇଁ ବ୍ୟବହୃତ କଂକ୍ରିଟ, ପେଭର୍ ବା ଟାଇଲ୍ କଭର୍ ଭଳି ଅଭେଦ୍ୟ ପୃଷ୍ଠ ମାଟିକୁ ଆଚ୍ଛାଦିତ କରେ, ପ୍ରକ୍ଷକୃତିକ ବର୍ଷା ଜଳ ପ୍ରବାହକୁ ଭୂମି ଭିତରକୁ ଯିବାକୁ ରୋକି ଥାଏ। ଏହା ଭୂତଳ ଜଳ ହ୍ରାସର କାରଣ ହୋଇଥାଏ। ତେବେ ଜଳ ପରିସରକୁ ସହଜ କରିବା ପାଇଁ ଭେଦ୍ୟ ପେଭର୍ କିମ୍ବା ଛିଦ୍ର ଯୁକ୍ତ ଟାଇଲ ବ୍ୟବହାରରେ ବର୍ଷା ଜଳକୁ ସିଧାସଳଖ ମାଟି ଭିତରକୁ ପ୍ରବେଶ କରିବାକୁ ଦିଏ। ଏଗୁଡ଼ିକ ଯାନବାହନ ର ଓଜନ କୁ ମଧ୍ୟ ଠିକ୍ ସମ୍ଭାଳି ଥାଏ।

ଯଦିଓ ପୁରୁଣକ୍ଷ ପେଭର୍ ଇଣ୍ଟର ଲକିଂ ବ୍ଲକ୍ ପରସ୍ପର ସହିତ ଯୋଡ଼ିତ ଶୂନ୍ୟ ସ୍ଥାନ ଗୁଡ଼ିକ ଜଳକୁ ସନ୍ଧି ଦେଇ ସିଧା ସଳଖ ମାଟି ତଳକୁ ପ୍ରବେଶ କରାଇଥାଏ। ସମୟ ସମୟରେ ଏହାକୁ ସଫା କରିବା ମଧ୍ୟ ଆବଶ୍ୟକତା ରହିଥାଏ ଯାହା ଦ୍ୱାରା ମଇଳା ଏବଂ ପତ୍ର ଜମି ରହି ଭେଦ୍ୟ ଛିଦ୍ର ଗୁଡ଼ିକ ଯେମିତି ବନ୍ଦ ନ ହୁଏ। କିନ୍ତୁ, ଏହାକୁ ବଦଳାଇ ଭେଦ୍ୟ ପେଭର ବ୍ଲକ୍‌କୁ ଉନ୍ନତ କରାଇବା ଶ୍ରେୟସ୍କର ମନେ ହୁଏ। ନଚେତ୍ ଏହି ଅଭେଦ୍ୟ ପୃଷ୍ଠର ବିଶାଳ ଅଞ୍ଚଳ ବର୍ଷା ସମୟ ରେ ପ୍ରବଳ ଜଳ ପ୍ରବାହ ସୃଷ୍ଟି କରି ସହରାଞ୍ଚଳ ବନ୍ୟାର କାରଣ ହୋଇ ପାରେ।

ସହରକ୍ଷଅଞ୍ଚଳରେ ଖୋଲା ଭୂମି ପୃଷ୍ଠ କ୍ଷେତ୍ରଫଳ ଦିନକୁ ଦିନ କଂକ୍ରିଟ, ପେଭର୍ ବା ଟାଇଲ ଦ୍ୱାରା ସଜ୍ଜିତ ହୋଇ କମିବାରେ ଲାଗିଛି। ଯଦ୍ୱାରା ଜଳ କ୍ଷରଣ ହ୍ରାସ ପାଇ ଭୂତଳ ଜଳ ଉପଲବ୍ଧ କମି ଯାଉଛି ।ଜଳବାୟୁ ସ୍ଥିରତା ରଣନୀତିର ଅଂଶ ଭାବରେ ପାରମ୍ପରିକ ପାର୍କିଂ ସ୍ଥାନ ଗୁଡ଼ିକୁ ପରିବେଶ ଅନୁକୂଳ ଭିତ୍ତି ଭୂମି ରେ ପରିଣତ କରିବା ଉଚିତ୍। ଜଳର ଦ୍ରୁତ ଅନୁପ୍ରବେଶ ପାଇଁ ଏବଂ ସର୍ବୋତ୍ତମ ଭୂତଳ ଜଳ ପୁନଃ ଭରଣ ପାଇଁ ଏହି ଅଭିନବ ପାର୍କିଂ ସ୍ଥାନ ଗୁଡିକରେ ପାରମ୍ପାରିକ ଅଣଛିଦ୍ର ପେଭର ବଦଳ ରେ ଛିଦ୍ର ଯୁକ୍ତ ପେଭର୍ ବା ଭେଦ୍ୟ ଘାସ ପେଭର୍ ବ୍ଲକ୍ ବ୍ୟବହାର କରାଯାଇ ପାରେ। ଏହା ମହୁ ଫେଣା ପରି ଆକୃତି ର ପେଭର, ଯେଉଁଥିରେ ଖୋଲା ଶୂନ୍ୟସ୍ଥାନ ରହିଥିବା କୋଷ ଗୁଡ଼ିକ ମାଟି ଏବଂ ଘାସ ରେ ପରିପୂର୍ଣ୍ଣ ହୋଇଥାଏ। ଏହି ମାଟି ଏବଂ ଜୀବନ୍ତ ଘାସରେ ପରିପୂର୍ଣ୍ଣ ଖୋଲା କୋଷ ଗୁଡ଼ିକ ବର୍ଷା ଜଳକୁ ପ୍ରାକୃତିକ ଭାବରେ ସିଧା ସଳଖ ଅନ୍ତର୍ନିହିତ ଭୂତଳ ଜଳସ୍ତରକୁ ପୁନଃ ପୂରଣ କରିବାରେ ସାହାର୍ଯ୍ୟ କରେ। ଏହା ଗ୍ରୀଷ୍ମ ଋତୁରେ ଉତ୍ତାପ ପ୍ରବାହ ସମୟ ରେ ପରିବେଶ ବାୟୁ ର ତାପମାତ୍ରା କୁ କିଛି ମାତ୍ରା ରେ ହ୍ରାସ କରେ। ଏହି ଭେଦ୍ୟ ଘାସ ଫେଭର, ବନ୍ୟା ବିପଦକୁ ମଧ୍ୟ ରୋକିବାରେ ଯଥେଷ୍ଟ ସାହାର୍ଯ୍ୟ କରେ। ତା ଛଡା ମାଟି ଘାସ ମୂଳ, ଭାରୀ ଧାତୁ ଏବଂ ମଟର ତେଲ ଭଳି ପ୍ରଦୂଷଣ ଗୁଡ଼ିକୁ ଗଭୀର ଜଳସ୍ତରରେ ପ୍ରବେଶ କରିବା ପୂର୍ବରୁ ଧରି ନିଷ୍କ୍ରିୟ କରିଦିଏ। ମୌସୁମୀ ଋତୁ ରେ ସ୍ଥାନୀୟ ରାସ୍ତା ରେ ପୃଷ୍ଠ ପ୍ରବାହ ବା ଜଳ ବିସ୍ତାରିତ ବା ବନ୍ୟାକୁ ଏହା ଅନେକ ପରିମାଣରେ ରୋକିଥାଏ। ତେବେ ଭେଦ୍ୟ ପେଭର ବ୍ଲକ୍ ଗୁଡ଼ିକୁ ଖନନ,ସଂସ୍ଥାପନ ଏବଂ ବିଛାଇବା ପାଇଁ ଏକ ମାର୍ଗଦର୍ଶିକା ଜାରି କରିବା ଠିକ୍ ମନେ ହୁଏ।

ରାସ୍ତାର କଡରେ ପଥର ଭର୍ତ୍ତି ଟ୍ରେଞ୍ଚ କିମ୍ବା ଛିଦ୍ରିତ ଡ୍ରେନ ସ୍ଥାପନ କରାଯାଇ ପାରେ ଯାହା ଦ୍ୱାରା ପ୍ରବାହିତ ଜଳ ସଂଗ୍ରହ କରି ମାଟିରେ ମିଶା ଯାଇପାରେ। ଜଳ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ, ଯାହା ଉପରେ ସମଗ୍ର ବିଶ୍ୱ ନିର୍ଭର କରେ। ଏହି ପରିସ୍ଥିତିରେ, ଜଳ ର ଉପଯୁକ୍ତ ପରିଚାଳନା ଅତ୍ୟନ୍ତ ଜରୁରୀ ଏବଂ ବିକଳ୍ପ ଜଳ ଉତ୍ସର ବ୍ୟବହାର ଦ୍ୱାରା ଏହାକୁ ସୁନିଶ୍ଚିତ କରାଯାଇ ପାରିବ। ବିଶ୍ୱ ରେ ବିକଳ୍ପ ଜଳ ଉତ୍ସ ଭାବରେ ବର୍ଷା ଜଳ ଅମଳ କ୍ରମଶଃ ବ୍ୟବହାରିକ ହୋଇ ଗଲାଣି। ଭୂତଳ ଜଳ ପୁନଃ ଭରଣ ଜଳ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀ ରଣନୀତି ପାଲଟିଛି, ଯାହା ବର୍ଷା ଜଳ ଅମଳ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରେ। ତେବେ ଆସନ୍ତୁ ପ୍ରତ୍ୟେକ ବୁନ୍ଦା ଜଳ ସଂରକ୍ଷଣ କରିବାକୁ ପ୍ରତିବଦ୍ଧ ହୋଇ ସବୁଜ ପ୍ରୟାସର ଏକ ଅଂଶ ହେବା।

ଶନିବାର ୫|୯|୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଯୁଗେ ଯୁଗେ ଶିକ୍ଷକମାନେ ଅବହେଳିତ

ପବିତ୍ର ଗୁରୁ ଦିବସରେ ଶିକ୍ଷକମାନେ ରାଜରାସ୍ତାରେ ଓ ଦିବସକୁ କଳାଦିବସ ଭାବେ ଘୋଷଣା କରିବା ସବୁଠାରୁ ଦୁଃଖଦାୟକ ଘଟଣା। ଦୀର୍ଘ ବର୍ଷ ଧରି ନିଜର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ଦାବି କରି ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ଭଳି ଉଭେଇ ଯାଏ । ଆଜି ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ତାଙ୍କ ପ୍ରିୟ ଛାତ୍ରଛାତ୍ରୀମାନେ ଭକ୍ତିର ସହିତ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ ନେଇ ଭବିଷ୍ୟତର ସ୍ୱପ୍ନ ବିଳାସି ହୋଇଥାନ୍ତେ ଆଜି ସେଥିରୁ ସେମାନଙ୍କୁ ବଞ୍ଚିତ। ବୋଧହୁଏ ଶାସକମାନେ ଯେଉଁ ବିଦ୍ୟାଳୟର ଶିକ୍ଷକଙ୍କ ଠାରୁ ଶିକ୍ଷା ପ୍ରାପ୍ତ ହୋଇ ରାଜନୀତିରେ ପ୍ରବେଶ କରିଥିଲେ , ସେହି ଶାସକମାନଙ୍କ ଶିକ୍ଷକଙ୍କ ପ୍ରତି ଅବହେଳା, ଏହା ତାଙ୍କ ଶିକ୍ଷକମାନଙ୍କ ପ୍ରତି ବଡ ଦକ୍ଷିଣା ।

ଶାସକମାନଙ୍କ ହାତରେ ଶିକ୍ଷକମାନଙ୍କ ଦୁଃଖର 'ବୈଧତା' ମହାକାବ୍ୟ ପୁରାଣରେ ଦେଖିବାକୁ ମିଳେ । ଏହା ହେଉଛି ଜଣେ 'ଯୋଗ୍ୟ' ଶିକ୍ଷକଙ୍କ ପ୍ରୋତ୍ସାହନ । ଅତ୍ୟନ୍ତ ପକ୍ଷେ ତାହା ହିଁ ଶାସ୍ତ୍ର ଓ ପୁରାଣ ଆମକୁ ଅନେକ କିଛି ଶିକ୍ଷା ଦିଏ ।

ମହାଭାରତ ସ୍ପଷ୍ଟ ଭାବରେ କହିଛି ଯେ ଯଦିଓ ରାଜା ଓ ଶିକ୍ଷକ ସାଥୀ ଅଟନ୍ତି, ତଥାପି ସେମାନେ ବନ୍ଧୁ ନୁହଁନ୍ତି। ପ୍ରଥମେ ମନେ ପକାଇ ଦେଉଛି ପାଞ୍ଚାଳ ଦେଶର ରାଜକୁମାର ଦ୍ରୁପଦ ଓ ଭରଦ୍ୱାଜ ମୁନିଙ୍କ ପୁତ୍ର ଦ୍ରୋଣାଚାର୍ଯ୍ୟଙ୍କ ବନ୍ଧୁତ୍ୱ କାହାଣୀ। ଦୁହେଁ ଅତି ଘନିଷ୍ଠ ବନ୍ଧୁ ସାଜି ଅଗ୍ନିବେଶ ଋଷିଙ୍କ ଆଶ୍ରମରେ ଅଧ୍ୟୟନ କରିଥିଲେ । ଦିନେ ଦ୍ରୁପଦ ତାଙ୍କ ବନ୍ଧୁଙ୍କୁ କହିଲେ, ମୁଁ ନିଶ୍ଚିତ ରାଜା ହେବି। ଯଦି ଭବିଷ୍ୟତରେ ତୁମର କିଛି ଦରକାର ପଡେ, ବନ୍ଧୁ ଭାବେ ମୋ ପାଖକୁ ଆସିବ, ମୁଁ ଦେଖିବି । ଗରୀବ ଦ୍ରୋଣାଚାର୍ଯ୍ୟ ଏକଥା ମନେ ରଖି ଦିନେ ତାଙ୍କ ସାଙ୍ଗଙ୍କ ରାଜସଭା ଚାକ୍ୟଚକ୍ୟ ମହଲକୁ ଯାଇଥିଲେ। ବନ୍ଧୁ ପଣର କେଉଁ ପ୍ରକାରର ଦାୟିତ୍ୱ ? ତାଙ୍କର ଏକମାତ୍ର ପୁଅ ଅଶ୍ୱଥାମା ଜୀବନରେ କେବେବି ଥରେ କ୍ଷୀର ପିଇବାକୁ ପାଇ ନଥିଲେ। କିନ୍ତୁ ଦ୍ରୁପଦ ରାଜ ତାଙ୍କ ପୁରୁଣା ବନ୍ଧୁଙ୍କୁ ଅପମାନିତ କରି ରକ୍ଷୀକୁ ଡାକି ତାଙ୍କ ବନ୍ଧୁଙ୍କୁ ତାଗିଦ୍ କରି ଉଚ୍ଚସ୍ୱରରେ କହିଲେ, ଦୂର, କେବେ କ'ଣ ରାଜା ପୁଣି ଜଣେ ଗରିବ ବ୍ରାହ୍ମଣର ବନ୍ଧୁ ହୋଇପାରେ ! ମୁଁ ଦୁଃଖିତ ରାଜଧାନୀ ରାଜରାସ୍ତା ଉପରେ ଅନେକ ଥର ଦାବି ପୂରଣ ପାଇଁ ଅଙ୍ଗନବାଡ଼ି ଶିକ୍ଷକ ଠାରୁ ଆରମ୍ଭ କରି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକଙ୍କ ଆନ୍ଦୋଳନ ଘଟିଛି। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି । ବିଭିନ୍ନ ବର୍ଗର ସମାନ କାମକୁ ସମାନ ଦରମା ଦାବିରେ, ଅବସର ପରେ ତିକ୍ତ ହସ୍ତରେ ଫେରିଛନ୍ତି। ହେଲେ ବିଚାର ବିମର୍ଶ ପ୍ରକିୟା ଚାଲିଛି । ସ୍ୱପ୍ନ ସ୍ୱପ୍ନରେ ରହି କେହି କେହି ଇହଧାମ ଛାଡ଼ିଲେଣି। ଏହା ହେଉଛି ମହାଭାରତର ଶିକ୍ଷା !

ଏବେ ବିଚରା ଶିକ୍ଷକଗଣ କ'ଣ କରିବେ ? ସେମାନେ ଅନାହତ ପରି ରାସ୍ତାରେ ବୁଲିବେ । ମହାଭାରତର ସେଇ ପୁରୁଣା କାହାଣୀ ।ଛୋଟ ବାଳକ କୁମାରମାନେ ହାସ୍ତିନାପୁର ରତ୍ନ ଖଚିତ ରାଜ ଉଆସ ପ୍ୟାଲେସରେ କନ୍ଦୁକ କିମ୍ବା ବଲ୍ ଖେଳୁଥିଲେ । ଖେଳିବାବେଳେ ତାହା କୂଅରେ ପଡିଯାଇଥିଲା । ରାସ୍ତାରେ ଯାଉଥିବା ପଚାଶ ବର୍ଷର ଜଣେ ବୃଦ୍ଧ ବ୍ରାହ୍ମଣ ବାଳକମାନଙ୍କ କ୍ରନ୍ଦନ ଶୁଣି ସେଠାକୁ ଆସିଥିଲେ । ଏହା ପରେ ସେ ଅଙ୍ଗୁଳି ମୁଦ୍ରିକାକୁ କୂଅରେ ଫିଙ୍ଗି ଦେଇ କହିଲେ 'ହେ ବାଳକମାନେ, ତୁମର କ୍ଷତ୍ରିୟ ବଳ ଧିକ୍, ତୁମର ଅସ୍ତ୍ର ତାଲିମ ଶିକ୍ଷା ଧିକ୍' ଇତ୍ୟାଦି 'ମୁଁ ତୁମର କନ୍ଦୁକ ଆଣିଦେବି । ଦେଖ ମୁଁ ଏହି କୁଶ (ଘାସ)ରେ ଏକ ଲମ୍ବା ତୀର ତିଆରି କରିବି । ତାରି ମାଧ୍ୟମରେ ମୁଁ ମୋର ମୁଦ୍ରିକା ସହ ସମସ୍ତ କନ୍ଦୁକ ଆଣିଦେବି ।' କିନ୍ତୁ ଏସବୁ ନିମନ୍ତେ ଗୋଟିଏ ସର୍ତ୍ତ , ଏସବୁ ପରେ ମୋତେ ମୁଠାଏ ଖାଇବାକୁ ତୁମ୍ଭମାନଙ୍କୁ ସୁମିଷ୍ଟ ଖାଦ୍ୟ ଯୋଗାଇ ଦେବାକୁ ପଡିବ । ବାଳକମାନଙ୍କ ମଧ୍ୟରେ ଯୁଧିଷ୍ଠିର ଥିଲେ ବୟସରେ ଜ୍ୟେଷ୍ଠ । ସେ ତୁରନ୍ତ କହିଥିଲେ ମହାଶୟ ଯଦି ଆପଣ କୂଅରୁ କନ୍ଦୁକ ଉଦ୍ଧାର କରିପାରିବେ । ତେବେ ଆପଣ କୃପାଚାର୍ଯ୍ୟଙ୍କ ଅନୁମତି କ୍ରମେ ଚିରଦିନ ପାଇଁ ସୁମିଷ୍ଟ ଅନ୍ନ ଭିକ୍ଷା ପାଇବେ । ତା'ପରେ ବୃଦ୍ଧ ବ୍ରାହ୍ମଣ ଗୋଟିଏ ପରେ ଗୋଟିଏ ତୀରକୁ କୂଅ ଭିତରକୁ ଗୁଳି କଲେ । ପ୍ରତ୍ୟେକ ତୀର ପୂର୍ବର ଲାଞ୍ଜରେ ପଡ଼ି ଏକ ବାଣର ଏକ ଲମ୍ବା ଧାଡି ଗଠନ କଲା । କନ୍ଦୁକ (ବଲ୍) ଉପରକୁ ଆସିଲା। କିନ୍ତୁ ସେଦିନର ଏହି ଶକ୍ତିଶାଳୀ ତୀର ସନ୍ଧାନୀ କିଏ ଥିଲେ ? ବ୍ରାହ୍ମଣ ନିଜକୁ ପରିଚିତ କରିନଥିଲେ । ବରଂ କହିଥିଲେ ଯାଅ ତୁମ ଜେଜେବାପା ଭୀଷ୍ମଙ୍କୁ ମୋ ବିଷୟରେ କୁହ।

ଏଥର ବାଳକମାନଙ୍କ କୋଳାହଳ ଶବ୍ଦରେ, 'ମହାତ୍ମା ପିତାମହ ଭୀଷ୍ମ କୁମାରଙ୍କ ଶବ୍ଦ ଶୁଣିବା ମାତ୍ରେ ବୁଝି ପାରିଲେ ଯେ ଦ୍ରୋଣାଚାର୍ଯ୍ୟ ଆସିଛନ୍ତି । ସେ ଅନେକ ପୂର୍ବରୁ ରାଜ ନବରର କୁମାରମାନଙ୍କୁ ଜଣେ ଭଲ ଶିକ୍ଷକଙ୍କ ହାତରେ ସମର୍ପଣ କରିବାକୁ ଇଚ୍ଛା କରିଥିଲେ । ସେହି ସମୟରେ ଦ୍ରୋଣାଚାର୍ଯ୍ୟ ସ୍ୱଇଚ୍ଛାରେ ଆସିଥିଲେ । ସନ୍ତୁଷ୍ଟ ହେବା ପୂର୍ବରୁ କୃପାଚାର୍ଯ୍ୟ କୌରବ ଓ ପାଣ୍ଡବ ଅସ୍ତ୍ର-ଶସ୍ତ୍ର ଶିକ୍ଷା ଦେଇଥିଲେ । ଅର୍ଥ, ଦାତାମାନେ ଭାବନ୍ତି, ଗୁରୁମାନେ ଦୟାର ଯୋଗ୍ୟ ନୁହେଁ । ଦ୍ରୋଣାଚାର୍ଯ୍ୟ ହେଉଛନ୍ତି ରାଜକୁମାରମାନଙ୍କର ଯୋଗ୍ୟତମ ଶିକ୍ଷକ। ଶିକ୍ଷକ ନୁହଁନ୍ତି, ଅନ୍ଧ ରାଜା ଧୃତରାଷ୍ଟ୍ର ମଧ୍ୟ ନୁହଁନ୍ତି, କେବଳ ତାଙ୍କର ପରାମର୍ଶଦାତା ଚିରକୁମାର ପିତାମହ ଜାଣନ୍ତି କିଏ ଯୋଗ୍ୟ ଓ କିଏ ଯୋଗ୍ୟ ନୁହେଁ ! ସମ୍ପ୍ରତି ସମାଜରେ ଗୋଟିଏ ଗୋଟିଏ ପିଢିର ଯୋଗ୍ୟତା ଓ ସଭ୍ୟ ବ୍ୟକ୍ତି ସେହି ମହାଭାରତ ବିଷୟରେ ଥିବା ପ୍ରବାଦକୁ ମନେ ପକାଇଲେ, କୁହାଯାଇଛି' ଯାହା ଭାରତରେ ନାହିଁ, ତାହା ଭାରତରେ ନାହିଁ' ।'

ଅବହେଳିତ ଶିକ୍ଷକମାନେ ଦୁର୍ନୀତି ଲିପ୍ତ ? ସେ ସଂପର୍କରେ ମହାଭାରତରେ ମଧ୍ୟ ପ୍ରଚୁର ଦୃଷ୍ଟାନ୍ତ ରହିଛି। ଏକଲବ୍ୟର ପରିଚିତ କାହାଣୀ ପାଠକଙ୍କୁ ବିରକ୍ତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ବରଂ ଆଉ ଏକ ଭିନ୍ନ କାହାଣୀ କହି ସ୍ମରଣ କରିବାକୁ ହେବ । ବାରୁଣୀ ଅସ୍ତ୍ରେ ତୁରନ୍ତ ପାଣିରେ ଭରିବ, ଗୁରୁ ଦ୍ରୋଣାଚାର୍ଯ୍ୟ ଏପରି ଏକ ସଂକୀର୍ଣ୍ଣ କ୍ଷୁଦ୍ର ମୁଖଥିବା କଳସୀ ଜଳପୂର୍ଣ୍ଣ କରିବାକୁ ସମସ୍ତ ଛାତ୍ରଙ୍କୁ ଦେଇଥିଲେ। ସକାଳେ କଳସୀକୁ ପାଣିରେ ଭର୍ତ୍ତି କରି ଅସ୍ତ୍ର-ଶସ୍ତ୍ର ତାଲିମ ପାଇଁ ତାଙ୍କ ନିକଟକୁ ଆଣିବା ଉଚିତ୍। କିନ୍ତୁ ତାଙ୍କ ନିଜ ପୁଅ ଅଶ୍ୱଥାମାଙ୍କୁ ଏକ ବଡ଼ ପାତ୍ର ଦେଇଥିଲେ । ଯେଉଁଥିରେ ଅଧିକ ବାଣ ଫୁଟାଯାଇପାରିବ, ଶୀଘ୍ର ପାତ୍ର ପାଣିରେ ପରିପୂର୍ଣ୍ଣ ହୋଇପାରିବ। ସମସ୍ତ ଛାତ୍ରଙ୍କୁ ସମାନ ଭାବରେ ସମଦୃଷ୍ଟିରେ ଦେଖିବା ଉଚିତ୍ । ଏପରିକି ନିଜ ପୁଅ ହୁଅନ୍ତୁ । କିନ୍ତୁ ଯୋଗ୍ୟ ଛାତ୍ର ପ୍ରତି ଏସବୁକୁ ଅଣଦେଖା କରନ୍ତି ।

ଅନ୍ୟମାନଙ୍କୁ ଉତ୍ସାହିତ କରି ଏହି ଆନ୍ଦୋଳନ ଶିକ୍ଷକଙ୍କ ବିରୁଦ୍ଧରେ ଯାଏ ନାହିଁ। ଅର୍ଜୁନ ନିଜେ ସେହି ପାତ୍ରରେ ପାଣି ଭର୍ତ୍ତି କରି ଗୁରୁଙ୍କ ନିକଟକୁ ଆସିବାକୁ ଲାଗିଲେ । ତେଣୁ ଅନ୍ୟମାନଙ୍କ ପରି ଅଶ୍ୱଥାମା ଅଧିକ କିଛି ଶିଖିପାରିଲେ ନାହିଁ। ଯଦିଓ ସେ ଓ ଅର୍ଜୁନ ଉଭୟ ଅସ୍ତ୍ରଶସ୍ତ୍ରରେ ସମାନ ଥିଲେ । ଏବେ ଦେଶର



**ଡକ୍ଟର ଲକ୍ଷ୍ମଣ ସାହୁ**

ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪, ମୋ- ୯୦୪୦ ୧୫୧୪୭୫

ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ପାଇଁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଦେବାକୁ ଯାଉଛନ୍ତି । କହିବାର କଥା ଏଠାରେ ମଧ୍ୟ ଜାତୀୟ ପୁରସ୍କାର ପ୍ରଣାଳୀର ସୁଗନ୍ଧିତ ବାସମତି ଚାଉଳ ପଥର କୋଡି ସହିତ ମିଶ୍ରିତ ହୋଇନାହିଁ ତ ?

ଅଥବା ରାଜାଙ୍କର ସମସ୍ତ ତତ୍ତ୍ୱ ଓ ନୂତନ ନୀତି ଭଙ୍ଗ କରିବାକୁ ଇଚ୍ଛା ? କୁରୁ-ପାଣ୍ଡବଙ୍କ ଅସ୍ତ୍ରଶସ୍ତ୍ର ପରୀକ୍ଷା ସମୟରେ ହଠାତ୍ କର୍ଣ୍ଣ ସେଠାରେ ଉପସ୍ଥିତ ହେଲେ । କିନ୍ତୁ କୁନ୍ତୀ ତାଙ୍କୁ ଦେଖି ହତାଶ ହେଲେ ନା ସୂତପୁତ୍ର କ୍ଷତ୍ରିୟ କୁମାରଙ୍କ ସହ ଅସ୍ତ୍ର ପରୀକ୍ଷା ଦେବେ କି ? ବିଦୁର ଭୀଷ୍ମ ନା ରାଜା ଧୃତରାଷ୍ଟ୍ର, ଦୁର୍ଯ୍ୟୋଧନ ତୁରନ୍ତ କର୍ଣ୍ଣଙ୍କୁ ଅଙ୍ଗର ରାଜା ଭାବରେ ଅଭିଷେକ କଲେ ଓ ତାଙ୍କୁ କ୍ଷତ୍ରିୟ ଭାବରେ ଗ୍ରହଣ କଲେ । କ୍ଷେତ୍ରୀୟ କିଏ , କିଏ ନୁହଁନ୍ତି, ରାଜା କିଏ, କିଏ ନୁହଁନ୍ତି । କିନ୍ତୁ ଏସବୁ ରାଜା କୁମାର ଦୁର୍ଯ୍ୟୋଧନ ନିଷ୍ପତ୍ତି ନେବା ଅଧିକାର ଦେଲା କିଏ , ବିଚିତ୍ର ବିଚାର , ବିରୋଧଭାଷର ପ୍ରଶ୍ନ ଉଠିଲା ନାହିଁ ।

ତେଣୁ ରାଜସଭା ସଦସ୍ୟ ଜାଣନ୍ତି ଯେ ଗୁରୁ ପ୍ରକୃତରେ ରାଜକୀୟ ଖାଦ୍ୟରେ ଅଣାଯାଇଥିବା ଅନ୍ନଦାସ । ତେଣୁ ଉଭୟ ଦ୍ରୋଣ ଓ କୃପାଚାର୍ଯ୍ୟ ଜାଣିଶୁଣି କୌରବଙ୍କ ପାଇଁ ଏକାଧିକ ଥର ଲଢିଲେ। ପ୍ରଥମ ଥର ରାଜା ବିରାଟଙ୍କ ଦ୍ୱାରା ଗୋଧନକୁ କାବୁ କରିବା ସମୟରେ ଓ ଦ୍ୱିତୀୟ ଥର କୁରୁକ୍ଷେତ୍ରର ମହାରଣରେ ହୋଇଥିଲା । ଏଠାରେ ବିଚରା ଗୁରୁଙ୍କ ଦୁଃଖଦ ଘଟଣା ରହିଛି । କିଶୋର ବୟସରେ ପକ୍ଷଧରି ପକ୍ଷଶାସନ କରନ୍ତି। ଅଥଚ ବିଦୁର , ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ଅନ୍ଧ ଧୃତରାଷ୍ଟ୍ର ପାଟି ଫିଟାଇ ନାହାଁନ୍ତି । ସମସ୍ତେ ହସ୍ତିନାର ଅନ୍ନରେ ପ୍ରତିପାଳିତ, ନିରବଦ୍ରଷ୍ଟା ଏବଂ ଛାତ୍ରମାନଙ୍କୁ ଭୁଲି ପତିତ ରାଜତନ୍ତ୍ରର 'ନୀତି ନିୟମ' ରଖିବା ପାଇଁ ? ତାହା ମଧ୍ୟ ଗୁରୁଙ୍କ ଦାୟିତ୍ୱ। ସୂତ୍ରପୁତ୍ର କର୍ଣ୍ଣ ଜାମଦାଗ୍ନି ପର୍ଶୁରାମଙ୍କ ଆଶ୍ରମରେ ଅସ୍ତ୍ର ଶିଖନ୍ତି । ଗୁରୁ ଦିନେ ଛାତ୍ରଙ୍କ କୋଳରେ ମୁଣ୍ଡ ରଖି ଶୋଇପଡନ୍ତି । ଏକ ରକ୍ତ ଶୋଷୁଥିବା କୀଟ ଆସି କର୍ଣ୍ଣଙ୍କ ଆଣ୍ଠୁକୁ କାମୁଡ଼ିଲା, କର୍ଣ୍ଣ ଦାନ୍ତ କାମୁଡ଼ି ଅସହ୍ୟ ଯନ୍ତ୍ରଣା ସହିଲେ, କାଳେ ଗୁରୁ ଉଠିବେ ବୋଲି ଭୟ କରୁଥିଲେ । ଗୁରୁ ପୁରସ୍କାର ପ୍ରଦାନ କରିଥିଲେ, କିନ୍ତୁ ଅନ୍ୟ ଉପାୟରେ, 'କ୍ଷତ୍ରିୟଙ୍କ ବ୍ୟତୀତ ଅନ୍ୟ କାହାର ଏପରି ଶକ୍ତି ନାହିଁ। ତୁମେ ଜଣେ ଶୁଦ୍ଧ କ୍ଷତ୍ରିୟ, ନିଜକୁ ସୂତପୁତ୍ର ବୋଲି କହିଛ । ତୁମେ ଅସ୍ତ୍ର ଶିଖିବାକୁ ଆସିଛ । ସମୟକ୍ରମେ ଗୋଟିଏ ଅସ୍ତ୍ର ମଧ୍ୟ ମନେ ପଡିବନାହିଁ । ଯେହେତୁ ତୁମେ ମିଥ୍ୟା କହି ଅସ୍ତ୍ରଶସ୍ତ୍ର ଶିକ୍ଷା କରିଛ । ଯୁଦ୍ଧରେ ତୁମେ ହୁଏତ ଉଚ୍ଚପତିତ ହୁଅ ନାହିଁ, ତୁମର ରଥ ମେଦିନୀଙ୍କୁ ଗ୍ରାସ କରିବ । 'ଏହା ପରେ ପର୍ଶୁରାମ ରାସ୍ତାରେ ବୁଲାବୁଲି କରି ମିଥିଳା ଠାରୁ ଅଯୋଧ୍ୟା ପର୍ଯ୍ୟନ୍ତ ରାମ-ସୀତାଙ୍କ ରାସ୍ତା ଅବରୋଧ କରି କହିଥିଲେ,' ତୁମେ ବାଳକ ଯିଏ ଶିବ ଧନୁ ଭାଙ୍ଗିଲ ? ତୁମେ ମୋର ଧନୁରେ ଗୁଣ ବ୍ୟବହାର କଲେ ଯାଇ ମୁଁ ବୁଝିବି , ରାମଙ୍କୁ ସେଦିନ ପରୀକ୍ଷା ଦେବାକୁ ପଡିଥିଲା । ' ଅରୁଣୀ ବେଳେବେଳେ ତାଙ୍କ ଶିଷ୍ୟ ଉଦ୍ଦାଲକଙ୍କୁ ବନ୍ଧର ଜଳକୁ ଅବରୋଧ କରିବାକୁ କହିଥାନ୍ତି । ଏପରିକି ବେଳେବେଳେ ଗୁରୁ ଶିଷ୍ୟଙ୍କୁ ଯମାଳୟକୁ ଯାଇ ପୁତ୍ରକୁ ଉଦ୍ଧାର କରିବାକୁ ଗୁପ୍ତ ନିର୍ଦ୍ଦେଶ ଦେଇଥିଲେ । ଗୁରୁ ଗରିବ ଥିବାରୁ ଶିଷ୍ୟମାନଙ୍କୁ ଏହି ସମସ୍ତ ଜଙ୍ଗଲ ମଧ୍ୟରୁ ଜାଳ ଆଣିବାକୁ, ଗାଈ ଚରାଇବା, କବଚ କୁଣ୍ଡଳ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ରାଜା ? ସେ ଧନୀ, ପୁରସ୍କାର ଦେବା ନାମରେ ବ୍ରହ୍ମବିଦ୍‌ଙ୍କୁ ପ୍ରଦାନ କରୁଥିବା ବ୍ରାହ୍ମଣଙ୍କୁ ଲାଞ୍ଚ ଦେବେ । ରାଜର୍ଷିକ ଜନକ ଏକ ବାଡ଼ି ଧରାଇ ବ୍ରାହ୍ମଣମାନଙ୍କୁ କହିବେ, ଯେତେ ଦୂର ତୁମେ ବାଡ଼ି ଫିଙ୍ଗି ପାରିବ, ସେ ସମସ୍ତ ଗୋଦାନ୍ ତୁମର । ଯାଜ୍ଞବଲ୍କ୍ୟ ଚ୍ୟାଲେଞ୍ଜ କରି କିଛି ମାଇଲ ଦୂରରେ ପଡିଥିବା ବାଡିଟିକୁ ଫିଙ୍ଗି ଦେଇଥିଲେ । ତେଣୁ ସେ ସେହି ବିସ୍ତୃତ ଅଞ୍ଚଳର ସମସ୍ତ ଗାଈ କ୍ଷୀରକୁ ଆଶ୍ରମକୁ ନେଉଥିଲେ । ଜଣେ ପଚାରି ପାରନ୍ତି ସରକାରୀ ଚୋରୀରେ ଚାଉଳ ଓ ଗୋଡ଼ି ମିଶ୍ରଣ କରିବା ପରେ ମଧ୍ୟ ଏତେ ପୁରାଣର କାରଣ କ'ଣ ହୋଇ ପାରେ ? ପ୍ରକୃତରେ ଉତ୍ତର ସମାନ ଅଟେ । ସମାଜବିଜ୍ଞାନୀମାନେ କୁହନ୍ତି ପୁରାଣର ପରମ୍ପରା ମୂଲ୍ୟବୋଧ ବହନ କରେ, ଯାହା ପୁରାଣ ଆମ ଉପରେ ଲଗାଇଥାଏ । ତେଣୁ ଯଦି ଦୁର୍ନୀତିଗ୍ରସ୍ତ ଶାସକ କୁହନ୍ତି ଯେ ଶିକ୍ଷକମାନେ ବିନା ବେତନରେ ଦୁଇ ତିନି ମାସ ସ୍ୱେଚ୍ଛାସେବୀ ହେବା ଉଚିତ୍ । ଏହା କ'ଣ ଏକ ପୁରାଣ ନୀତି ଅଟେ । ଅନ୍ୟ ବୃତ୍ତିରେ ଦାରିଦ୍ର୍ୟ ବିଷୟରେ ସେପରି କୌଣସି ପୌରାଣିକ ପୁରାଣ ନାହିଁ । ତେଣୁ କିରାଣୀଠାରୁ ଅମଲାତନ୍ତ୍ର ପର୍ଯ୍ୟନ୍ତ କାହାକୁ ଦୁଇ କିମ୍ବା ତିନିମାସ ବିନା ପାରିଶ୍ରମିକରେ କାମ କରିବାକୁ ଫତୱା ଦିଆଯାଇପାରିବ ନାହିଁ ।

ଚାଉଳରେ ଗୋଡ଼ି ପଥର ମିଶ୍ରଣ ବିଦ୍ୟାଳୟ ସେବା ଆୟୋଗ ପାଇଁ ଆଉ ଏକ କାହାଣୀ । ମାକେଡୋନିଆର ଫିଲିପ ଆରିଷ୍ଟୋଟଲକୁ ଆସି ତାଙ୍କ ପୁଅ ଆଲେକ୍ସଜାଣ୍ଡାରର ଶିକ୍ଷକ ଭାବରେ ଚାହୁଁଥିଲେ। ଦାର୍ଶନିକଙ୍କୁ 'ପ୍ରଭାବିତ' କରିବାକୁ ସେ କହିଥିଲେ ଯେ ସେ ଜଣେ ରାଜକୁମାର, ଶୁଣ ଓ ଶିକ୍ଷା ଦିଅ । ଆରିଷ୍ଟୋଟଲ୍ କହିଛନ୍ତି, 'ଦୂର, ମହାଶୟ। ସମସ୍ତଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡିବ, ଶିକ୍ଷା ବ୍ୟତୀତ ଅନ୍ୟ କୌଣସି ରାଜକୀୟତା ନାହିଁ ।' ବର୍ତ୍ତମାନ ଜିନିଷଗୁଡ଼ିକ ଅଲଗା । ଯୋଗ୍ୟତା କିମ୍ବା ଅଯୋଗ୍ୟତାକୁ ଖାତିର ନକରି କେବଳ ଗୋଟିଏ ରାଜପଥ ଅଛି । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ ଭାରତୀୟ ପୁରାଣ ଶିକ୍ଷା ଦିଏ ଯେ ଶିକ୍ଷକ ଗରିବ ହେବେ । ମାଗଣାରେ କ୍ଲାସ୍ ଶିକ୍ଷାଦେବ, ନୋଟବୁକ୍ ଯାଞ୍ଚ କରିବ, ପ୍ରଶ୍ନପତ୍ର ପ୍ରସ୍ତୁତ କରିବ ଓ ଠିକ୍ ସମୟରେ ସିଲାବସ୍ ସଂପୂର୍ଣ୍ଣ କରିବ । ଏଠାରେ ଯଦି ଏହା ଚାଉଳ-ପଥର କିମ୍ବା ଜଳ-କ୍ଷୀର ସହିତ ମିଶ୍ରିତ ହୁଏ, ତେବେ ରାଜା ଓ ରାଣୀ କିମ୍ବା ପରିଷଦ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ପୁରାଣର ମୂଲ୍ୟ କ'ଣ ! ଦୀର୍ଘ ବର୍ଷ ଶିକ୍ଷା ଦାନ କରି ତିନି କୋଡ଼ିରେ ଅବସର ନେବା ପରେ ତା'ର ବଞ୍ଚିବାର ଅଧିକାର ନାହିଁ । ପେନସନ ନାହିଁ । ଅବହେଳିତ ଶିକ୍ଷକ ଗରିବା ହେବା ଆମ ପୁରାଣ ବର୍ଣ୍ଣିତ ନ୍ୟାୟ ନୁହେଁତ ଆଉ କ'ଣ... ???

# ଶିକ୍ଷକଙ୍କ ପାଇଁ ଦିନଟିଏ

ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଥିଲେ ଜଣେ ଆଦର୍ଶ ଶିକ୍ଷକ। ମହାନ ଦାର୍ଶନିକ। ସେପ୍ଟେମ୍ବର ୫ ତାରିଖ ତାଙ୍କର ଜନ୍ମ ତିଥି। ଜୟନ୍ତୀ। ଏହିଦିନ ସାରା ଭାରତରେ ଶିକ୍ଷକ ଦିବସ ପାଳିତ ହୁଏ। ଏହାକୁ ଅଧିକାଂଶ ଗୁରୁଦିବସ ଭାବେ ଜାଣନ୍ତି। ୧୯୬୨ ମସିହାରେ ରାଧାକୃଷ୍ଣନଙ୍କ ଛାତ୍ରମାନେ ତାଙ୍କ ଜନ୍ମଦିନ ପାଳନ କରିବାକୁ ଅନୁମତି ଲୋଡ଼ିଲେ। କିନ୍ତୁ ନିଜ ଜନ୍ମଦିନକୁ ଶିକ୍ଷକ ଦିବସ ରୂପେ ପାଳନ କରିବାକୁ ରାଧାକୃଷ୍ଣନ ପ୍ରସ୍ତାବ ରଖିଥିଲେ। ସେହିଦିନଠୁ ସେପ୍ଟେମ୍ବର, ୫ ସାରା ଦେଶରେ ଶିକ୍ଷକ ଦିବସ ରୂପେ ପାଳିତ ହୋଇଆସୁଅଛି। ଶିକ୍ଷା କ୍ଷେତ୍ରରେ ରାଧାକୃଷ୍ଣନଙ୍କ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ ଓ ଜନ୍ମ ଜୟନ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ ଗୁରୁଦିବସ ପାଳନର ଉଦ୍ଦେଶ୍ୟ। ସେ ଶିକ୍ଷକ ସମାଜକୁ ପ୍ରତିନିଧିତ୍ୱ କରନ୍ତି। ବ୍ୟକ୍ତି ଗଠନ ଓ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଅକୁଣ୍ଠ ଯୋଗଦାନ ପାଇଁ ଗୁରୁଦିବସରେ ଛାତ୍ରୀଛାତ୍ର ଶିକ୍ଷକକୁ ସାଦର ସମ୍ମାନ ପ୍ରଦର୍ଶନ କରନ୍ତି। ତାଙ୍କ ପାଇଁ ଦିନଟିଏ କାଢ଼ି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। ଉପହାର ଦିଅନ୍ତି। ଆଶୀର୍ବାଦ ଭିକ୍ଷା କରନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଶ୍ରଦ୍ଧାର ସହିତ ଗୁରୁଦିବସ ପାଳିତ ହୋଇଥାଏ। ଗୁରୁପୂଜା କରାଯାଇଥାଏ।

ଶିକ୍ଷକ ଓ ଗୁରୁ ଏକା ଓ ଅଭିନ୍ନ। ଯିଏ ଶିଖାନ୍ତି ଜ୍ଞାନ ପ୍ରଦାନ କରନ୍ତି, ଉତ୍କୃଷ୍ଟ ଜୀବନ ଧାରଣର ମାର୍ଗଦର୍ଶନ କରନ୍ତି, ସତମାର୍ଗରେ ପରିଚାଳିତ କରାନ୍ତି, ନୈତିକତା, ଆଧାତ୍ମିକତା, ମାନବଧର୍ମର କର୍ଣ୍ଣମନ୍ତ୍ର ଦିଅନ୍ତି ସିଏ ଶିକ୍ଷକ, ଗୁରୁ। ଗୁରୁକୁଳ ଶିକ୍ଷା ସମୟରେ ଗୁରୁ ଶବ୍ଦର ବହୁଳ ବ୍ୟବହାର ହେଉଥିଲା। ପରେ ଗୁରୁଙ୍କ ସ୍ଥାନ ଶିକ୍ଷକ ନେଲେ। ଇଂରାଜୀ ମାଧ୍ୟମ ସ୍କୁଲରେ ଶିକ୍ଷକଙ୍କୁ ସାର ଓ ଶିକ୍ଷୟତ୍ରୀଙ୍କୁ ମାଡ଼ାମ ଡକାଯାଏ। ଓଡ଼ିଆ ମାଧ୍ୟମ ସ୍କୁଲରେ ମଧ୍ୟ ଏବେ ଏହା ପରିବ୍ୟାପ୍ତ। ସେହିପରି ଶିଷ୍ୟ ଶବ୍ଦର ବ୍ୟବହାର କ୍ୱଚିତ ଦେଖିବାକୁ ମିଳେ। ଅବଶ୍ୟ ଶିଶୁ ମନ୍ଦିର ଭଳି କେତେକ ବିଦ୍ୟାଳୟ ଏବଂ ବଞ୍ଚିରହିଥିବା ହାତଗଣତି ଗୁରୁକୁଳ ଆଶ୍ରମରେ ଏବେ ସୁଦ୍ଧା ପୁରୁଣା ପ୍ରଥା ଓ ପରମ୍ପରା ଦେଖିବାକୁ ମିଳିଥାଏ।

'ଗୁ' ଏବଂ 'ରୁ' ବର୍ଣ୍ଣର ମିଳନରେ ସଂସ୍କୃତ ଶବ୍ଦ ଗୁରୁର ସୃଷ୍ଟି। 'ଗୁ' ଅର୍ଥ ଅନ୍ଧାର। 'ରୁ' ଅର୍ଥ ଦୂର କରିବା। ଅର୍ଥାତ୍ ଯିଏ ଅଜ୍ଞାନରୂପୀ ଅନ୍ଧକାର ଦୂରୀଭୂତ କରି ଜ୍ଞାନାଲୋକ ପ୍ରଦାନ କରନ୍ତି ସିଏ ଗୁରୁ ଅଟନ୍ତି। ''ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଳାକୟା, ଚକ୍ଷୁରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ'' ଶ୍ଳୋକ ଏହାକୁ ସିଦ୍ଧ କରେ। ଗୁରୁ ଶବ୍ଦର ଅନ୍ୟ ଏକ ଅର୍ଥ ଭାରୀ। ଓଜନିଆଁ। ବିଦ୍ୟା ବୁଦ୍ଧି ବିବେକଯୁକ୍ତ ଗୁରୁ କାଳେକାଳେ ବନ୍ଦନୀୟ। ପୂଜନୀୟ। ସବୁଠି ତାଙ୍କର ଆଦର ଥାଏ। ସବୁ ସ୍ଥାନରେ ସେ ସମ୍ମାନ ପାଆନ୍ତି। ଲୋକେ ତାଙ୍କୁ ପୂଜା କରନ୍ତି। ତେଣୁ ରାଜା ସିନା ପୂଜାପାଏ ଆପଣା ଦେଶରେ, କବି ପୂଜା ପାଉଥାଏ ଦେଶ ବିଦେଶରେ ବୋଲି କୁହାଯାଏ। ବୁଦ୍ଧିବାନ, ଜ୍ଞାନବାନ, ପ୍ରଜ୍ଞାବାନ ବ୍ୟକ୍ତିର ଗୁରୁତ୍ୱ ସର୍ବାପେକ୍ଷା ଅଧିକ। ତେଣୁ ସିଏ ହିଁ ଗୁରୁ ଯିଏ ଜ୍ଞାନରେ ଭାରୀ, ଓଜନରେ ନୁହଁ।

କୁମ୍ଭକାର ନିଜ ହାତର ଯାଦୁଗରୀ ସ୍ପର୍ଶରେ କମନୀୟ ଆର୍ଦ୍ର ମୃତ୍ତିକାକୁ ବିଭିନ୍ନ ଆକର୍ଷଣୀୟ ଆକୃତି ଦେବାରେ ସମର୍ଥ। ସିଦ୍ଧହସ୍ତ। ଠିକ ସିମିତି ଶିକ୍ଷକ ନିଜ ପ୍ରତିଭା ପରଶରେ ଯୋଗ୍ୟ ମଣିଷ ଗଢ଼ିବାକୁ ସକ୍ଷମ। ତେଣୁ ତାଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ୱରୂପ ଓ ସମକକ୍ଷ ବିଚାର କରାଯାଏ। ଭାଗବତ ବାଣୀ ''ଗୁରୁଙ୍କୁ ନମଣିବ ନର, ଗୁରୁହିଁ ସାକ୍ଷାତେ ଇଶ୍ୱର'' ରୁ ଏହା ସ୍ପଷ୍ଟ ବୁଝାପଡ଼େ। ସଂସ୍କୃତ ଶ୍ଳୋକ ଗୁରୁର୍ବହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦବୋ ମହେଶ୍ୱରଃ, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ଏହାର ଯଥାର୍ଥତା ପ୍ରତିପାଦିତ କରେ। ସନାତନ ଧର୍ମରେ ଗୁରୁଙ୍କୁ ଗୋ, ଗଙ୍ଗା, ଗାୟତ୍ରୀ ଏବଂ ଗୀତା ସହିତ ତୁଳନା କରାଯାଏ। ସମକକ୍ଷ ବିବେଚନା କରାଯାଏ। ଗୁରୁ ସକଳ ଶକ୍ତିର ଆଧାର। ଶିଷ୍ୟର ଭାଗ୍ୟବିଧାତା। ବନ୍ଧୁ, ଦାର୍ଶନିକ, ମାର୍ଗଦର୍ଶକ। ତାଙ୍କୁ କୁଶଳୀ, ପାରଦର୍ଶୀ ଓ ସ୍ୱାବଲମ୍ବୀ କରି ଗଢ଼ିତୋଳିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୋଥି ଜ୍ଞାନ ପ୍ରଦାନ ସହିତ ନୈତିକ ଶିକ୍ଷା ଓ ଚରିତ୍ର ଗଠନ ଗୁରୁଙ୍କ ବଡ଼ ଦାୟିତ୍ୱ। କଠିନ ଆହ୍ୱାନର ସହଜ ମୁକାବିଲା କରିବା କଳା ସେ ଶିଷ୍ୟକୁ ଶିଖାନ୍ତି। ପୁତ୍ରବତ ସ୍ନେହ, ଶ୍ରଦ୍ଧା, ଅନୁଶାସନଶୀଳ କରନ୍ତି। ସେହିପରି ସମ୍ମାନ, ଭକ୍ତି, ବିଶ୍ୱାସ ଓ ସମର୍ପଣଭାବ ଏକ ଉତ୍ତମ ଶିଷ୍ୟର ଲକ୍ଷଣ ଓ କର୍ତ୍ତବ୍ୟ। ଅଧ୍ୟବସାୟ, ଅଭ୍ୟାସ, ସାଧ୍ୟାୟ ଆଦି ସଫଳତା ଦିଏ। ପରୋପକାର, ସେବା, ସାହାଯ୍ୟ, ସହାନୁଭୂତି ଇତ୍ୟାଦି ମାନବୀୟ ମୂଲ୍ୟବୋଧ ବଳରେ ଛାତ୍ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ଶିକ୍ଷକ ଏଦିଗରେ ଶିଷ୍ୟକୁ ଉଚିତ୍ ମାର୍ଗଦର୍ଶନ କରିଥାନ୍ତି। ଏହା ସୁଦୃଢ଼ ଗୁରୁ-ଶିଷ୍ୟ ପରମ୍ପରା ଦ୍ୱାରା ସମ୍ଭବ। ଉତ୍ତମ ଶିକ୍ଷକ କେବଳ ଶିଖାନ୍ତି ନାହିଁ, ନିଜେ ବି ଶିଖନ୍ତି। ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ମଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ ଉପଦେଶାତ୍ମକ ପଦରୁ ଏହା ସୁସ୍ପଷ୍ଟ।

ଗୁରୁ - ଶିଷ୍ୟ ପରମ୍ପରା ବହୁତ ପୁରୁଣା। ସନ୍ଦୀପନି - ଶ୍ରୀକୃଷ୍ଣ, ଦ୍ରୋଣାଚାର୍ଯ୍ୟ - ଅର୍ଜୁନ, ଚାଣକ୍ୟ - ଚନ୍ଦ୍ରଗୁପ୍ତ, ରାମକୃଷ୍ଣ ପରମହଂସ - ବିବେକାନନ୍ଦ, ରାମଦାସ - ଶିବାଜୀ, ଦାଦାଭାଇ ନରୋଜୀ - ମହାତ୍ମା ଗାନ୍ଧୀ, ହେନେରୀ ମୁରେ - ନିଉଟନ ଇତ୍ୟାଦି ଗୁରୁ - ଶିଷ୍ୟ ଯୋଡି ଖୁବ୍ ପ୍ରସିଦ୍ଧ। ଆମକୁ ଓ ଆମ ଉତ୍ତରପିଢ଼ିକୁ ଏମାନଙ୍କଠାରୁ ଅନେକ କିଛି ଶିଖିବାର ଅଛି। ଆରୁଣୀ କିମ୍ବା ଉପମନ୍ୟୁ ହେବା ଏତେ ସହଜ ନୁହେଁ। ସେହିପରି ରାମଦାସ କିମ୍ବା ରାମକୃଷ୍ଣ ପରମହଂସ ହେବା। ଗୁରୁ - ଶିଷ୍ୟ ପରମ୍ପରାକୁ ବଂଚେଇ ରଖିବାକୁ ହେଲେ ଉଭୟଙ୍କୁ ଦାତା ଗ୍ରହୀତାର ପରିସୀମା ଲଂଘିବାକୁ ହେବ। ଭିନ୍ନ ଶରୀର କିନ୍ତୁ ଏକ ପ୍ରାଣ ବୋଲି ବିଶ୍ୱାସ କରିବାକୁ ହେବ। ଶିକ୍ଷକକୁ ଯୁଗୋପଯୋଗୀ ହେବାକୁ ପଡ଼ିବ। ଆଧୁନିକ ଜ୍ଞାନକୌଶଳର ମାର୍ଗଦ୍ରଷ୍ଟା ସାଜିବାକୁ ହେବ। ଛାତ୍ରୀଛାତ୍ରମାନେ ଉଦ୍ଧତ, ଉଚ୍ଛୁଙ୍ଖଳ, ଉଦାସୀନ ନହୋଇ ସଂଯମୀ, ଶୃଙ୍ଖଳିତ ଏବଂ ଉଦାର ହେବାକୁ ପଡ଼ିବ। ଶିକ୍ଷକ ରାଷ୍ଟ୍ରନିର୍ମାତା। ଏହା ସର୍ବଜନବିଦିତ। ସର୍ବଜନଗୃହୀତ। ସେ ପ୍ରେରଣାର ଉ ତାଙ୍କରି ଇଚ୍ଛା, ଆଗ୍ରହ, ଉଦ୍ୟମ, ଦୃଷ୍ଟିଭଙ୍ଗୀ, ମନୋବଳ ଓ ମାନସିକତା ବଳରେ ସେ ଅସମ୍ଭବକୁ ସମ୍ଭବ କରିପାରିବେ। ଥରେ ଜଣେ କୁମ୍ଭାର ମାଟିରୁ ଚିଲମ ତିଆରି କରୁଥାନ୍ତି। କଣ ହେଲା କେଜାଣି ସବୁ ଚିଲମକୁ ଭାଙ୍ଗି ମାଟି ଏକତ୍ରିତ କଲେ। ଚକଟିଲେ। ନୂଆ ରୂପ ଦେବାକୁ ବାହାରିଲେ। ଚିଲମ ପରିବର୍ତ୍ତେ ସୁରେଇ ଗଢ଼ିବା ଆରମ୍ଭ କରନ୍ତେ, ମାଟି ଖିଲି ଖିଲି ହସି ପଚାରିଲା ଆଜି ମୋତେ ଆପଣ ନୂଆ ରୂପ ଦେଉଛନ୍ତି କାହିଁକି ? କୁମ୍ଭାର ଉତ୍ତର ଦେଲେ, ବିଚାର ବଦଳିଗଲା। ମାଟି ପୁଣି କହିଲା ଆପଣଙ୍କ ବିଚାର ସିନା ବଦଳିଗଲା, କିନ୍ତୁ ମୋର ଜୀବନ ବଦଳିଗଲା। ଏପର୍ଯ୍ୟନ୍ତ ମୁଁ ଜଳୁଥିଲି, ଅନ୍ୟକୁ ଜଳାଉଥିଲି। ଆଜିଠୁ ମୁଁ ଶୀତଳ ରହିବି ଓ ଅନ୍ୟମାନଙ୍କୁ ଶୀତଳତା ପ୍ରଦାନ କରିବି।

ଶିକ୍ଷକ କୁମ୍ଭାର ସଦୃଶ। ପିଲାର ଭବିଷ୍ୟତ ତାଙ୍କରି ହାତରେ। କମନୀୟ ମାଟିମୁଣ୍ଡାରୁ କଣ ଗଢ଼ିବେ ସେ ବିଚାର କରିବେ। ଶିକ୍ଷକ ଓ ଶିକ୍ଷାର୍ଥୀର ମଧୁର ସମ୍ପର୍କ ଏବଂ ଉତ୍ତମ ସମନ୍ୱୟ ଗୁରୁ - ଶିଷ୍ୟ ପରମ୍ପରାକୁ ଋଦ୍ଧିମନ୍ତ କରିବ। ପବିତ୍ର ଶିକ୍ଷକ ଦିବସ ଅବସରରେ ନିଜ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାନ୍ତୁ। ସମ୍ଭବ ହେଲେ ତାଙ୍କ ଘରକୁ ଯାଇ ପାଦ ଧୂଳି ନିଅନ୍ତୁ। ଆଶୀର୍ବାଦ ଭିକ୍ଷା କରନ୍ତୁ। ଦୂରସ୍ଥାନରେ ଅବସ୍ଥାନ କରୁଥିଲେ ଫୋନ ଯୋଗେ ସମ୍ପର୍କ ସ୍ଥାପନ କରନ୍ତୁ। ଭଲ ମନ୍ଦ ପଚାରନ୍ତୁ। ସ୍କୁଲ କଲେଜର କିଛି ସ୍ମରଣୀୟ ଘଟଣା ଥିଲେ ତାଙ୍କ ସହ ବାଣ୍ଟନ୍ତୁ। ପୁରୁଣା ଦିନ ସତେଜ ହୋଇଉଠିବ। ଛୋଟ ଉପହାର ଦେଇ ସମ୍ମାନିତ କରନ୍ତୁ। କୃତଜ୍ଞତା ଜ୍ଞାପନ କରନ୍ତୁ। ବିଶ୍ୱାସ ଦିଅନ୍ତୁ ଯେ ତାଙ୍କ ପାଇଁ ଆପଣ ଆଜି ମଣିଷ। ଦେଖିବେ ସେ କେତେ ଆନନ୍ଦିତ ହେବେ। ଶିକ୍ଷକଙ୍କ ପାଇଁ ଦିନଟିଏ ସତ ଉପଯୋଗ କଲେ ଦିବଂଗତ ରାଧାକୃଷ୍ଣନଙ୍କ ଅମର ଆତ୍ମା ପ୍ରତି ତାହା ଆମର ସତ୍ୟ ଶ୍ରଦ୍ଧାଞ୍ଜଳି ହେବ।



**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର, ମୋ-୭୯୭୮୨୩୧୯୦

# ଛାତ୍ର ଛାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା

ଅନଲାଇନ ବସ୍ ଟିକେଟ ବୁକିଙ୍ଗ୍ କରିବାକୁ ମୁଁ କ୍ରୁଟ୍ ଆପ୍ ଇନଷ୍ଟଲ୍ କଲି । ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷ୍ୟେ ଆମ ସରକାର ମହିଳା ମାଆ ମାନଙ୍କ ପାଇଁ ଗୋଟିଏ ଦିନ ଦାତବ୍ୟ ବସ୍ ସେବା କରିଥିଲେ । ବହୁତ ଭଲ ପଦକ୍ଷେପ ଥିଲା । ମହିଳାମାନେ ମାଆ ସମାନ । ସେମାନଙ୍କ ସଶକ୍ତିକରଣରେ ସମାଜ ଓ ରାଷ୍ଟ୍ର ଶକ୍ତିଶାଳୀ ହେବ । ସରକାରୀ ବସ୍ ସହିତ ଘରୋଇ ବସ୍ ସେଥିରେ ସାମିଲ୍ ହୋଇ ଥିଲେ ମାଆ ମାନଙ୍କ ପାଇଁ ଅଧିକ ସୁବିଧାଜନକ ବ୍ୟବସ୍ଥା ହୋଇ ଥା'ନ୍ତା । ପଡୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦାର ହୃଦୟ ହେତୁ ସେଠାରେ ସବୁଦିନିଆ ମାଗଣା ମହିଳା ବସ୍ ସେବା କାର୍ଯ୍ୟ କରୁଛି। ଏହି ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା ମିଳିଲେ ପିଲାମାନେ ଅଧିକ ଉପକୃତ ହୁଅନ୍ତେ ।

ଏହି ପରିପ୍ରେକ୍ଷୀରେ ମନେ ପଡୁଛି ଗୋଟିଏ କଥା । ସତୁରୀ ବର୍ଷ ବୟସର ଅଜା ନିଜ ନାତୁଣୀକୁ ସାଇକେଲରେ ଦୀର୍ଘ ଚଉଦ କିଲୋମିଟର ରାସ୍ତା ଅତିକ୍ରମ କରି କୋଚିଙ୍ଗ ସେଣ୍ଟରରେ ପହଞ୍ଚୁଥିଲେ । ଗ୍ରୀଷ୍ମ ଋତୁର ଝାଞ୍ଜି, ଥୁରୁଥୁରିଆ ଶୀତ ଓ ଧାରା ଶ୍ରାବଣର ଢ଼ୁ ଢ଼ୁ ବର୍ଷାରେ ସେ ନାତୁଣୀ ପେଙ୍ଗୁଇନକୁ ନେଇ ଆସୁଥିଲେ । ଝିଅ ପଢିବା ନିହାତି ଦରକାର । ପାରିବାରିକ ଅବ୍ୟବସ୍ଥା ଭିତରେ ଜ୍ୱାଇଁ ଖଣ୍ଡକ ଝିଅ ଓ ନାତୁଣୀଙ୍କୁ ଛାଡି ଅନ୍ୟ ରାଜ୍ୟରେ ଦାଦନ ଖଟୁଛି। ଦୁଃଖ ଓ ପରିତାପର ବିଷୟ ଜ୍ୱାଇଁ ଆଉ ଜଣେ ରକ୍ଷିତା ସହିତ କାଳାତିପାତ କରୁଛି ବୋଲି ବାହାରୁ ଶୁଣା ଯାଉଛି । ହେଲେ ତାର କୌଣସିଫୋନନମ୍ବରଲାଗୁନାହିଁ । ଝିଅ ଜ୍ୱାଇଁଙ୍କ ଅନୈକ ମାନସିକତା ଭିତରେ ନାତୁଣୀ ପେଙ୍ଗୁଇନ ପେଷି ହୋଇ ଯାଉଥାଏ । ସେଥିରେ ଅଜା ସାହୁ ମଉସା ନାତୁଣୀକୁ ଦୁନିଆ ଦାଣ୍ଡରେ ଠିଆ କରାଇବାକୁ ପଣ କରିଛନ୍ତି। ସେ ତାକୁ କଠିନ ପରିଶ୍ରମ କରି ଟିଉସନ ଆଣୁଥିଲେ । ସରକାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ନାତୁଣୀ ଆଦର୍ଶ କି ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଆଜା ସାହୁ ମଉସାଙ୍କ ଶ୍ରମ କିଛିଟା ସଫଳ ହେବ। ବୟସ୍କ ମଣିଷ ହୋଇ ବି କମ୍ ବୟସର ଶିକ୍ଷକ ମାନଙ୍କୁ ସେ ଆଗତୁରା ନମସ୍କାର କରୁଥିଲେ । ପଚାରିଲେ ସେ କୁହନ୍ତି, 'ନମସ୍କାର ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ । ନମସ୍କାର ଗୋଟିଏ ଭଲ ଜିନିଷ । ବଡମାନେ ସାନମାନଙ୍କୁ ଭଲ ଜିନିଷ ଦେବା କୌଣସି ଖରାପ କାର୍ଯ୍ୟ ନୁହେଁ ।'

ପେଙ୍ଗୁଇନ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାମ ଲେଖାଇ ପଢା ଆରମ୍ଭ କଲା । କିଛିଦିନ ପରେ ଝିଅଟି ବଷ୍ଟପରେ ଛିଡା ହୋଇଥିବାର ଦେଖିଲି । ତା ପାଖରେ ପହଞ୍ଚିବାରୁ ସେ ପାଦ ଛୁଇଁ ପ୍ରଣାମ କଲା । ପଚାରିଲି, 'ଅଜାଙ୍କ ଦେହ ଭଲ ଅଛି ତ ?' -'ଆଜ୍ଞା ।'

ସେ ଆସି ନାହାଁନ୍ତି ? 'ସେ ଉତ୍ତର ଦେଲା,- 'ନା ।'

'ତୁ ଘରକୁ କେମିତି ଯିବୁ ? 'ପଚାରିବାରୁ ସେ ସବୁ କଥା କହିଲା ।

ଆଦର୍ଶ ବିଦ୍ୟାଳୟରେ ପଢିବାକୁ ସେ ଆସୁଛି । ବିଦ୍ୟାଳୟର ହଷ୍ଟେଲ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଅନେକ ଥର ବାହାର ରଙ୍ଗ ପରିବର୍ତ୍ତନ ହୋଇଛି । ହେଲେ ଦୂର ଦୂରାନ୍ତର ଛାତ୍ରୀଙ୍କ ରହଣୀ ସୁବିଧା ନଥିବାରୁ ପେଙ୍ଗୁଇନ ଅସୁବିଧାର ସମ୍ମୁଖିନ ହେଲା । ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ସତ୍ତ୍ୱେ ନବୋଦୟ ବିଦ୍ୟାଳୟ ଛାଡି ଆଦର୍ଶ ବିଦ୍ୟାଳୟରେ ଭର୍ତ୍ତୀ ହୋଇଥିବା ପିଲାମାନେ ଅଧିକ ସମସ୍ୟାରେ ପଡୁଥିଲେ । ହଷ୍ଟେଲ ନଥିବାରୁ ନାହିଁ ନଥିବା କଷ୍ଟ ପାଉଛନ୍ତି ବିଦ୍ୟାର୍ଥୀମାନେ। ଯାତାୟାତର ଅସୁବିଧା ଥିବାରୁ ଆଦର୍ଶ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇ ବି କେତେକ ଅଭିଭାବକ ନିଜ ପିଲାଙ୍କୁ ଆଦର୍ଶ ବିଦ୍ୟାଳୟରେ ଭର୍ତ୍ତୀ କରି ନାହାଁନ୍ତି ।

ଦୁଇ ବେଳା କୋଚିଙ୍ଗ ସହିତ ସ୍କୁଲକୁ ଗୁରୁତ୍ୱ ଦେବାକୁ ଯାଇ ସାହୁ ମଉସା ଦୁଇବେଳା ସାଇକେଲରେ ନବା ଆଣିବାରେ ଅକ୍ଷମତା ପ୍ରକାଶ କଲେ । ତେଣୁ ପେଙ୍ଗୁଇନର ପଢା ଜାରି ରଖିବାକୁ ସରକାରୀ ଆମ ବସରେ ନିୟମିତ ଯିବା ଆସିବାକୁ ସେ କ୍ରୁଟ୍ ସଂସ୍ଥାରୁ ଗୋଟିଏ ମନ୍ଥଲୀ ପାସ୍ ଆଣି ରଖିଛି । ମାସିକ ଦେୟ ଆଠଶହ ଟଙ୍କା । ସେହି ଆଠଶହ ଅଗ୍ରୀମ ଦେବାକୁ ପଡେ । କାର୍ଡଟିକୁ ମୁଁ ଦେଖିଲି । ସାଧାରଣ ଏଟିଏମ୍ କାର୍ଡର ଅବିକଳ ଥିଲା । ଛକରୁ ପେଙ୍ଗୁଇନ ବସରେ ଉଠି ସାରିବା ବେଳକୁ କୋଚିଙ୍ଗ ସେଣ୍ଟରରୁ ଆଉ ଗୋଟିଏ ଝିଅ ଦୌଡି ଦୌଡି ଆସିଲା । ଅଥଚ ଡ୍ରାଇଭର ଗାଡିଟାକୁ ଆଉ ଅଧିକ ଗୋଟିଏ ମିନିଟ୍ ନରଖି ଆମ ବସ ଷ୍ଟପ୍ ଛାଡିଦେଲା । ସନ୍ଧ୍ୟାର ଆଗମନ ହେତୁ ଝିଅଟି ବସ୍ ଫେଲ୍ ହେବାରୁ କାନ୍ଦିବା ଆରମ୍ଭ କଲା । ଅଷ୍ଟମ ଶ୍ରେଣୀର ଝିଅ । ବସ୍ ଉପରେ ନିର୍ଭରଶୀଳ। ତାକୁ ବୁଝାଇବାକୁ ଆରମ୍ଭ କଲେ କଦଳୀ ଦୋକାନୀ ଭଗବାନ ବାବୁ । ପରେ ତା ଘରକୁ ଭଗବାନ ଫୋନ କଲେ । ଘରୁ ଅଭିଭାବକ ଆସିବାରୁ ସେ ଘରକୁ ଫେରିଲା। ପେଙ୍ଗୁଇନ ନିଜ ଘରପାଖ ଷ୍ଟପରେ ତାକୁ ଅପେକ୍ଷା କରିଥିଲା । ସେଠାରୁ ଦୁହେଁ ଯିଏ ଯାହା ଘରକୁ ଚାଲିଗଲେ ।

ପୂର୍ବାପେକ୍ଷା ଆଜିକାଲିର ଝିଅମାନେ ପାଠ ଭଲ ପଢୁଛନ୍ତି । ଅଭିଭାବକଙ୍କ ସଚେତନତା ଓ ଶିକ୍ଷକମାନଙ୍କ ପ୍ରେରଣାରେ ଛାତ୍ର ଛାତ୍ରୀଙ୍କ ସାମଗ୍ରିକ ବିକାଶ ସମ୍ଭବ ହେଉଛି । ତଥାପି କୋଉଠି ନା କୋଉଠି କନ୍ୟାଟିଏ ଅଧାରୁ ପାଠ ଛାଡି ଡ୍ରପ ଆଉଟ୍ ହୋଇ ରହିଯାଉଛି। ଗ୍ରାମାଞ୍ଚଳର ପିତାମାତା ଛୋଟ ଭାଇ କି ଭଉଣୀର ଜଗାରଖା କରିବାର ଦାୟିତ୍ୱ ବଡ ଭଉଣୀକୁ ଦେଇ କର୍ମକ୍ଷେତ୍ରକୁ ଚାଲି ଯାଉଛନ୍ତି। ଝିଅମାନେ ବଡ ହେବାପରେ ଅଭିଭାବକଙ୍କ ଉଦାସୀନତା ଯୋଗୁ ଷଷ୍ଠ ଶ୍ରେଣୀରୁ ଛାତ୍ରୀଟିଏ ଦୂର ବିଦ୍ୟାଳୟକୁ ଯିବାକୁ ଅମଙ୍ଗ ହେଉଛି । ବାହ୍ୟ ପରିବେଶରେ ଝିଅର ସୁରକ୍ଷା ଓ ନିରାପତ୍ତା ସହିତ ଅନ୍ୟର ଈର୍ଷା ଓ ହିଂସା ପ୍ରଶ୍ନବାଚୀ ସୃଷ୍ଟି କରେ । ଗରିବ ପରିବାରର ପୁଅଟେ ବେଳବେଳେ ଛଦ୍ମବେଶରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରେ । ମାଗଣା ଭୋଜନ, ପୋଷାକ, ବହିପତ୍ର, ଔଷଧ ପାଇବା ପରେ ବି ଶିଶୁ ଓ କିଶୋରମାନେ ଡ୍ରପ ଆଉଟ୍ ହେଉଛନ୍ତି । ସରକାରଙ୍କ ଦ୍ୱାରା ସିଟିଏସ୍ ବା ଚାଇଲ୍ଡ ଟ୍ରାକିଙ୍ଗ ସର୍ଭେ ହେବା ସତ୍ତ୍ୱେ କାହାର ନା କାହାର ଅଣନଜରରେ ଛାତ୍ର କି ଛାତ୍ରୀଟିଏ ପାଠ ଛାଡିଦିଏ । ଏକଥା ସମସ୍ତେ ଅଳ୍ପ ବହୁତ ଜାଣନ୍ତି । ଶିକ୍ଷାର ବିକାଶ ନିମନ୍ତେ ଛାତ୍ରୀଙ୍କ ସହିତ ଛାତ୍ରମାନଙ୍କ ପଠନ ପ୍ରେରଣାକୁ ଗୁରୁତ୍ୱ ଦେଇ ଡ୍ରପ ଆଉଟ୍ ରୋକିବା ଉଦ୍ଦେଶ୍ୟରେ ସରକାରୀ ସହିତ ଘରୋଇ ବସଗୁଡ଼ିକରେ ମୁକ୍ତ ଯାତାୟତ ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା । ଛାତ୍ର ଛାତ୍ରୀ ହେଉଛନ୍ତି ଆଗାମୀ କାଲିର ଭବିଷ୍ୟତ। ସେମାନେ ହେବେ ଦେଶର ନାଗରିକ । କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା ହୋଇଛି । ଏହା ସହିତ ପିଲାମାନଙ୍କୁ କେବଳ ପଠନ ଉଦ୍ଦେଶ୍ୟରେ ମାଗଣା ଯାତ୍ରା ସୁବିଧା ଦେଲେ ଛାତ୍ର ଛାତ୍ରୀଙ୍କ ସହିତ ପିତାମାତା ଉପକୃତ ହୁଅନ୍ତେ । ସେଥିପାଇଁ ଛାତ୍ରଛାତ୍ରୀଙ୍କ ଆଇକାର୍ଡ, ୟୁନିଫର୍ମ ସଠିକ ରହିବା ଆବଶ୍ୟକ।



**ନିର୍ବିକାର ପ୍ରଭାତ**

ହାପିକଲୋନୀ, ଗୋପ, ପୁରୀ
ଶୂନ୍ୟଭାଷ : ୭୯୭୮୬୩୫୨୭୬

ଶନିବାର ୫।୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଭବିଷ୍ୟତର ଭାଗ୍ୟଲେଖା ଲେଖନ୍ତି ଗୁରୁ



ସୌଭାଗ୍ୟ ରଞ୍ଜନ ମହାନ୍ତି
ପ୍ଲଟ ନଂ-୫୮/୩୫୮୧,
ଗଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ଼-୭୫୧୦୦୨
ମୋ- ୯୪୩୭୯୯୪୩୭୯

ମା ଆ ଆମକୁ ଜନ୍ମ ଦିଅନ୍ତି, କିନ୍ତୁ ଜୀବନର ଅର୍ଥ ଶିଖାଇଥିବା ମଣିଷଙ୍କୁ ଆମେ ଗୁରୁ ବୋଲି ଡାକୁ। ଆଖି ଖୋଲିଲେ ଦୁନିଆ ଦେଖାଯାଏ, କିନ୍ତୁ କେଉଁ ପଥରେ ଚାଲିବାକୁ ହେବ, କେଉଁ ପଥରୁ ଦୂରେଇ ରହିବାକୁ ହେବ ଏବଂ ଜୀବନର ଅନ୍ଧାରରେ ନିଜ ଆଲୋକ କିପରି ଖୋଜିବାକୁ ହେବ, ତାହା ଶିଖାନ୍ତି ଗୁରୁ। ମଣିଷର ଜୀବନରେ ଅନେକ ଲୋକ ଆସନ୍ତି, କେହି କିଛି ଦିନ ପାଇଁ, କେହି କିଛି ବର୍ଷ ପାଇଁଙ୍କ କିନ୍ତୁ ଜଣେ ସତ୍ୟ ଶିକ୍ଷକ ଛାତ୍ରର ମନରେ ଯେଉଁ ଚିହ୍ନ ଛାଡ଼ିଯାଆନ୍ତି, ତାହା ସାରା ଜୀବନ ରହିଯାଏ। ଆଜି ଯେଉଁ ଯୁବକ ନିଜ ପାଦରେ ଠିଆ ହୋଇଛି, ଯେଉଁ ଯୁବତୀ ନିଜ ସ୍ୱପ୍ନକୁ ସାକାର କରିଛନ୍ତି, ଯେଉଁ ବୈଜ୍ଞାନିକ ଅଜଣା ଜଗତର ରହସ୍ୟ ଖୋଜୁଛନ୍ତି, ଯେଉଁ ଡାକ୍ତର ଜୀବନ ବଞ୍ଚାଉଛନ୍ତି, ଯେଉଁ ବିଚାରପତି ନ୍ୟାୟର ଆସନରେ ବସୁଛନ୍ତି, ଯେଉଁ ପ୍ରଶାସକ ଲୋକଙ୍କ ସେବା କରୁଛନ୍ତି, ସେମାନଙ୍କ ସଫଳତାର ପଛରେ କୌଣସି ନା କୌଣସି ଗୁରୁଙ୍କ ନିରବ ଆଶୀର୍ବାଦ ନିଶ୍ଚୟ ରହିଛି। ସେଥିପାଇଁ ଗୁରୁଦିବସ କେବଳ ଏକ ଦିନର ଉତ୍ସବ ନୁହେଁଙ୍କ ଏହା ଆମ ଜୀବନର ମୂଳକୁ ମନେ ପକାଇବାର ଦିନ। ପ୍ରତିବର୍ଷ ସେପ୍ଟେମ୍ବର ପାଞ୍ଚ ତାରିଖରେ ଭାରତରେ ଗୁରୁଦିବସ ପାଳିତ ହୁଏ। ଏହି ଦିନ ମହାନ ଦାର୍ଶନିକ, ଶିକ୍ଷାବିତ୍ ଓ ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ। ତାଙ୍କ ଜୀବନ ଆମକୁ ଏକ ମହାନ ସତ୍ୟ ଶିଖାଏଶିକ୍ଷାର ଲକ୍ଷ୍ୟ କେବଳ ଚାକିରି ପାଇବା ନୁହେଁ, ମଣିଷ ହେବା। ଆଜି ଏହି କଥାକୁ ମନେ ପକାଇବାର ଆବଶ୍ୟକତା ଆହୁରି ବଢ଼ିଛି। କାରଣ ଆମେ ଏପରି ଏକ ସମୟରେ ପହଞ୍ଚିଛୁ, ଯେଉଁଠାରେ ତଥ୍ୟର ଅଭାବ ନାହିଁ, କିନ୍ତୁ ବିବେକର ଅଭାବ ଦେଖାଯାଉଛି। ଶିକ୍ଷାର ସୁଯୋଗ ବଢ଼ିଛି, କିନ୍ତୁ ମୂଲ୍ୟବୋଧର ପ୍ରଶ୍ନ ଆମ ସମ୍ମୁଖରେ ଠିଆ ହୋଇଛି। ଆଜି ଜଣେ ଛାତ୍ର ଅନେକ ଉତ୍ସରୁ ତଥ୍ୟ ପାଇପାରେ, କିନ୍ତୁ ସତ୍ୟ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ କରିବାର ବିବେକ କିଏ ଦେବ ? ଅନେକ ପ୍ରଶ୍ନର ଉତ୍ତର ମିଳିପାରେ, କିନ୍ତୁ ଜୀବନର ଜଟିଳ ପ୍ରଶ୍ନରେ ସଠିକ୍ ନିଷ୍ପତ୍ତି ନେବାର ସାହସ କିଏ ଦେବ ? ଏଠି ହିଁ ଶିକ୍ଷକଙ୍କ ଆବଶ୍ୟକତା ଅପରିହାର୍ଯ୍ୟ। ପୁସ୍ତକ ଜ୍ଞାନ ଦିଏ, କିନ୍ତୁ ଗୁରୁ ଜ୍ଞାନର ଅର୍ଥ ବୁଝାନ୍ତି। ପାଠ୍ୟପୁସ୍ତକ ଉତ୍ତର ଦିଏ, କିନ୍ତୁ ଗୁରୁ ପ୍ରଶ୍ନ କରିବାକୁ ଶିଖାନ୍ତି। ପରୀକ୍ଷା ଜାଣିବାର ମାପ ନିଏ, କିନ୍ତୁ ଜୀବନ ଚରିତ୍ରର ପରୀକ୍ଷା ନିଏଙ୍କ ଆଉ ସେହି ପରୀକ୍ଷା ପାଇଁ ଛାତ୍ରକୁ ପ୍ରସ୍ତୁତ କରନ୍ତି ଗୁରୁ। ଜଣେ ଭଲ ଶିକ୍ଷକ ଛାତ୍ରର ଖାତାରେ କେବଳ ଭୁଲ ଚିହ୍ନଟ କରନ୍ତି ନାହିଁ, ତାଙ୍କ ଜୀବନର ଭୁଲ ପଥକୁ ମଧ୍ୟ ଚିହ୍ନଟ କରିବାର ଶକ୍ତି ଦିଅନ୍ତି। ଛାତ୍ର ଯେତେବେଳେ ଅସଫଳ ହୁଏ, ସେତେବେଳେ ତାକୁ ଭାଙ୍ଗି ପଡ଼ିବାକୁ ଦିଅନ୍ତି ନାହିଁ। ଯେତେବେଳେ ସଫଳ ହୁଏ, ସେତେବେଳେ ଅହଂକାରରୁ ଦୂରେଇ ରହିବାକୁ ଶିଖାନ୍ତି। ଜଣେ ଶିକ୍ଷକଙ୍କ ସବୁଠାରୁ ବଡ଼ ସଫଳତା ତାଙ୍କ ନାମ କେତେ ଲୋକ ଜାଣନ୍ତି ତାହାରେ ନୁହେଁଙ୍କ ତାଙ୍କ ଛାତ୍ରମାନେ କେତେ ଭଲ ମଣିଷ ହୋଇଛନ୍ତି, ତାହାରେ ରହିଥାଏ। ଶ୍ରେଣୀକକ୍ଷର ଚାରି କାନ୍ଥ ଭିତରେ ଶିକ୍ଷକ ଯାହା କରନ୍ତି, ତାହାର ପ୍ରଭାବ ଅନେକ ସମୟରେ ଦଶକ ପର୍ଯ୍ୟନ୍ତ ରହିଥାଏ। ଜଣେ ଶିକ୍ଷକଙ୍କ ଏକ ଉତ୍ସାହବର୍ଦ୍ଧକ ବାକ୍ୟ ଜଣେ ନିରାଶ ଛାତ୍ରକୁ ନୂଆ ଜୀବନ ଦେଇପାରେ, ତାଙ୍କ ଏକ ଆସ୍ଥା ଜଣେ ଦୁର୍ବଳ ଛାତ୍ରର ଆତ୍ମବିଶ୍ୱାସକୁ ଜାଗ୍ରତ କରିପାରେ ଏବଂ ତାଙ୍କ ଏକ ଆଦର୍ଶ ଜଣେ ଛାତ୍ରର ଭବିଷ୍ୟତର ଦିଗ ବଦଳାଇପାରେ। କିନ୍ତୁ ଏହି ମହାନ ଦାୟିତ୍ୱ ପାଳନ କରୁଥିବା ଶିକ୍ଷକଙ୍କ ଜୀବନ ମଧ୍ୟ ସହଜ ନୁହେଁ। ଶିକ୍ଷାଦାନ ସହିତ ଅନେକ ଅତିରିକ୍ତ ଦାୟିତ୍ୱ, ପ୍ରଶାସନିକ କାର୍ଯ୍ୟ, ବଦଳୁଥିବା ଶିକ୍ଷା ପରିବେଶ ଏବଂ ନୂଆ ପିଢ଼ିର ପରିବର୍ତ୍ତିତ ମାନସିକତା ମଧ୍ୟରେ ଶିକ୍ଷକଙ୍କୁ ପ୍ରତିଦିନ ନିଜକୁ ନୂଆ କରିବାକୁ ପଡ଼ୁଛି। ତଥାପି ସେ ଶ୍ରେଣୀକକ୍ଷରେ ପ୍ରବେଶ କରନ୍ତି, ହାତରେ ଜ୍ଞାନର ଦୀପ ଧରନ୍ତି ଏବଂ ଅନେକ ଅଜଣା ଭବିଷ୍ୟତକୁ ଆଲୋକିତ କରନ୍ତି। ଏହି କାରଣରୁ ଶିକ୍ଷକଙ୍କୁ କେବଳ ଗୁରୁଦିବସରେ ସମ୍ମାନ କରିଲେ ଚଳିବ ନାହିଁ। ବର୍ଷର ପ୍ରତ୍ୟେକ ଦିନ ଶିକ୍ଷକଙ୍କ ମର୍ଯ୍ୟାଦା, ସ୍ୱାଧୀନତା ଓ ସୃଜନଶୀଳତାକୁ ସମ୍ମାନ ଦେବାକୁ ହେବ। ଯେଉଁ ଦେଶ ଶିକ୍ଷକଙ୍କୁ ଦୁର୍ବଳ କରେ, ସେ ଦେଶ ନିଜ ଭବିଷ୍ୟତକୁ ଦୁର୍ବଳ କରେ। ଯେଉଁ ସମାଜ ଶିକ୍ଷକଙ୍କୁ ସମ୍ମାନ କରେ, ସେ ସମାଜ ନିଜ ଆଗାମୀ ପିଢ଼ିକୁ ସମ୍ମାନ କରେ।

ଆଜିର ଗୁରୁଦିବସରେ ଆମେ ଆଉ ଏକ ସତ୍ୟ ମନେ ରଖିବା ଦରକାରଜଣେ ଶିକ୍ଷକଙ୍କୁ ମହାନ କରେ କେବଳ ତାଙ୍କ ଜ୍ଞାନ ନୁହେଁ, ତାଙ୍କ ମାନବିକତା। ଛାତ୍ରର ଆଖିରେ ଲୁହ ଦେଖି ଯିଏ ପାଠ ଥାମି ତାହାର କଥା ଶୁଣନ୍ତି, ଦୁର୍ବଳ ଛାତ୍ରକୁ ଯିଏ ଅତିରିକ୍ତ ସମୟ ଦିଅନ୍ତି, ଗରିବ ଛାତ୍ରର ସ୍ୱପ୍ନକୁ ଯିଏ ନିଜ ସ୍ୱପ୍ନ ଭଳି ଦେଖନ୍ତି, ସେହି ହେଉଛନ୍ତି ପ୍ରକୃତ ଗୁରୁ। ଗୁରୁଙ୍କ ପ୍ରତି ସବୁଠାରୁ ବଡ଼ ଉପହାର ହେଉଛି ତାଙ୍କ ଶିକ୍ଷାକୁ ଜୀବନରେ ପ୍ରମାଣ କରିବା। ଫୁଲ ଗୋଟିଏ ଦିନରେ ମଉଳିଯାଏ, ଉପହାର ସମୟ ସହିତ ହଜିଯାଏ, କିନ୍ତୁ ଗୁରୁଙ୍କ ଆଦର୍ଶକୁ ଜୀବନରେ ବଞ୍ଚାଇ ରଖିଲେ ତାହା ପିଢ଼ି ପରେ ପିଢ଼ି ଆଲୋକ ବିକିରଣ କରେ। ଆମେ ଯେତେବେଳେ ସତ୍ୟ କହୁ, ଅନ୍ୟାୟକୁ ପ୍ରତିରୋଧ କରୁ, ଦୁର୍ବଳଙ୍କ ପାଖରେ ଠିଆ ହେଉ, ବଡ଼ମାନଙ୍କୁ ସମ୍ମାନ କରୁ ଏବଂ ନିଜ କର୍ତ୍ତବ୍ୟକୁ ସତ୍ୟନିଷ୍ଠାର ସହିତ ପାଳନ କରୁ, ସେତେବେଳେ ଆମ ଭିତରେ ଗୁରୁଙ୍କ ଶିକ୍ଷା ଜୀବନ୍ତ ରହେ। ତେଣୁ ଗୁରୁଦିବସରେ କେବଳ ଏତିକି କହିଲେ ଯଥେଷ୍ଟ ନୁହେଁ ଯେ ଗୁରୁଙ୍କୁ ପ୍ରଣାମ। ଆମକୁ ପ୍ରଶ୍ନ କରିବାକୁ ହେବଆମେ ଗୁରୁଙ୍କ ଶିକ୍ଷାକୁ କେତେ ଦୂର ପାଳନ କରୁଛୁ ? ଆମେ ଜ୍ଞାନୀ ହେଉଛୁ, କିନ୍ତୁ ମଣିଷ ହେଉଛୁ କି ? ଆମେ ସଫଳ ହେଉଛୁ, କିନ୍ତୁ ସମାଜ ପ୍ରତି ଆମ ଦାୟିତ୍ୱ ଭୁଲୁନାହୁଁ ତ ? ଏହି ପ୍ରଶ୍ନର ଉତ୍ତର ହିଁ ଗୁରୁଦିବସର ପ୍ରକୃତ ପରୀକ୍ଷା। ଗୁରୁ ନିଜ ପାଇଁ ଶିଷ୍ୟ ଗଢ଼ନ୍ତି ନାହିଁଙ୍କ ସେ ଦେଶ ପାଇଁ ନାଗରିକ ଗଢ଼ନ୍ତି। ସେ ନିଜ ନାମକୁ ଆଗକୁ ନେବା ପାଇଁ ନୁହେଁ, ନିଜ ଛାତ୍ରର ନାମକୁ ଉଚ୍ଚ କରିବା ପାଇଁ ଜୀବନ ଦିଅନ୍ତି। ସେଥିପାଇଁ ଗୁରୁ ହେଉଛନ୍ତି ସେହି ଦୀପ, ଯିଏ ନିଜେ ଜଳି ଅନ୍ୟର ପଥକୁ ଆଲୋକିତ କରନ୍ତି। ତାଙ୍କ ହାତରେ ଥିବା ଚକର ଧୂଳି କେବଳ ଫଳକରେ ରେଖା ଟାଣେ ନାହିଁ, ଅସଂଖ୍ୟ ଜୀବନର ଭାଗ୍ୟରେ ନୂଆ ରେଖା ଆଙ୍କିଦିଏ। ଆଜି ଯେଉଁମାନେ ସଫଳତାର ଶିଖରରେ ଠିଆ ହୋଇଛନ୍ତି, ସେମାନେ ଥରେ ପଛକୁ ଫେରି ଦେଖନ୍ତୁଙ୍କ ସେଠାରେ ହୁଏତ ଜଣେ ଶିକ୍ଷକ ଏବେ ମଧ୍ୟ ଠିଆ ହୋଇଛନ୍ତି, ଯିଏ କେବେ କହିଥିଲେ "ତୁମେ ପାରିବ।" ସେହି ଦୁଇଟି ଶବ୍ଦ ହୁଏତ ଜଣେ ଛାତ୍ରର ସାରା ଜୀବନ ବଦଳାଇଦେଇଛି। ସେଥିପାଇଁ ଆଜି ଆମର ପ୍ରଣାମ ସେହି ସମସ୍ତ ଗୁରୁଙ୍କୁ, ଯେଉଁମାନେ ନିଜ ଜୀବନର ଆଲୋକ କମାଇ ଅନ୍ୟର ଜୀବନରେ ଆଲୋକ ଜଳାଇଛନ୍ତି। କାରଣ ଦେଶର ଭବିଷ୍ୟତ ସଂସଦରେ ନୁହେଁ, ପ୍ରଥମେ ଶ୍ରେଣୀକକ୍ଷରେ ଗଢ଼ାଯାଏଙ୍କ ଆଉ ସେହି ଭବିଷ୍ୟତର ସ୍ଥପତି ହେଉଛନ୍ତି ଗୁରୁ। ଗୁରୁ ଅଛନ୍ତି ବୋଲି ଜ୍ଞାନର ଦୀପ ଜଳୁଛି, ଜ୍ଞାନର ଦୀପ ଜଳୁଛି ବୋଲି ସ୍ୱପ୍ନ ବଞ୍ଚିଛି, ସ୍ୱପ୍ନ ବଞ୍ଚିଛି ବୋଲି ଦେଶର ଭବିଷ୍ୟତ ଉଜ୍ଜ୍ୱଳ। ତେଣୁ ଗୁରୁଙ୍କୁ କେବଳ ଆଜି ପ୍ରଣାମ ନୁହେଁ ତାଙ୍କ ଶିକ୍ଷାକୁ ସାରା ଜୀବନ ପ୍ରଣାମ।

# ତିମିରରୁ ତେଜ: ଜ୍ଞାନସୂର୍ଯ୍ୟ ଗୁରୁ



ମନୋଜ କୁମାର ଶତପଥୀ
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ
ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩,
ନୟାଗଡ, ୯୯୩୮୫୫୯୫୬୮

ଭାରତୀୟ ସନାତନ ଚିନ୍ତନର ମୂଳମନ୍ତ୍ର ହେଉଛି 'ତମସୋ ମା ଜ୍ୟୋତିର୍ଗମୟ'। ଅଜ୍ଞାନତାର ଘନ ଅନ୍ଧକାର ମଧ୍ୟରୁ ପ୍ରଜ୍ଞା ଓ ଚୈତନ୍ୟର ପରମ ଜ୍ୟୋତି ଆଡ଼କୁ ଅଗ୍ରସର ହେବାର ଏହି ଯେଉଁ ଚିରନ୍ତନ ଆହ୍ୱାନ, ତାର ଏକମାତ୍ର ଦିଗ୍‌ଦର୍ଶକ ହେଉଛନ୍ତି 'ଗୁରୁ'। ମାନବ ସଭ୍ୟତା ଓ ସଂସ୍କୃତିର ସୁଦୀର୍ଘ ଇତିହାସରେ ଗୁରୁ କେବଳ ଏକ ରକ୍ତ-ମାଂସର ବ୍ୟକ୍ତିସତ୍ତା ନୁହନ୍ତିଙ୍କ ବରଂ ସେ ଏକ ଦିବ୍ୟ ଚେତନା, ଏକ ଜୀବନ୍ତ ଆଦର୍ଶ ତଥା ଏକ ସ୍ୱୟଂସମ୍ପୂର୍ଣ୍ଣ ଅନୁଷ୍ଠାନ।

ସଂସ୍କୃତ ଶାସ୍ତ୍ରାନୁଯାୟୀ
'ଗୁକାରସ୍ତ୍ୱନ୍ଧକାରସ୍ତୁ ରୁକାରସ୍ତନ୍ନିବାରକଃ।
ଅନ୍ଧକାରନିରୋଧିତ୍ୱାତ୍ ଗୁରୁରିତ୍ୟଭିଧୀୟତେ ?'

ଅର୍ଥାତ୍, 'ଗୁ' ଶବ୍ଦର ଅର୍ଥ ଅଜ୍ଞାନତାର ଘନ ଅନ୍ଧକାର ଏବଂ 'ରୁ' ଶବ୍ଦର ଅର୍ଥ ତାର ବିନାଶକାରୀ ପ୍ରଜ୍ଞାର ଆଲୋକ। ସଂସାରର ସମସ୍ତ ବିକାର, ସଂକୀର୍ଣ୍ଣତା, ମୋହ ଓ ଅବିଦ୍ୟାକୁ ଧୂଳିସାତ୍ କରି ଆତ୍ମବୋଧର ବିମଳ ଜ୍ୟୋତିରେ ମାନବଚିତ୍ତକୁ ଆଲୋକିତ କରିବାର ନିରବଚ୍ଛିନ୍ନ ସାଧନା ହିଁ ହେଉଛି 'ଗୁରୁତ୍ୱ'। ଗୁରୁ ସେହି ମହାନ ଶିଳ୍ପୀ, ଯିଏ ଅପରିଷ୍କୃତ ପଥର ଖଣ୍ଡକୁ ଛେଣି ମାର୍ତ୍ତୁଲର ତାଡ଼ନାରେ ଏକ ଦିବ୍ୟ ପ୍ରତିମାରେ ରୂପାନ୍ତରିତ କରନ୍ତି।

ଡକ୍ଟର ରାଧାକ୍ରିଷ୍ଣନ୍ ଓ ଭାରତୀୟ ଗୁରୁ ପରମ୍ପରା

ମହାନ ଦାର୍ଶନିକ, ଶିକ୍ଷାବିତ୍ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଥିଲେ: 'Teachers should be the best minds in the country.' (ଶିକ୍ଷକମାନେ ଦେଶର ସବୁଠାରୁ ଶ୍ରେଷ୍ଠ ଓ ଉତ୍ତମ ବୁଦ୍ଧିମାନ ବ୍ୟକ୍ତି ହେବା ଆବଶ୍ୟକ।) ଏହି ବକ୍ତବ୍ୟ ପଛରେ ଏକ ଗଭୀର ଦାର୍ଶନିକ ସତ୍ୟ ନିହିତ ରହିଛି। ଶିକ୍ଷକ କେବଳ ପାଠ୍ୟପୁସ୍ତକର ସୀମିତ ପୃଷ୍ଠା ପଢ଼ାନ୍ତି ନାହିଁ, ବରଂ ନିଜର ଉଚ୍ଚ ଚିନ୍ତନ, ଦୂରଦୃଷ୍ଟି ଓ ପ୍ରଖର ବିଚାର ଦ୍ୱାରା ସମ୍ପୂର୍ଣ୍ଣ ଜାତିର ଚରିତ୍ର ନିର୍ମାଣ କରନ୍ତି। ଭାରତର ମାଟିରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହ ତୁଳନା କରାଯାଇଛି, କାରଣ ସେ ଶିଷ୍ୟ ମଧ୍ୟରେ ସଦ୍‌ଗୁଣର ସୃଷ୍ଟି (ବ୍ରହ୍ମା), ସଂସ୍କାରର ପାଳନ (ବିଷ୍ଣୁ) ଏବଂ କୁସଂସ୍କାର ତଥା ଦୁର୍ଗୁଣର ବିନାଶ (ମହେଶ୍ୱର) କରିଥାନ୍ତି।

ଆଜିର ଯୁଗରେ ଶିକ୍ଷା ବହୁ ସମୟରେ କେବଳ ବାଣିଜ୍ୟିକ ଲାଭ କିମ୍ବା ଆର୍ଥିକ ଉନ୍ନତିର ମାଧ୍ୟମ ଭାବେ ଗୃହୀତ ହେଉଛି। କିନ୍ତୁ ପ୍ରକୃତ ଦର୍ଶନ କୁହେ, ଶିକ୍ଷାର ଉଦ୍ଦେଶ୍ୟ ହେଉଛି 'ମୁକ୍ତି' 'ସା ବିଦ୍ୟା ଯା ବିମୁକ୍ତୟେ'। ଏହି ମୁକ୍ତି ହେଉଛି ସଂକୀର୍ଣ୍ଣତାରୁ ମୁକ୍ତି, ଅହଂକାରରୁ ମୁକ୍ତି ଏବଂ ସ୍ୱାର୍ଥପରତାରୁ ମୁକ୍ତି। ଶିକ୍ଷକ ସେହି ମୁକ୍ତିର ପଥ ପ୍ରଦର୍ଶକ ସାଜି ଶିଷ୍ୟକୁ ଆତ୍ମସାକ୍ଷାତ୍କାର ଆଡ଼କୁ ବାଟ କଢ଼େଇ ନିଅନ୍ତି।

ପାଶ୍ଚାତ୍ୟ ଦାର୍ଶନିକ ଆରିଷ୍ଟୋଟଲ୍ ଯଥାର୍ଥରେ କହିଥିଲେ: 'Educating the mind without educating the heart is no education at all.' (ହୃଦୟକୁ ସଂସ୍କାରିତ ନ କରି କେବଳ ମସ୍ତିଷ୍କକୁ ଶିକ୍ଷିତ କରିବା ପ୍ରକୃତ ଶିକ୍ଷା ନୁହେଁ।) ଆଜିର ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଯୁଗରେ ମଣିଷ ବୁଦ୍ଧିମାନ ହୋଇଛି ସତ, ମାତ୍ର ସମ୍ବେଦନଶୀଳତାର ଅଭାବ ତାକୁ ଯନ୍ତ୍ରବତ୍ କରିଦେଉଛି। କେବଳ ଡିଗ୍ରୀ ହାସଲ କରିବା କିମ୍ବା ଉଚ୍ଚ ବେତନର ଚାକିରି ପାଇବା ଶିକ୍ଷାର ଚୂଡ଼ାନ୍ତ ଲକ୍ଷ୍ୟ ହୋଇପାରିବ ନାହିଁ। ନୈତିକତା, କରୁଣା, ସହାନୁଭୂତି ଓ ମାନବୀୟ ମୂଲ୍ୟବୋଧ ବିନା ପୁସ୍ତକଗତ ଜ୍ଞାନ ନିଷ୍ପ୍ରାଣ ଓ ନିରର୍ଥକ।

ହୃଦୟର ସଂସ୍କାର: ଶିକ୍ଷକଙ୍କ ପ୍ରକୃତ କାର୍ଯ୍ୟ କେବଳ ମସ୍ତିଷ୍କରେ ତଥ୍ୟ (Data) ଭରିଦେବା ନୁହେଁ, ବରଂ ହୃଦୟରେ ଦୟା, କ୍ଷମା, ପ୍ରେମ ଓ ସତ୍ୟତାର ବୀଜ ରୋପଣ କରିବା।

ଚରିତ୍ର ଗଠନ: ଜଣେ ଉତ୍ତମ ଛାତ୍ର ହେବା ପୂର୍ବରୁ ଜଣେ ଉତ୍ତମ ଓ ସମ୍ବେଦନଶୀଳ ମଣିଷ ହେବା ଅତ୍ୟନ୍ତ ଜରୁରୀ। ଶିକ୍ଷକ ନିଜର ଆଚରଣ ଦ୍ୱାରା ଛାତ୍ରଙ୍କ ଭିତରେ ଏହି ନୈତିକ ଦୃଢ଼ତା ସୃଷ୍ଟି କରନ୍ତି।

ବିବେକର ଜାଗରଣ: ନ୍ୟାୟ ଓ ଅନ୍ୟାୟ, ଉଚିତ୍ ଓ ଅନୁଚିତ୍ ମଧ୍ୟରେ ଥିବା ପାର୍ଥକ୍ୟକୁ ଚିହ୍ନିବାର କ୍ଷମତା ଶିକ୍ଷକ ହିଁ ପ୍ରଦାନ କରନ୍ତି। ସମାଜକୁ ସୁଦୃଢ଼, ଶୃଙ୍ଖଳିତ ଓ ଏକତାବଦ୍ଧ ରଖିବାରେ ଶିକ୍ଷକ ଏକ ଜୀବନ୍ତ ସେତୁବନ୍ଧ ଭାବେ କାର୍ଯ୍ୟ କରନ୍ତି। ଏହି ସାମାଜିକ ଦାୟିତ୍ୱବୋଧ ନିମ୍ନଲିଖିତ ଦିଗଗୁଡ଼ିକ ଉପରେ ଆଧାରିତ: ଅଜ୍ଞାନତାରୁ ବିଚାରବୋଧ: ବିଦ୍ୟାଳୟ କେବଳ ପରୀକ୍ଷା ପାସ୍ କରିବାର କେନ୍ଦ୍ର ନୁହେଁ। ଏହା ସତ୍ସଙ୍ଗ, ସଦ୍‌ବିଚାର ଓ ସାମାଜିକ ଚେତନାର ଉନ୍ମେଷ ଘଟାଏ। ଏକ ଅନ୍ଧବିଶ୍ୱାସମୁକ୍ତ ଓ ବୈଜ୍ଞାନିକ ମନୋଭାବାପନ୍ନ ସମାଜ ଗଠନରେ ଶିକ୍ଷକ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ସହନଶୀଳତା ଓ କର୍ତ୍ତବ୍ୟବୋଧ: ବିଭିନ୍ନ ଜାତି, ଧର୍ମ ଓ ବର୍ଗର ଛାତ୍ରଛାତ୍ରୀଙ୍କୁ ଏକାଠି ବସାଇ ଶିକ୍ଷା ଦେବା ଦ୍ୱାରା ସାମାଜିକ ସମାନତା ଓ ଭ୍ରାତୃଭାବ ଜାଗ୍ରତ ହୁଏ। ଶିକ୍ଷକ ପିଲାମାନଙ୍କୁ କର୍ତ୍ତବ୍ୟ ସମ୍ପାଦନ ସମୟରେ ଧୈର୍ଯ୍ୟ, ଅଧ୍ୟବସାୟ ଓ ନିଷ୍ଠା ବଜାୟ ରଖିବାକୁ ଶିଖାନ୍ତି। ଆତ୍ମସଂଯମ ଓ ସାମାଜିକ ଶୃଙ୍ଖଳା: ଆଜିର ଯୁବପିଢ଼ି ମଧ୍ୟରେ ବଢ଼ୁଥିବା ଉଚ୍ଛୃଙ୍ଖଳତା ଓ ଅସହିଷ୍ଣୁତାକୁ କେବଳ ଶିକ୍ଷକଙ୍କ ଦ୍ୱାରା ଦିଆଯାଉଥିବା ଆଦର୍ଶ ସଂସ୍କାର ହିଁ ରୋକିପାରିବ। ଶୃଙ୍ଖଳିତ ନାଗରିକ ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ରର ମୂଳଦୁଆ।

ଏକବିଂଶ ଶତାବ୍ଦୀର ଡିଜିଟାଲ୍ ଓ କୃତ୍ରିମ ବୁଦ୍ଧିମତ୍ତା (ଇଓ) ଯୁଗରେ ସୂଚନାର ଅଭାବ ନାହିଁ। ଗୁଗୁଲ୍ ବା ଇଣ୍ଟରନେଟ୍ ଗୋଟିଏ କ୍ଲିକ୍‌ରେ ହଜାର ହଜାର ତଥ୍ୟ ଆଣିଦେଇପାରେ, କିନ୍ତୁ ତାହା କେବେ ବି ଶିକ୍ଷକଙ୍କ ବିକଳ୍ପ ହୋଇପାରିବ ନାହିଁ। ଯନ୍ତ୍ର କେବେ ମଣିଷର ଆଖିର ଲୁହ ପୋଛିପାରିବ ନାହିଁ କିମ୍ବା ଛାତ୍ରର ମନର ଭୟ ଦୂର କରି ଆତ୍ମବିଶ୍ୱାସର ମନ୍ତ୍ର ଫୁଙ୍କିପାରିବ ନାହିଁ। ତେଣୁ ଏହି ଯାନ୍ତ୍ରିକ ଯୁଗରେ ଗୁରୁ-ଶିଷ୍ୟଙ୍କ ଭାବପୂର୍ଣ୍ଣ ସମ୍ପର୍କର ଆବଶ୍ୟକତା ପୂର୍ବାପେକ୍ଷା ଆହୁରି ବୃଦ୍ଧି ପାଇଛି।

ଗୁରୁ ଦିବସ କେବଳ ବର୍ଷକର ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ କିଛି ଉପହାର ବା ପୁଷ୍ପଗୁଚ୍ଛ ଦେଇ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ ପାଳନ କରିବାର ଦିନ ନୁହେଁ। ଏହା ହେଉଛି ଗୁରୁସତ୍ତା ପ୍ରତି ଅନ୍ତରର ଶ୍ରଦ୍ଧା, କୃତଜ୍ଞତା, ସମର୍ପଣ ଓ ଆତ୍ମନିରୀକ୍ଷଣର ଏକ ପବିତ୍ର ଅନୁଭୂତି। ସଂସାରର ପ୍ରତ୍ୟେକ ଅନୁଭୂତିରୁ ଶିଖିବାର ଯେଉଁ ଅନ୍ତର୍ନିହିତ ସାମର୍ଥ୍ୟ, ତାହା ଗୁରୁକୃପାରୁ ହିଁ ପ୍ରାପ୍ତ ହୁଏ। ମାନବ ଆତ୍ମାରେ ସୁପ୍ତ ହୋଇ ରହିଥିବା ଅସୀମ ସମ୍ଭାବନା, ସଦ୍‌ଗୁଣ ଓ ଦିବ୍ୟତାକୁ ଜାଗ୍ରତ କରିବା ହିଁ ଜଣେ ସଚ୍ଚା ଗୁରୁଙ୍କର ପରମ ଲକ୍ଷ୍ୟ। ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପବିତ୍ର ଜୟନ୍ତୀରେ ଶିକ୍ଷକ ସମାଜକୁ ସମ୍ମାନ ଜଣାଇବା ସହିତ ସେମାନଙ୍କ ତ୍ୟାଗ, ନିଷ୍ଠା ଓ ଆଦର୍ଶକୁ ନିଜ ଜୀବନରେ ରୂପାୟିତ କରିବା ହିଁ ଏହି ଦିବସର ପ୍ରକୃତ ସାର୍ଥକତା।

ଗୁରୁ ହେଉଛନ୍ତି ସେହି ଜ୍ଞାନସୂର୍ଯ୍ୟ, ଯାହାଙ୍କ ଆଲୋକରେ ଅଜ୍ଞାନତାର ଅନ୍ଧକାର ବିଲୀନ ହୋଇଯାଏ। ସେ ହେଉଛନ୍ତି ଅତୀତର ଐତିହ୍ୟ, ବର୍ତ୍ତମାନର ବାସ୍ତବତା ଏବଂ ଭବିଷ୍ୟତର ସମ୍ଭାବନା ମଧ୍ୟରେ ଥିବା ଏକ ଅତୁଟ ମାନବୀୟ ସେତୁବନ୍ଧ। ଯେଉଁ ଦେଶ ଓ ସମାଜରେ ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ମିଳେ ଏବଂ ଶିକ୍ଷକ ନିଜର ଉଚ୍ଚ ନୈତିକ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତି, ସେହି ସମାଜ କେବେ ବି ପଥଭ୍ରଷ୍ଟ ହୁଏ ନାହିଁ। ଆସନ୍ତୁ, ସେହି ମହାନ ଆଲୋକବର୍ତ୍ତିକା ସଦୃଶ ଗୁରୁସତ୍ତାଙ୍କ ଚରଣରେ ପ୍ରଣାମ ଜଣାଇ ଏକ ମୂଲ୍ୟବୋଧଭିତ୍ତିକ, ପ୍ରେମପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ ହେବା।

# ଗୁରୁପୂଜନ: ଭାରତୀୟ ସଂସ୍କୃତିର ମହାନ ପରମ୍ପରା



ଦିଲ୍ଲୀପ କୁମାର ସାହୁ
ବରିଷ୍ଠ ସାମ୍ବାଦିକ, 'ପ୍ରଫୁଲ୍ଲ ଭବନ',
ଡିମ୍ବୋ, କେନ୍ଦୁଝର-୭୫୮୦୧୪

ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ଭଗବାନଙ୍କଠାରୁ ଉଚ୍ଚ ଆସନ ଦିଆଯାଇଛି। ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଆମେ ଦେଶର ମହାନ ଶିକ୍ଷାବିତ୍ ତଥା ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଜୟନ୍ତୀକୁ 'ଗୁରୁଦିବସ' ଭାବେ ପାଳନ କରିଥାଉ। ଏହି ପବିତ୍ର ଦିବସରେ ଗୁରୁପୂଜନ କରିବା କେବଳ ଏକ ଆନୁଷ୍ଠାନିକତା ନୁହେଁ, ବରଂ ଏହା ଆମ ସନାତନ ପରମ୍ପରାର ଏକ ଗଭୀର ଆଧ୍ୟାତ୍ମିକ ଓ ସାମାଜିକ ଅଙ୍ଗ। ଗୁରୁ ହେଉଛନ୍ତି ସେହି ଆଲୋକ ବର୍ତ୍ତିକା, ଯିଏ ଅଜ୍ଞାନରୂପକ ଅନ୍ଧକାରକୁ ଦୂର କରି ଶିଷ୍ୟ ଜୀବନକୁ ଜ୍ଞାନରେ ଆଲୋକିତ କରିଥାନ୍ତି। ଗୁରୁଙ୍କ ମହିମାକୁ ପ୍ରତିପାଦନ କରି ଶାସ୍ତ୍ରରେ କୁହାଯାଇଛି ଯେ,

'ଗୁରୁବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରୁର୍ଦେବୋ ମହେଶ୍ୱରଃ।
ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ?'

ଗୁରୁପୂଜନର ପ୍ରକୃତ ଅର୍ଥ ହେଉଛି ଜ୍ଞାନ, ତ୍ୟାଗ ଏବଂ ସଦଗୁଣକୁ ସମ୍ମାନ ଜଣାଇବା। ଜଣେ ଗୁରୁ ନିଜ ଶିଷ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦିଅନ୍ତି। ଗୁରୁଦିବସରେ ଗୁରୁଙ୍କ ପାଦସ୍ପର୍ଶ କରି ଆଶୀର୍ବାଦ ନେବା ଏବଂ ତାଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିବା ଦ୍ୱାରା ଶିଷ୍ୟ ମଧ୍ୟରେ ଅହଂକାରର ବିନାଶ ହୋଇଥାଏ। ଏହି ପୂଜନ ଆମକୁ ମନେପକାଇଦିଏ ଯେ ସଂସାରରେ ଜ୍ଞାନ ହିଁ ସର୍ବଶ୍ରେଷ୍ଠ ଏବଂ ସେହି ଜ୍ଞାନଦାତା ସଦା ସର୍ବଦା ପୂଜନୀୟ।

ଗୁରୁଦିବସରେ ଶ୍ରଦ୍ଧା ଓ ନିଷ୍ଠାର ସହ ଗୁରୁପୂଜନ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ଅନେକ ଆଧ୍ୟାତ୍ମିକ, ମାନସିକ ଓ ବ୍ୟବହାରିକ ଲାଭ ପାଇଥାନ୍ତି। ଗୁରୁଙ୍କ ସମ୍ମୁଖରେ ମଥାନତ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅହଂଭାବ ଦୂର ହୁଏ ଏବଂ ବିନମ୍ରତା ଜାତ ହୁଏ। ବିଦ୍ୟା ଅହଂକାରୀକୁ ନୁହେଁ, ବରଂ ବିନମ୍ର ବ୍ୟକ୍ତିକୁ ହିଁ ଶୋଭାପାଏ, ଯେପରି ସଂସ୍କୃତରେ କୁହାଯାଇଛି ଯେ,

'ବିଦ୍ୟା ଦଦାତି ବିନୟଂ ବିନୟାଦ୍ ଯାତି ପାତ୍ରତାମ୍।
ପାତ୍ରତ୍ୱାଦ୍ ଧନମାପ୍ନୋତି ଧନାଦ୍ ଧର୍ମଂ ତତଃ ସୁଖମ୍ ?'

ଯେଉଁ ଶିଷ୍ୟ ମନରେ ଗୁରୁଙ୍କ ପ୍ରତି ସଚ୍ଚୋଟ ଶ୍ରଦ୍ଧା ଥାଏ, ସେ ସହଜରେ ବିଦ୍ୟା ଗ୍ରହଣ କରିପାରେ। ଶ୍ରଦ୍ଧାବାନ ବ୍ୟକ୍ତି ହିଁ ପ୍ରକୃତ ଜ୍ଞାନର ଅଧିକାରୀ ହୋଇଥାଏ, ଯାହା ଗୀତାରେ ମଧ୍ୟ ବର୍ଣ୍ଣିତ, ଯଥା -

'ଶ୍ରଦ୍ଧାବାଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ।'

ଗୁରୁଙ୍କ ଆଦର୍ଶ ଏବଂ ଉପଦେଶକୁ ସମ୍ମାନ ଦେବା ଦ୍ୱାରା ଛାତ୍ରଛାତ୍ରୀମାନେ ଜୀବନରେ ସତ୍ୟ, ନ୍ୟାୟ ଏବଂ ଶୃଙ୍ଖଳାର ମାର୍ଗରେ ଚାଲିବାକୁ ପ୍ରେରଣା ପାଆନ୍ତି। ଏହା ସେମାନଙ୍କୁ ଏକ ଭଲ ମଣିଷ ଭାବେ ଗଢ଼ିତୋଳିବାରେ ସାହାଯ୍ୟ କରେ।ଗୁରୁଙ୍କ ଆଶୀର୍ବାଦରେ ସବୁଠାରୁ କଠିନ କାର୍ଯ୍ୟ ମଧ୍ୟ ସରଳ ହୋଇଯାଏ। ଇତିହାସ ସାକ୍ଷୀ ଅଛି, ଗୁରୁ କୃପାରୁ ହିଁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ସମ୍ରାଟ ହୋଇପାରିଥିଲେ ଏବଂ ସ୍ୱାମୀ ବିବେକାନନ୍ଦ ବିଶ୍ୱବିଜୟୀ ହୋଇପାରିଥିଲେ।

ଗୁରୁପୂଜନ କେବଳ ଗୋଟିଏ ଦିନର ପର୍ବ ନୁହେଁ, ଏହା ଏକ ଜୀବନବ୍ୟାପୀ ଅନୁଭୂତି। ଗୁରୁଦିବସରେ ଗୁରୁଙ୍କୁ ପୂଜା କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବା ପାଇଁ ଶପଥ ନେବା ହିଁ ପ୍ରକୃତ ଗୁରୁପୂଜନ। ଆଜିର ଆଧୁନିକ ଯୁଗରେ ମଧ୍ୟ ଏହି ପରମ୍ପରାର ପ୍ରାସଙ୍ଗିକତା ଅତି ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ, ଏହି ଗୁରୁଦିବସରେ ଆମେ ଆମର ସମସ୍ତ ଗୁରୁଜନମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇବା ଏବଂ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିବା।

# ଚରିତ୍ର ଗଠନର ବିନ୍ଧାଣି ହେଉଛନ୍ତି ଶିକ୍ଷକ !



ଅସିତ ମହାନ୍ତି
ସ୍ତମ୍ଭକାର ଏବଂ ଆବାହକ,
ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ ସୁଜନପୁର,
ଯାଜପୁର, ୯୪୩୭୨୮୮୦୨୮

ଶିକ୍ଷକ ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ଆମେ ଆମର ଗୁରୁ ଏବଂ ଶିକ୍ଷକମାନଙ୍କୁ ମନେ ପକାଇବା ସମୟରେ କୃତଜ୍ଞତାର ଏକ ମୁହୂର୍ତ୍ତ। ଏହି ଦିନଟି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରେରଣା ସହିତ ଜଡିତ, ଯେତେବେଳେ ତାଙ୍କ ଛାତ୍ର ଏବଂ ବନ୍ଧୁମାନେ ତାଙ୍କ ଜନ୍ମଦିନକୁ ଏକ ସ୍ୱତନ୍ତ୍ର ଉପାୟରେ ପାଳନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, ଯିଏ କହିଥିଲେ ଯେ ଯଦି ତାଙ୍କ ଜନ୍ମଦିନକୁ ସମ୍ମାନିତ କରିବାକୁ ହୁଏ, ତେବେ ଏହାକୁ ଶିକ୍ଷକ ଦିବସ ଭାବରେ ପାଳନ କରାଯିବା ଉଚିତ। ଏହି ଚିନ୍ତାଧାରା ଆମକୁ ଶିଖାଇଲା ଯେ ଶିକ୍ଷକମାନେ ସମାଜର ଆତ୍ମା। ସେମାନେ ଆମ ଭିତରେ ଜ୍ଞାନର ଜ୍ୱାଳା ପ୍ରଜ୍ୱଳିତ କରନ୍ତି ଏବଂ ଜୀବନର ସତ୍ୟ ପଥରେ ଆମକୁ ମାର୍ଗଦର୍ଶନ କରନ୍ତି। 'ଆଜିର ଦିନଟି ସେହି ସମସ୍ତ ଶିକ୍ଷକଙ୍କ ପ୍ରତି ଉତ୍ସର୍ଗୀକୃତ ଯେଉଁମାନେ ଆମକୁ ଆମର ସ୍ୱପ୍ନକୁ ଗଢ଼ି ତୋଳିବାରେ ସକ୍ଷମ କରିଛନ୍ତି।' ଡକ୍ଟର ରାଧାକୃଷ୍ଣନ କେବଳ ଭାରତର ରାଷ୍ଟ୍ରପତି ନଥିଲେ, ବରଂ ଜଣେ ମହାନ ଶିକ୍ଷକ, ଦାର୍ଶନିକ ଏବଂ ଚିନ୍ତାନାୟକ ମଧ୍ୟ ଥିଲେ। ଏହି ଚିନ୍ତାଧାରା ଆମକୁ ଶିଖାଇଲା ଯେ ଯେକୌଣସି ସମାଜର ଆତ୍ମା ଏହାର ଶିକ୍ଷକଙ୍କଠାରେ ନିହିତ ଏବଂ ସେମାନଙ୍କ ଅବଦାନକୁ ମନେ ରଖିବା ହେଉଛି ପ୍ରକୃତ ଉତ୍ସବ।

ଶିକ୍ଷକମାନେ କେବଳ ଜ୍ଞାନ ପ୍ରଦାନକାରୀ ନୁହଁନ୍ତି। ସେମାନେ ଜୀବନରେ ମାର୍ଗଦର୍ଶକ। ସେମାନେ ଆମ ଭିତରେ ଚିନ୍ତାଧାରାର ଜ୍ୱାଳା ପ୍ରଜ୍ୱଳିତ କରନ୍ତି, ଆମର ଚରିତ୍ରକୁ ଗଢ଼ି ତୋଳେ ଏବଂ ସମାଜ ପ୍ରତି ଆମକୁ ଦାୟୀ କରନ୍ତି। ଡକ୍ଟର ରାଧାକୃଷ୍ଣନଙ୍କ ଜୀବନ ଏହି ସତ୍ୟର ପ୍ରମାଣ ଯେ ଶିକ୍ଷା କେବଳ ପୁସ୍ତକ ପର୍ଯ୍ୟନ୍ତ ସୀମିତ ନୁହେଁଙ୍କ ଏହା ଆତ୍ମାକୁ ଉଚ୍ଚ କରିଥାଏ ଏବଂ ଦେଶକୁ ଦିଗଦର୍ଶନ ପ୍ରଦାନ କରିଥାଏ। ତେଣୁ, ଯେତେବେଳେ ଆମେ ଶିକ୍ଷକ ଦିବସ ଆରମ୍ଭ କରୁ, ଆମେ ମନେ ରଖିବା ଉଚିତ ଯେ ଏହି ଦିନ କେବଳ ଏକ ଉତ୍ସବ ନୁହେଁ, ବରଂ କୃତଜ୍ଞତାର ପ୍ରତୀକ - ସେହି ସମସ୍ତ ଶିକ୍ଷକଙ୍କ ପ୍ରତି ଯେଉଁମାନେ ଆମ ଜୀବନକୁ ଗଢ଼ି ତୋଳିଛନ୍ତି ଏବଂ ଆମକୁ ଭଲ ମଣିଷ ହେବାର ପଥ ଦେଖାଇଛନ୍ତି।

କିନ୍ତୁ ଶିକ୍ଷକ ଏବଂ ଗୁରୁଙ୍କ ମଧ୍ୟରେ ପାର୍ଥକ୍ୟ ବୁଝିବା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଆଜିର ପରିପ୍ରେକ୍ଷୀରେ, ଏହି ଜ୍ଞାନ କେବଳ ଆବଶ୍ୟକ ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ଜଣେ ଶିକ୍ଷକ ସୂଚନା ପ୍ରଦାନ କରନ୍ତି, କିନ୍ତୁ ଜଣେ ଗୁରୁ ଅଭିଜ୍ଞତା ପ୍ରଦାନ କରନ୍ତି। ଜଣେ ଶିକ୍ଷକ ଯେଉଁ ଜ୍ଞାନ ପ୍ରଦାନ କରନ୍ତି ତାହା ନିଶ୍ଚିତ ଭାବରେ ସେମାନଙ୍କର ଅଭିଜ୍ଞତା ନୁହେଁ।

ଭାରତୀୟ ପରମ୍ପରାରେ 'ଗୁରୁ' ଶବ୍ଦର ଗଭୀର ମହତ୍ତ୍ୱ ରହିଛି। ଜଣେ ଗୁରୁ କେବଳ ଜ୍ଞାନଦାତା ନୁହଁନ୍ତିଙ୍କ ସେମାନେ ହେଉଛନ୍ତି ଜୀବନର ଅନ୍ଧକାରକୁ ଦୂର କରି ଆମକୁ ଆଲୋକ ଆଡକୁ ନେଇଯାଆନ୍ତି। 'ଶିକ୍ଷକ' ଶବ୍ଦଟି ଆଧୁନିକ ଶିକ୍ଷା ବ୍ୟବସ୍ଥା ସହିତ ଜଡିତ, ଯେଉଁଠାରେ ଜଣେ ଶିକ୍ଷକଙ୍କ ଭୂମିକା ମୁଖ୍ୟତଃ ବିଷୟ ଜ୍ଞାନ ପ୍ରଦାନ କରିବା, ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ବୌଦ୍ଧିକ ଭାବରେ ସଶକ୍ତ କରିବା। ଏହି ପାର୍ଥକ୍ୟ ବିଷୟରେ ଏକ ସୂକ୍ଷ୍ମ ଏବଂ ଗଭୀର ଆଲୋଚନା ପ୍ରକାଶ କରେ ଯେ ଜଣେ ଶିକ୍ଷକଙ୍କ ଭୂମିକା ସୀମିତ - ସେମାନେ ସୂଚନା ପ୍ରଦାନ କରନ୍ତି, ତଥ୍ୟ ବ୍ୟାଖ୍ୟା କରନ୍ତି ଏବଂ ଛାତ୍ରମାନଙ୍କୁ ସମାଜରେ ଉପଯୋଗୀ ହେବା ପାଇଁ ତାଲିମ ଦିଅନ୍ତି। ଜଣେ ଶିକ୍ଷକଙ୍କ ଭୂମିକା ମୁଖ୍ୟତଃ ବୁଦ୍ଧି ସହିତ ଜଡିତ। ତଥାପି, ଜଣେ ଗୁରୁଙ୍କ ଭୂମିକା ଏହାଠାରୁ ବହୁତ ବ୍ୟାପକ। ଜଣେ ଗୁରୁ କେବଳ ସୂଚନାର ଉତ୍ସ ନୁହଁନ୍ତି। ସେ ଦିଅନ୍ତି, ସେ ପରିବର୍ତ୍ତନ କରନ୍ତି। ଗୁରୁଙ୍କ ସମ୍ପର୍କ ଛାତ୍ରର ଆତ୍ମା ସହିତ, ଲୁଚି ରହିଥିବା ସତ୍ୟକୁ ଜାଗ୍ରତ କରନ୍ତି। ଶିକ୍ଷକ ପୁସ୍ତକୀୟ ଜ୍ଞାନ ଦିଅନ୍ତି, ଗୁରୁ ଆତ୍ମଜ୍ଞାନ। ଶିକ୍ଷକ ସମାଜରେ ସଫଳ କରାନ୍ତି, ଗୁରୁ ଜୀବନରେ ମୁକ୍ତ କରନ୍ତି। ଶିକ୍ଷକଙ୍କ କାର୍ଯ୍ୟ ବାହ୍ୟ, ଗୁରୁଙ୍କ କାର୍ଯ୍ୟ ଆଭ୍ୟନ୍ତରୀଣ। ଗୁରୁ-ଶିଷ୍ୟ ସମ୍ପର୍କ ଜ୍ଞାନରୁ ଅଧିକ, ହୃଦୟର। ଗୁରୁ ଶିଷ୍ୟକୁ ସତ୍ୟର ଅନୁଭବ ପର୍ଯ୍ୟନ୍ତ ଉନ୍ନୀତ କରନ୍ତି। ମଣିଷ କେବଳ ଜ୍ଞାନରେ ସନ୍ତୁଷ୍ଟ ନ ହୋଇ ଆତ୍ମ-ସାକ୍ଷାତ ଆଡକୁ ଗତି କରିବା ପାଇଁ ଜଣେ ଗୁରୁ ଆବଶ୍ୟକ। ଜଣେ ଶିକ୍ଷକ ଆପଣଙ୍କୁ ବାହ୍ୟ ଜଗତରେ ସଶକ୍ତ କରନ୍ତି, ଜଣେ ଗୁରୁ ଆପଣଙ୍କୁ ଆଭ୍ୟନ୍ତରୀଣ ଜଗତରେ ସଶକ୍ତ କରନ୍ତି। ତେଣୁ ନିଷ୍କର୍ଷ ହେଉଛି ଯେ ଶିକ୍ଷକ ଏବଂ ଗୁରୁ ଉଭୟ ଅତ୍ୟାବଶ୍ୟକ, କିନ୍ତୁ ସେମାନଙ୍କର କାର୍ଯ୍ୟ କ୍ଷେତ୍ର ଭିନ୍ନ। ଜଣେ ଶିକ୍ଷକ ସମାଜ ପାଇଁ, ଜଣେ ଗୁରୁ ଅନ୍ତର୍ମୁଖୀ ପରିବର୍ତ୍ତନ ପାଇଁ। ଜଣେ ଶିକ୍ଷକ ଆପଣଙ୍କୁ ଶିକ୍ଷା ଦିଅନ୍ତି, ଜଣେ ଗୁରୁ ଆପଣଙ୍କୁ ଜାଗ୍ରତ କରନ୍ତି ଏବଂ ଏହି ଜାଗ୍ରତ ଜୀବନର ଚରମ ଲକ୍ଷ୍ୟ।ଏହି ପାର୍ଥକ୍ୟକୁ ବୁଝିବା ଆଜି ଗୁରୁତ୍ୱପୂର୍ଣ୍ଣ, କାରଣ ଆମେ ଶିକ୍ଷାକୁ କେବଳ ସୂଚନା ପର୍ଯ୍ୟନ୍ତ ସୀମିତ କରୁଛୁ। ଶିକ୍ଷାର ଚରମ ଲକ୍ଷ୍ୟ ଆତ୍ମ-ସାକ୍ଷାତ ହେବା ଉଚିତ, ଏବଂ କେବଳ ଜଣେ ଗୁରୁ ଏହା ହାସଲ କରିପାରିବେ।

ଜଣେ ସାଧାରଣ ଶିକ୍ଷକ କେବଳ ସେତେବେଳେ ଗୁରୁ ହୋଇପାରିବେ ଯେତେବେଳେ ସେମାନଙ୍କର କାର୍ଯ୍ୟ କେବଳ ଜ୍ଞାନ ପ୍ରଦାନ କରିବା ପର୍ଯ୍ୟନ୍ତ ସୀମିତ ନ ହୋଇ ଶିଷ୍ୟଙ୍କ ମଧ୍ୟରେ ଅନ୍ତର୍ମୁଖୀ ପରିବର୍ତ୍ତନ ପ୍ରକ୍ରିୟାକୁ ଜାଗ୍ରତ କରନ୍ତି। ଗୁରୁ ହେବା ପାଇଁ ଯାତ୍ରା ବାହ୍ୟରୁ ଆଭ୍ୟନ୍ତରୀଣ। ଜଣେ ଶିକ୍ଷକ ଜ୍ଞାନ ସହିତ ଜଡିତ, ଯେତେବେଳେ ଜଣେ ଗୁରୁ ଅଭିଜ୍ଞତା ସହିତ ଜଡିତ। ଯେତେବେଳେ ଜଣେ ଶିକ୍ଷକ ତାଙ୍କ ଛାତ୍ରମାନଙ୍କୁ ସେମାନଙ୍କ ନିଜସ୍ୱ ପ୍ରଶ୍ନକୁ ଅତିକ୍ରମ କରିବାକୁ ପ୍ରେରଣା ଦିଅନ୍ତି, କେବଳ ତଥ୍ୟ ଏବଂ ଉତ୍ତର ପାଇଁ, ସେ ଜଣେ ଗୁରୁ ହେବା ଆଡ଼କୁ ଅଗ୍ରସର ହୁଅନ୍ତି। ଜଣେ ଗୁରୁ ହେଉଛନ୍ତି ଯିଏ ଶିଷ୍ୟକୁ ନିଜ ଭିତରେ ଦେଖିବାକୁ ମାର୍ଗଦର୍ଶନ କରନ୍ତି।

ଶିକ୍ଷକରୁ ଗୁରୁକୁ ପରିବର୍ତ୍ତନ କରିବାର ଉପାୟ - ଜ୍ଞାନଠାରୁ ଅଧିକ: ଜଣେ ଶିକ୍ଷକଙ୍କୁ ବୁଝିବାକୁ ପଡିବ ଯେ ସୂଚନା ପ୍ରଦାନ କରିବା ଯଥେଷ୍ଟ ନୁହେଁ। ସେମାନଙ୍କୁ ଛାତ୍ରଛାତ୍ରୀମାନଙ୍କୁ ଏହା ଅନୁଭବ କରାଇବାକୁ ପଡିବ ଯେ ସତ୍ୟ କେବଳ ପୁସ୍ତକରେ ନୁହେଁ, ବରଂ ନିଜ ଭିତରେ ମଧ୍ୟ ବାସ କରେ। ଜଣେ ଗୁରୁଙ୍କ ସମ୍ପର୍କ ଦରମା କିମ୍ବା ବୃତ୍ତି ଉପରେ ଆଧାରିତ ନୁହେଁ, ବରଂ ପ୍ରେମ ଉପରେ ଆଧାରିତ। ଯେତେବେଳେ ଜଣେ ଶିକ୍ଷକ ତାଙ୍କ ଛାତ୍ରମାନଙ୍କ ସହିତ କେବଳ ଛାତ୍ର ଭାବରେ ନୁହେଁ ବରଂ ଆଧ୍ୟାତ୍ମିକ ସାଧକ ଭାବରେ ସଂଯୋଗ କରନ୍ତି ଏବଂ ପ୍ରେମ ଏବଂ କରୁଣା ସହିତ ସେମାନଙ୍କ ସହିତ ସଂଯୋଗ କରନ୍ତି, ସେମାନେ ଗୁରୁ ହୋଇଯାଆନ୍ତି। ନିଜକୁ ଜାଗ୍ରତ କରିବା: ଜଣେ ଶିକ୍ଷକ କେବଳ ସେତେବେଳେ ଗୁରୁ ହୋଇପାରନ୍ତି ଯେତେବେଳେ ସେମାନେ ନିଜେ ଜାଗ୍ରତ ହୁଅନ୍ତି। ଯଦି ସେମାନେ ନିଜ ଭିତରେ ନୀରବତା, ଧ୍ୟାନ ଏବଂ ଆତ୍ମ-ଜ୍ଞାନ ଅନୁଭବ କରିଥାଆନ୍ତି ତେବେ ହିଁ ସେମାନେ ଅନ୍ୟମାନଙ୍କୁ ସେହି ଦିଗରେ ନେଇପାରିବେ। ଶିଷ୍ୟଙ୍କୁ ସ୍ୱାଧୀନ କରିବା: ଜଣେ ଶିକ୍ଷକ ପ୍ରାୟତଃ ଉତ୍ତର ପ୍ରଦାନ କରନ୍ତି, କିନ୍ତୁ ଜଣେ ଗୁରୁ ଶିଷ୍ୟଙ୍କୁ ଏପରି ଏକ ସ୍ଥିତିରେ ସଶକ୍ତ କରନ୍ତି ଯେଉଁଠାରେ ସେମାନେ ନିଜେ ଉତ୍ତର ପାଇପାରିବେ। ଯେତେବେଳେ ଜଣେ ଶିକ୍ଷକ ତାଙ୍କ ଛାତ୍ରମାନଙ୍କୁ ନିର୍ଭରଶୀଳତାରୁ ମୁକ୍ତ କରନ୍ତି ଏବଂ ସେମାନଙ୍କୁ ସ୍ୱାଧୀନ ଚିନ୍ତାଧାରା ଏବଂ ଆତ୍ମ-ସାକ୍ଷାତ କରିବାକୁ ନେଇଯାଆନ୍ତି, ସେମାନଙ୍କୁ ଗୁରୁ କୁହାଯାଏ। ଜୀବନକୁ ଏକ ଶିକ୍ଷା କରିବା: ଜଣେ ଗୁରୁଙ୍କ ପ୍ରତ୍ୟେକ କାର୍ଯ୍ୟ ଏକ ଶିକ୍ଷା। ସେମାନଙ୍କର ନୀରବତା, ସେମାନଙ୍କର ଚାଲିବା, ସେମାନଙ୍କର ଦୃଷ୍ଟି - ସବୁକିଛି ଶିଷ୍ୟ ପାଇଁ ଶିକ୍ଷା। ଯେତେବେଳେ ଜଣେ ଶିକ୍ଷକ ସେମାନଙ୍କ ଜୀବନକୁ ଏକ ଶିକ୍ଷା କରନ୍ତି, ସେମାନେ ଗୁରୁ ହୋଇଯାଆନ୍ତି।

ଶିକ୍ଷକରୁ ଗୁରୁ ଯାତ୍ରା କୌଣସି ପଦୋନ୍ନତି ନୁହେଁ, ବରଂ ଏକ ପରିବର୍ତ୍ତନ। ଜଣେ ଶିକ୍ଷକ ସମାଜ ପାଇଁ ଅତ୍ୟାବଶ୍ୟକ, କିନ୍ତୁ ଜଣେ ଗୁରୁ ଜୀବନ ପାଇଁ ଅପରିହାର୍ଯ୍ୟ। ଜଣେ ଶିକ୍ଷକ ଆପଣଙ୍କୁ ଜଣେ ବିଦ୍ୱାନ କରିପାରନ୍ତି, କିନ୍ତୁ ଜଣେ ଗୁରୁ ଆପଣଙ୍କୁ ଏକ ଜାଗ୍ରତ ଆତ୍ମାରେ ପରିଣତ କରନ୍ତି।

# ଶିକ୍ଷା ହିଁ ନୁହେଁ..ବିଦ୍ୟା ମଧ୍ୟ



ମନୋଜ କୁମାର ବେହେରା
ଭୁବନେଶ୍ୱର, ୭୯୭୮୩୦୬୧୧

ଜ୍ଞାନର ଦୁଇଟା ଧାର। ଅଛି-ଶିକ୍ଷା ଆଉ ବିଦ୍ୟା। ଭାରତୀୟ ଦୃଷ୍ଟିକୋଣରେ ଶିକ୍ଷା ଶବ୍ଦ ସଂସ୍କୃତ ଶବ୍ଦରେ 'ଶିକ୍ଷ' ଧାତୁରେ 'ଅ' ପ୍ରତ୍ୟୟ ଲଗେଇଲେ ଯେଉ ଅର୍ଥ ହେଲା ତାହା ଶିଖିବା ଏବଂ ଶିଖେଇବା। ଏହି ପ୍ରକାରର ଶିକ୍ଷାର ଅର୍ଥ ଶିଖିବା ଆଉ ଶିଖେଇବାର କ୍ରିୟା-ପ୍ରତିକ୍ରିୟା ଅଟେ। ଶିକ୍ଷାର ଅନ୍ତର୍ଗତ ଆମେ ବିବିଧ ବିଷୟରେ,ବସ୍ତୁଙ୍କର ଜ୍ଞାନ ପ୍ରାପ୍ତ କରିଥାଉ। ଶିକ୍ଷା ଆମର ଭୌତିକ ଜୀବନରେ ସୁବ୍ୟବସ୍ଥାର କାମରେ ଆସିଥାଏ। ଯାହାର ମାଧ୍ୟମରେ ଜ୍ଞାନ ବଢିଲା ପରେ ଭାବିବାର ପରିଧି ବଢି ଯାଇଥାଏ,ଲେଖିବା ଆଉ କହିବାର ଭାଷା ପୁରସ୍କୃତ ହୋଇଥାଏ,ଅର୍ଥୋପାର୍ଜନର କ୍ଷମତା ବଢିଥାଏ,କଳା କୌଶଳ ବିକଶିତ ହୋଇଥାଏ। ଏହି ଆଧାର ଉପରେ ବ୍ୟକ୍ତି ସ୍ୱାବଲମ୍ବୀ ଉପାର୍ଜନରେ ସଫଳ ହୋଇଥାଏ। ଏମିତି ଅନେକ ଲାଭର ଧ୍ୟାନରେ ରଖିକରି ଶିକ୍ଷାର ପ୍ରଚଳନ କରା ଯାଇଛି।

ଜ୍ଞାନର ଦ୍ୱିତୀୟ ଧାର ହେଲା 'ବିଦ୍ୟା'। ବିଦ୍ୟାକୁ ପରିଭାଷିତ କରିକି ଶାସ୍ତ୍ରକାର ମାନେ ସୂତ୍ରର ରୂପରେ କହି ଦେଇଛନ୍ତି କି 'ସା ବିଦ୍ୟାୟା ବିମୁକ୍ତୟେ'। ଅର୍ଥାତ୍ ବିଦ୍ୟା ତାହା ଅଟେ ଯାହା ମୁକ୍ତି ପ୍ରଦାନ କରେ,ଯାହାର ଦ୍ୱାରା ଆମେ ରୋଗ,ଶୋକ,ଦ୍ୱେଷ,ପାପ, ହୀନତା, ଦୁର୍ବଳତା, ଅଜ୍ଞାନ, ଅଭାବ, କୁସଂସ୍କାର ଆଦିର ଦାସରୁ ମୁକ୍ତି ପ୍ରାପ୍ତ କରିପାରିବା। ଏମିତି ବିଦ୍ୟା ଅର୍ଜନ କରିବା ବାଲାଙ୍କୁ ହିଁ ବିଦ୍ୟାର୍ଥୀ କୁହନ୍ତି। ବିଦ୍ୟାରୁ ହିଁ ବ୍ୟକ୍ତିର ଦୃଷ୍ଟିକୋଣ ପରିଷ୍କାର ହୋଇଥାଏ। ତାହାର ଚିନ୍ତନ ଆଉ ଭାବୋଲ୍ଲାସରେ ଉତ୍କୃଷ୍ଟତାର ସ୍ୱଚ୍ଛତା ଆସିଥାଏ। ବିଦ୍ୟାର ବିନା ମନୁଷ୍ୟର ଅନ୍ତରାଳରେ ଲୁଚି ରହିଥିବା ଦିବ୍ୟତାର ବିକାଶ ହୋଇ ପାରେନି। ସେହି ଅନୁରୂପ ଗୁଣ, କର୍ମ ସ୍ୱଭାବର ଦଷ୍ଟିରେ ତାହାର ସ୍ତର ଉଚ୍ଚକୁ ଉଠିଯାଏ। ତାରି ଭିତରେ ସତ୍ୟ, କରୁଣା, ସେବା, ସମ୍ବେଦନା ଆଦି ଦିବ୍ୟ ଭାବ ଏବଂ ସଦଗୁଣ ବିକଶିତ ହେବାକୁ ଲାଗିଥାଏ। ସେ କଠିନ ପରିସ୍ଥିତିରେ ମଧ୍ୟ ଡରେ ନାହିଁ। ଉତ୍ତରଦାୟିତ୍ୱ,ବୁଦ୍ଧିମତ୍ତା ତଥା ସାହସ ପୂର୍ବକ ଜୀବନର ସବୁ ସମସ୍ୟାରେ ଆଉ ସଂଘର୍ଷରୁ ବାହାରି ଆସିଥାଏ। ସେ ସର୍ବଦୈବ ପ୍ରଫୁଲ୍ଲିତ ରହିଥାଏ। ଏହି ପରି ଜ୍ଞାନର ମଧ୍ୟ ଦୁଇ ଅଂଗ ଅଛି-ଶିକ୍ଷା ଆଉ ବିଦ୍ୟା। ଶିକ୍ଷା ତାହା ଅଟେ ଯାହା ବିଦ୍ୟାଳୟରେ,ମହାବିଦ୍ୟାଳୟରେ ଆଉ ବିଶ୍ୱବିଦ୍ୟାଳୟରେ ପଢା ଯାଇଥାଏ। ଯାହାକୁ ପଢିକରି ଲୋକେ ଗ୍ରାଜୁଏଟ୍, କ୍ଲର୍କ, ଓକିଲ, ପ୍ରଫେସର, ଡାକ୍ତର ଆଦି ହୋଇଥାନ୍ତି। ଏହା ଜୀବକୋପାର୍ଜନ ଏବଂ ଲୋକ ବ୍ୟବହାରରେ ନିପୁଣତା କରିବା ପାଇଁ ଅଟେ। ଏହା ଆବଶ୍ୟକ ଅଟେ କି କାହିଁକିନା ଏହାର ବିନା ସାଂସାରୀକ ଜୀବନ, ଭୌତିକ ଜୀବନରେ ଉନ୍ନତି, ପ୍ରଗତି, ସଫଳତା ମିଳିବନି। ସମ୍ପୂର୍ଣ୍ଣ ଏବଂ ସମଗ୍ର ବିକାଶର ପାଇଁ ଶାଶ୍ୱତ ସୁଖ-ଶାନ୍ତି ପ୍ରାପ୍ତ କରିବା ପାଇଁ ଏହି ଶିକ୍ଷା ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ଶିକ୍ଷାର ସହିତ ବିଦ୍ୟାର ଅର୍ଜନ କରିବା ମଧ୍ୟ ଆବଶ୍ୟକ ଅଟେ। କାହିଁକି ସେତବଲେ ବ୍ୟକ୍ତିର ବ୍ୟକ୍ତିତ୍ୱର ସମଗ୍ର ବିକାଶ ସମ୍ଭବ ଅଟେ। ଯେଉ ଜ୍ଞାନକୁ ପ୍ରାପ୍ତ କରି ମନୁଷ୍ୟ ଶ୍ରେଷ୍ଠ ଆଦର୍ଶ,ଆକାଂକ୍ଷା ଆଉ ମାନ୍ୟତାର ନିର୍ମାଣ କରିଥାଏ,ସେହି ଜ୍ଞାନକୁ ବିଦ୍ୟା କୁହନ୍ତି।



ଶନିବାର ୦୫।୦୯।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

# ମୁକୁଳା ଟ୍ରାନ୍ସଫର୍ମର ସାଜିଛି ଜମଦୂତ



ଧର୍ମଶାଳା, ୦୩/୦୯ (ରାଜେଶ କୁମାର ପରିଡା ): ଗୋଟିଏ ପଟେ ଟାଟା ପାୱାର ଗ୍ରାହକଙ୍କ ସୁରକ୍ଷା ଏବଂ ନିରବଚ୍ଛିନ୍ନ ସେବା ନେଇ ବଡ଼ ବଡ଼ ଦାବି କରୁଥିବା ବେଳେ ଅନ୍ୟପଟେ କ୍ଷେତ୍ର ସ୍ତରରେ ଏହାର ସମ୍ପୂର୍ଣ୍ଣ ବିପରୀତ ଛବି ଦେଖିବାକୁ ମିଳୁଛି। ବିଦ୍ୟୁତ ବିଭାଗର ଆନ୍ତରିକତାହୀନ ଓ ବେପରୁଆ ମନୋଭାବ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଏବେ ବାଜିରେ ଲାଗିଛି। ସୁରକ୍ଷା ବାଡ଼ ନାହିଁ, ବିପଦପୂର୍ଣ୍ଣ ଅବସ୍ଥା କବାଟବନ୍ଧ ଓ କନ୍ତପଡ଼ା ଅଞ୍ଚଳରେ ବିଦ୍ୟୁତ ବିଭାଗର ଅନେକ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ମୁକୁଳା ଅବସ୍ଥାରେ ପଡ଼ିରହିଛି। ନିୟମ ଅନୁସାରେ ଟ୍ରାନ୍ସଫର୍ମର ଚାରିପାଖରେ କଂକ୍ରିଟ୍ ବାଡ଼ କିମ୍ବା ଲୁହା ଜାଲି ରହିବା ସହ ସୁରକ୍ଷା ସୂଚନା ଫଳକ ଲଗାଯିବା କଥା। ମାତ୍ର ଏଠାରେ ନା ଅଛି ତାର ବାଡ଼, ନା ଅଛି କୌଣସି ସୁରକ୍ଷା ବ୍ୟବସ୍ଥା। ଅନେକ ସ୍ଥାନରେ ଟ୍ରାନ୍ସଫର୍ମରରୁ ଜୀବନ୍ତ ବିଦ୍ୟୁତ ତାରଗୁଡ଼ିକ ବିପଜ୍ଜନକ ଭାବେ ଝୁଲି ରହିଛି। ରାସ୍ତାକଡ଼ ଏବଂ ଜନବସତି ନିକଟରେ ଥିବା ଏହି ମୁକୁଳା ଟ୍ରାନ୍ସଫର୍ମରଗୁଡ଼ିକ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବିଶେଷ କରି ଛୋଟ ଛୋଟ ପିଲା ଏବଂ ଗୃହପାଳିତ ପଶୁଙ୍କ ପାଇଁ ଏହା ଅତ୍ୟନ୍ତ ବିପଜ୍ଜନକ ସାଜିଛି। ବର୍ଷା ଦିନେ କିମ୍ବା ଅନ୍ଧାର ସମୟରେ କୌଣସି ଅସାବଧାନତା ଯୋଗୁଁ ବଡ଼ ଧରଣର ଅପ୍ରୀତିକର ଘଟଣା ଘଟିବାର ଭୟ ରହିଛି। ଟାଟା ପାୱାର ନିଜର ପ୍ରଚାର ପ୍ରସାରରେ ସୁରକ୍ଷାକୁ ପ୍ରାଥମିକତା ଦେଉଥିବା କହୁଥିଲେ ବି ବାସ୍ତବରେ କନ୍ତପଡ଼ା-କବାଟବନ୍ଧ ଅଞ୍ଚଳର ଏହି ସ୍ଥିତି କମ୍ପାନୀର ବେପରୁଆ ନୀତିକୁ ପଦାରେ ପକାଇଦେଇଛି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏହି ମୁକୁଳା ଟ୍ରାନ୍ସଫର୍ମରଗୁଡ଼ିକ ଚାରିପାଖରେ ସୁରକ୍ଷା ବାଡ଼ ନିର୍ମାଣ କରିବା ସହ ଆବଶ୍ୟକୀୟ ମରାମତି କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# ତାଳଚେର ଗଣେଶ ପୂଜାକୁ ଦୃଷ୍ଟିରେ ରଖି ଟାଉନ ପୋଲିସର ଫ୍ଲାଗମାର୍ଚ୍ଚ



ତାଳଚେର, ୦୪/୦୯ (ଅଜିତ )ପୂଜା ପାର୍ବଣରତୁ ଆଗମନ ପୂର୍ବରୁ ତାଳଚେର ଅଂଚଳରେ କିପରି ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ ତା'ଉପରେ ଆଜି ତାଳଚେର ଟାଉନ ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରିବା ସହିତ ଲୋକଙ୍କୁ ସଚେତନତା କରାଇଥିଲେ। ଚଳିତବର୍ଷ ୧୪ ତାରିଖରେ ହେବାକୁ ଥିବା ପ୍ରସିଦ୍ଧ ଗଣେଶପୂଜା ଆରମ୍ଭ ହୋଇ ଉଦ୍ଧୁପୂର୍ଣ୍ଣମା ଅର୍ଥାତ୍ ୨୬ତାରିଖ ଦିନ ବିସର୍ଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ପୂଜାକୁ ସରସ, ଶାନ୍ତିଶୃଙ୍ଖଳା, ଚୋରୀ, ରାହାଯାନୀ, ଛିନତାଇ, ମଦ୍ୟପୀ ଗାଡ଼ିଚାଳକଙ୍କୁ ସାବାଡ଼ କରିବାକୁ ନେଇ ଆଜିର ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ। ତାଳଚେର ଘୋଡ଼ାଶାଳ ଠାରୁ ଆରମ୍ଭକରି ହାଣ୍ଡିଧୂଆଁ ପର୍ଯ୍ୟନ୍ତ ପ୍ରାୟ ୪କିମି ରାସ୍ତାର ଉଭୟପାଶ୍ୱର୍ରେ ପ୍ରଭୁ ବିଘ୍ନେଶ୍ୱର ପୂଜାପାଇବା ସହ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିବ ତାଳଚେର। ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ଓଠାଦୋକାନୀ ମାନେ ଆସି ନିଜର ଆସର ଜମାଇଥାନ୍ତି ତେଣୁ ତାଳଚେର ଅଂଚଳଟି ଲୋକାରଣ୍ୟ ହୋଇ ପଡ଼ିଥାଏ। ଏବଂ ଏହାକୁ ନିୟନ୍ତ୍ରୀତ କରିବାକୁ ସହରର ବିଭିନ୍ନ ଛକ ସ୍ଥାନ ଗୁଡ଼ିକରେ ପୋଲିସ୍‌ର କ୍ୟାମ୍ପ ମଧ କରିବାକୁ ପଡ଼ିଥାଏ। ଗଣେଶ ପୂଜା ପରେ ପରେ ଅନ୍ୟାନ୍ୟ ପୂଜଗୁଡ଼ିକକ ଚାଲି ଆସୁଥିବାରୁ ଏହାକୁ ନେଇ ପୋଲିସ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିବା ଟାଉନ ଥାନା ଅଧିକାରୀ ଏହା ପ୍ରକାଶ କରିଛନ୍ତି।

# କୋରାପୁଟ ଜିଲ୍ଲାର ୮୮୨୮୯ ଚାଷୀଙ୍କ ଆକାଉଣ୍ଟକୁ ଗଲା ସିଏମ କିଷାନ ପଞ୍ଚମ କିସ୍ତି




କୋରାପୁଟ, ୦୪/୦୯ (ଅକ୍ଷର ଓଡିଶା )ସିଏମ କିଷାନ ରବି ୨୦୨୬-୨୭ର ୫ମ କିସ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର ଠାରେ ଉନ୍ମୋଚନ କରାଯାଇଥିଲା। ଏହା ରାଜ୍ୟର ସମସ୍ତ ସ୍ଥାନରେ ସିଧାପ୍ରସାରଣ କରାଯାଇଥିଲା।କୋରାପୁଟ ଜିଲ୍ଲାର ସଦଭାବନା ସଭାଗୃହ ଠାରେ ଏହା ପାଳିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ମାଛ,କୋରାପୁଟ ସତନ୍ତ୍ର ଉନ୍ନୟନ କମିଟି ଅଧକ୍ଷ ଭଗବାନ ମୁଦୁଲି, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଉପାଧକ୍ଷ,ଜିଲ୍ଲା ପରିଷଦ କୋରାପୁଟ ଜିଲ୍ଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର ,କୋରାପୁଟ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ , କୋରାପୁଟ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକର ୧୦୦ ଜଣ ଚାଷୀ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାର ୮୮୨୮୯ଚାଷୀଙ୍କ ଆକାଉଣ୍ଟକୁ ଡିବିଟି ମାଧମରେ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୮୭,୨୮୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧୭,୪୫,୬୨,୦୦୦ ଟଙ୍କା ଏବଂ ୧,୦୦୮ ଜଣ ଭୂମିହୀନ କୃଷି ପରିବାରଙ୍କୁ ୪୩,୨୦,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ଭାରତୀୟ ମଜଦୂର ସଂଘ ପକ୍ଷରୁ ପର୍ଯ୍ୟାବରଣ ଦିବସ ପାଳିତ



ଫୁଲବାଣି, ୦୪/୦୯ (ଅକ୍ଷର ଓଡ଼ିଶା) : ଭାରତୀୟ ମଜଦୂର ସଂଘ କନ୍ଧମାଳ ପକ୍ଷରୁ କେବି ହିଷ୍ଟି, ଫୁଲବାଣୀଠାରେ ପର୍ଯ୍ୟାବରଣ ଦିବସ ପାଳିତ ହେଇଯାଇଛି। ମନୁଷ୍ୟ ସୁଖ ସାଛନ୍ଦ୍ୟ ଓ ବିଳାସ ବ୍ୟସନରେ ରହିବା ପାଇଁ ପ୍ରକୃତି ଉପରେ ଦାଉ ସାଧୁଛି, ଯାହା ଫଳରେ ପରିବେଶ ପ୍ରଦୂଷଣ ହେଉଛି। ଅବାଞ୍ଚିତ ଜଙ୍ଗଲ କ୍ଷୟ, କଳ କାରଖାନା ବୃଦ୍ଧି, କଂକ୍ରିଟ ଜଙ୍ଗଲ ବୃଦ୍ଧି, ଖଣି ଖାଦାନ ବୃଦ୍ଧି ଓ ଗାଡି ମଟର ବୃଦ୍ଧି ହେଉଥିବାରୁ ଉତ୍ତାପ ବୃଦ୍ଧି ହେବା ସହ ଜଳବାୟୁ ପରିବର୍ତ୍ତନ ହେଉଛି। ଉତ୍ତାପ ବୃଦ୍ଧି ହେତୁ ମେରୁରେ ବରଫ ତରଳୁଛି। ସମୁଦ୍ର ଜଳପତନ ବୃଦ୍ଧି ହେବା ଫଳରେ ତଟବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବ। ଅଦିନ ବର୍ଷା, ବନ୍ୟା ବାତ୍ୟା ଇତ୍ୟାଦି ବୃଦ୍ଧି ହେବ, ଯାହା ମଣିଷ ସମାଜ ପାଇଁ ଅସୁବିଧା ସୃଷ୍ଟି ହେବ।ଭୂଗର୍ଭସ୍ଥ ଜଳ ପତନ ହ୍ରାସ ହେଉଛି। ତେଣୁ ପରିବେଶ ସୁରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। କଲେଜ ପରିସରରେ ପର୍ଯ୍ୟାବରଣର ସୁରକ୍ଷା ପାଇଁ ବୃକ୍ଷ ରୋପଣ କରାଯାଇଥିଲା। ଜନସଂଖ୍ୟା ବୃଦ୍ଧି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ଗୋଟିଏ ପୂର୍ଣ୍ଣ ବୟସ୍କ ଗଛ ଜୀବନ କାଳରେ ୨୦ଲକ୍ଷ ଟଙ୍କାର ଅମ୍ଳଜାନ ଦେଇଥିବା ବେଳେ ୪୦ଲକ୍ଷ ଟଙ୍କାର ପାଣି ପୂନଃ ବ୍ୟବହାର କରିଥାଏ। ୩୫ଲକ୍ଷ ଟଙ୍କାର ବାୟୁ ପ୍ରଦୁଷଣ ନିୟନ୍ତ୍ରଣ କରିବା ବେଳେ ପ୍ରତି ବର୍ଷ ତିନି କିଲୋ ଅଙ୍ଗାରକାମ୍ଳ ଶୋଷି ଥାଏ। ତାପମାତ୍ରା ହ୍ରାସ ଓ ଭୂକ୍ଷୟରୁ ରକ୍ଷା କରିଥାଏ। ଗ୍ରୀଷ୍ମ ଦିନରେ କନ୍ଧମାଳ ଜିଲାର ତାପମାତ୍ରା ୩୫-୩୬ଡିଗ୍ରୀରୁ ବୃଦ୍ଧି ପାଇ ୪୨-୪୪ଡିଗ୍ରୀ ଛୁଇଲାଣି।ତେଣୁ ପ୍ରକୃତିର ସୁରକ୍ଷା ଓ ମଣିଷ ର ଆବଶ୍ୟକତା ମଧରେ ସମନ୍ୱୟ ଓ ସନ୍ତୁଳନ ରହିବା ଆବଶ୍ୟକ।ଏହି ଅବସରେ ବିଏମଏସ ଜିଲା ସଭାପତି ଅଶୋକ ପରିଡାଙ୍କ ସହ ଗଣ ମାଧମ ପ୍ରତିନିଧି ଲଳିତ ମଲିକ,କେବି ହିଷ୍ଟର ଅଧକ୍ଷ ଅନିଲ ଚୌଧୁରୀ, ଉପାଧକ୍ଷ ଅମୂଲ୍ୟ କୁମାର ଜେନାଙ୍କ ସହ ଅଧାପକ ଆକାଂକ୍ଷା ତିଆଡି, ଜଗନ୍ନାଥ ଷାଣ୍ଡ, ରମାକାନ୍ତ ଦିଗାଲ,ଦେବାଶିଷ ପଟନାୟକ, କାବେରୀ ପଣ୍ଡା, ବିବେକାନନ୍ଦ ମଲିକ,ଏ ରାଜଲକ୍ଷ୍ମୀ ପାତ୍ର, ସିୟାସର୍ଗମ ଦାସ, ଇଷାରାଣୀ ବେହେରାଙ୍କ ସହ କଲେଜର ଛାତ୍ର ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଅଚ୍ୟୁତାନନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମଶାଙ୍କ ପ୍ରାର୍ଦୁଭାବରେ ଅତିଷ୍ଠ ଖଣ୍ଡପଡ଼ା ସହର

# ପଡୁନି ମଶାମରା ତେଲ କି ବ୍ଲିଚିଙ୍ଗ ପାଉଡର



ଖଣ୍ଡପଡ଼ା, ୪/୯ (ଅକ୍ଷର ଓଡ଼ିଶା) ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ଖଣ୍ଡପଡ଼ା ସହର ସମେତ ବ୍ଲକ ର ସମସ୍ତ ପଞ୍ଚାୟତ ବାସୀ ବିଶେଷ କରି ବର୍ଷା ଋତୁରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଏବେ ମଶା ଓ ମାଛିଙ୍କ ପ୍ରାର୍ଦୁଭାବ ଯୋଗୁଁ ସହରବାସୀ ତ୍ରାହି ତ୍ରାହି ଡାକୁଛନ୍ତି।ବର୍ଷା ଋତୁ ଯୋଗୁଁ ସବୁଠି ସନ୍ତସନ୍ତିଆ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଯାହାକି ମଶା ଓ ମାଛିଙ୍କ ବଂଶବୃଦ୍ଧିରେ ସହାୟକ ହୋଇଥିବା ଜଣାପଡିଛି। ପ୍ରତ୍ୟେକ ଘରେ ଜ୍ୱର, ଥଣ୍ଡା, କାଶ ରୋଗରେ ଏକାଧିକ ବ୍ୟକ୍ତି ପୀଡିତ ଥିବା ବେଳେ ମଶା, ମାଛିଙ୍କ ପ୍ରାର୍ଦୁଭାବ ଯୋଗୁଁ ରୋଗୀମାନେ ତ୍ରାହି ତ୍ରାହି ଡାକୁଛନ୍ତି। କିନ୍ତୁ ଏ ଦିଗରେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ନଦେଇ ନୀରବଦ୍ରଷ୍ଟା ସାଜିଥିବାରୁ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସହର ସାରା ଯୁଆଡେ ଦେଖିବ ସିଆଡେ କୁଢକୁଢ ଅଳିଆ ଗଦା ହୋଇ ରହିଥିବା ବେଳେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି।ବର୍ଷା ଋତୁ ଆରମ୍ଭରୁ ଡ୍ରେନ ଗୁଡିକ ସଫା ନ ହେବା,ଗଭିର ଡ୍ରେନ ଗୁଡିକ ଉପରେ ସିମେଣ୍ଟ କଂକ୍ରିଟ ସ୍ଲାବ ପକା ନଯିବା ଯୋଗୁଁ ଏବେ ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି।ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣିର ସୁଅ ଛୁଟିବା ସହ ରାସ୍ତା ପାଶ୍ୱର୍ସ୍ଥିତ ଖାଲ ଖମାରେ ପାଣି ଜମି ରହୁଛି।ସେହିପରି ମଶା ବଂଶ ଲୋପ ନିମନ୍ତେ ଡ୍ରେନ ଗୁଡିକରେ ମଶା ମରା ତେଲ ପକା ଯାଉ ନଥିବା ବେଳେ ମଶା ଧୂଆଁ ମଧ୍ୟ ପ୍ରୟୋଗ କରାଯାଉ ନଥିବା ଜଣାପଡିଛି। ଏଥିପ୍ରତି ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧକ୍ଷା ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

# କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରଣପୁର ତା ୪/୯(ଅକ୍ଷର ଓଡିଶା )ନୟାଗଡଜିଲ୍ଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଅଧିନ ଖଡିଆ ଭାଲିଆ ମୋଡ କାଜୁ ଜଙ୍ଗଲରୁ ବେକ କଟା ଝୁଲନ୍ତା ଅବସ୍ଥାରେ ଏକ ଯୁବକର ମୃତଦେହ ଉଦ୍ଧାର ହୋଇଛି । ଖବର ପାଇ ଘଟଣାସ୍ଥଳରେ ରଣପୁର ଥାନା ନିରୀକ୍ଷକ ଆଶିଷଦେବ ସାହୁ, ଶରଣକୁଳ ପୋଲିସ ଉପ ଖଣ୍ଡିୟ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ଜଣାପଡିଛି। ସୂଚନା ଅନୁଯାୟୀ ରଣପୁର ଥାନା ନୋତର ପଞ୍ଚାୟତ କୋଡିଏ କାହାଣିଆ ଗାଁର ମାନସ କୁମାର ବେହେରା (୨୮)ବର୍ଷ ଗତକାଲି କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ବହୁ ସମୟ ଧରି ଘରକୁ ନଫେରିବା ସହ ତାଙ୍କ ମୋବାଇଲ୍ ଫୋନ୍ ସ୍ୱିଚ୍ ଅଫ୍ ଆସିବାରୁ ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା। ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ମାନସଙ୍କୁ ନପାଇବାରୁ ରଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।ତେବେ ଆଜି ସକାଳୁ ଦର୍ପଣ ନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଭାଲିଆ ତଇଲା ଜଙ୍ଗଲକୁ କିଛି ଲୋକ କାଠ ସଂଗ୍ରହ ପାଇଁ ଯାଉଥିବା ବେଳେ ଏକ କାଜୁ ଗଛରେ ଜଣେ ଯୁବକ ଝୁଲୁଥିବା ଦେଖିଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ରଣପୁର ପୋଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ରଣପୁର ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି । ସେପଟେ ମାନସଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ସହ ପରିବାର ଲୋକେ ନ୍ୟାୟ ଦାବି କରିଛନ୍ତି। ତେବେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଏହା ହତ୍ୟା ନା ଆତ୍ମହତ୍ୟା, ତାହା ପୋଲିସ ତଦନ୍ତ ପରେ ଜଣାପଡ଼ିବ।

# ଅନ୍ନଦାତା ସୁଖୀ ଭବଃ

**Kharif 26-27 Farmer Registration Status as on 4-9-2026**

| Sl.No. | District | No. of Societies Engaged | Total No. of Societies Participated | | | No. of Farmers Registered in Kharif 26-27 | No. of Farmers having Agristack ID | Total No. of Farmers Registered in Kharif 25-26 | % of Farmers Registered | Day Registration |
|---|---|---|---|---|---|---|---|---|---|---|
| | | | PACS/LAMPCS | Pani Panchayat | Total | | | | | |
| 1 | MAYURBHANJ | 52 | 52 | - | 52 | 99,059 | 33,638 | 83,820 | 118 | 2,899 |
| 2 | JAGATSINGHPUR | 111 | 111 | - | 111 | 57,832 | 29,064 | 49,685 | 116 | 966 |
| 3 | KENDRAPADA | 120 | 120 | - | 120 | 60,293 | 21,713 | 52,092 | 116 | 1,463 |
| 4 | PURI | 205 | 205 | - | 205 | 68,328 | 27,139 | 59,998 | 114 | 987 |
| 5 | SUNDARAGADA | 84 | 83 | 1 | 84 | 68,456 | 16,489 | 61,977 | 110 | 1,970 |
| 6 | BARAGADA | 57 | 57 | - | 57 | 1,80,677 | 55,867 | 1,63,728 | 110 | 1,760 |
| 7 | KORAPUT | 23 | 20 | 3 | 23 | 48,559 | 13,314 | 44,104 | 110 | 484 |
| 8 | DEBAGADA | 29 | 29 | - | 29 | 23,506 | 11,035 | 21,414 | 110 | 219 |
| 9 | KANDHAMALA | 22 | 22 | - | 22 | 4,211 | 1,947 | 3,845 | 110 | 98 |
| 10 | NAYAGADA | 162 | 162 | - | 162 | 63,475 | 24,701 | 57,972 | 109 | 1,205 |
| 11 | BOUDH | 45 | 45 | - | 45 | 50,277 | 17,479 | 45,991 | 109 | 523 |
| 12 | KENDUJHAR | 95 | 95 | - | 95 | 86,340 | 30,826 | 79,108 | 109 | 2,598 |
| 13 | KALAHANDI | 75 | 74 | - | 74 | 1,31,833 | 49,499 | 1,21,181 | 109 | 1,463 |
| 14 | BALANGIR | 158 | 158 | - | 158 | 1,13,720 | 33,375 | 1,05,031 | 108 | 3,183 |
| 15 | GANJAM | 410 | 409 | - | 409 | 1,69,461 | 53,899 | 1,56,713 | 108 | 3,235 |
| 16 | SUBARNAPUR | 75 | 75 | - | 75 | 77,213 | 12,688 | 71,578 | 108 | 998 |
| 17 | ANUGOLA | 97 | 97 | - | 97 | 52,072 | 18,950 | 49,060 | 106 | 1,535 |
| 18 | SAMBALPUR | 45 | 45 | - | 45 | 68,726 | 19,930 | 65,142 | 106 | 1,330 |
| 19 | NUAPADA | 26 | 26 | - | 26 | 53,979 | 23,655 | 51,339 | 105 | 1,155 |
| 20 | JHARSUGUDA | 44 | 44 | - | 44 | 24,160 | 9,876 | 23,219 | 104 | 447 |
| 21 | MALKANGIRI | 45 | 45 | - | 45 | 49,881 | 11,469 | 48,168 | 104 | 1,268 |
| 22 | DHENKANAL | 111 | 111 | - | 111 | 56,216 | 20,986 | 56,112 | 100 | 2,123 |
| 23 | KHORDHA | 144 | 144 | - | 144 | 52,436 | 19,321 | 52,956 | 99 | 1,584 |
| 24 | KATAKA | 242 | 241 | - | 241 | 72,716 | 32,693 | 73,790 | 99 | 3,037 |
| 25 | RAYAGADA | 14 | 14 | - | 14 | 21,169 | 6,542 | 21,486 | 99 | 646 |
| 26 | GAJAPATI | 45 | 45 | - | 45 | 15,124 | 4,513 | 15,616 | 97 | 288 |
| 27 | BALESHWAR | 148 | 148 | - | 148 | 1,16,549 | 54,469 | 1,25,576 | 93 | 2,791 |
| 28 | NABARANGPUR | 13 | 13 | - | 13 | 46,926 | 14,619 | 50,919 | 92 | 2,059 |
| 29 | JAJPUR | 166 | 161 | - | 161 | 54,777 | 21,793 | 59,960 | 91 | 1,417 |
| 30 | BHADRAK | 114 | 110 | - | 110 | 79,042 | 30,041 | 96,232 | 82 | 4,535 |
| Total | | 2,977 | 2,961 | 4 | 2,965 | 20,67,013 | 7,21,530 | 19,67,812 | 105 | 48,266 |

## ରାସ୍ତା ପାଲଟିଲା ଚାଷଜମି

# ରାସ୍ତାରେ ଧାନ ତଳି ରୋଇଲେ ଗ୍ରାମବାସୀ



ଆଠଗଡ଼,୪/୯(ଅକ୍ଷର ଓଡ଼ିଶା)ରାସ୍ତାର ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ, ରାସ୍ତା ଏବେ ଚାଷଜମିର ରୂପ ନେଇଛି। ନରସିଂହପୁର ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟଠାରୁ ବାଣେଶ୍ୱର ନାଶି ଯାଇଥିବା ରାସ୍ତାର ଜୟମଙ୍ଗଳ ଅଞ୍ଚଳରେ ବର୍ଷାଜଳ ଜମି ରହିବା ସହ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି।ରାସ୍ତାରେ ଯାତାୟାତ କରିବା ଗ୍ରାମବାସୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିବା ବେଳେ ଦୀର୍ଘଦିନ ଧରି ରାସ୍ତା ମରାମତି ହେଉନଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଅଭିନବ ଢଙ୍ଗରେ ଗ୍ରାମବାସୀ ରାସ୍ତା ଉପରେ ଧାନ ତଳି ରୋଇଛନ୍ତି।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ରାସ୍ତାର ଦୁରବସ୍ଥା ଯୋଗୁଁ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ତୁରନ୍ତ ମରାମତି କରି ଯାତାୟାତ ଯୋଗ୍ୟ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ୧୦ଲକ୍ଷ ଟଙ୍କାର ଚନ୍ଦନ କାଠ ଗଜପତିରୁ ଚାଲାଣ ବେଳେ ଜବତ, ୩ ଗିରଫ



ପାରଳାଖେମୁଣ୍ଡି, ୪/୯(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ପାଇଁ ସାରା ଜିଲ୍ଲାରେ ପୋଲିସର ପେଟ୍ରୋଲି ଓ ଚଢାଉ ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ଏହି ପରିପ୍ରେକ୍ଷୀରେ କାଶୀନଗର ଥାନା ଏସଆଇ ଆର୍.କେ. ଚୌଧୁରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗୁରୁବାର ସକାଳେ ଖାରଡ଼ା ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ଅଟୋରେ ଚୋରା ସାମଗ୍ରୀ ଚାଲାଣ ହେଉଥିବା ସୂଚନା ପାଇ ପୁଲିସ ନଜର ରଖୁଥିଲା ସନ୍ଦିଗ୍ଧ ଅଟୋଟି ଆସିବା ପରେ ପୁଲିସ ତାକୁ ଅଟକାଇବାକୁ ଉଦ୍ୟମ କରିଥିଲା। ପୁଲିସକୁ ଦେଖି ଅଟୋ ଚାଳକ ଦ୍ରୁତଗତିରେ ଖସିଯିବାକୁ ଚେଷ୍ଟା କରିଥିଲେ ମଧ ପୋଲିସ ଟିମ ଅଟୋକୁ କାବୁ କରିଥିଲେ। ଅଟୋ (ଓଡି-୦୫-ଏମ୍-୦୭୮୭) ଯାଞ୍ଚ ବେଳେ ୫ଟି ବ୍ୟାଗରୁ ଚନ୍ଦନ କାଠ ମିଳିଥିଲା। ଓଜନ କରାଯିବା ପରେ ମୋଟ ୧୦୫ କିଲୋ ଚନ୍ଦନ କାଠ ଥିବା ଜଣାପଡ଼ିଥିଲା। ଏଥିସହ ୩ଟି ମୋବାଇଲ୍, ୪ ହଜାର ଟଙ୍କା ନଗଦ ଏବଂ ଚନ୍ଦନ କାଠ ପରିବହନରେ ବ୍ୟବହୃତ ଅଟୋକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା କୁସୁମୀ ଗ୍ରାମର ସିରାଜ ଖାନ୍ ଓ ଆକ୍ରମ ଖାନ୍ ଏବଂ ଗଜପତି ଜିଲ୍ଲା ରାମଗିରି ଥାନା ସାନସଦା ଗ୍ରାମର ଦାମୋଦର ପ୍ରଧାନ. ଏନେଇ କାଶୀନଗର ଥାନାରେ ରୁଜୁ ହୋଇ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଜାରି ରହିଥିବା କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ଜଣାଇଛନ୍ତି।

# ଡି.ଆଇ.ଇ.ଟି. ଗଂଜାମ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୫ ପାଇଁ ଯୋଗ୍ୟ ବିବେଚିତ

ଖଲ୍ଲିକୋଟ ୦୪।୦୯ (ନିଜ୍ ପ୍ରତିନିଧି) ଅଭିନବ ଶିକ୍ଷାଦାନ, ନିଆରା ପ୍ରଶିକ୍ଷଣ, ନୂଆ ଜ୍ଞାନ କୌଶଳ, ଗବେଷଣା ପ୍ରକ୍ରିୟା ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ସ୍ୱତନ୍ତ୍ର କରି ଗଢିତୋଳିଛି।ଅଗ୍ରଣୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ରୂପେ ସମଗ୍ର ରାଜ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ଖଲ୍ଲିକୋଟ ବିଶେଷ ଅବଦାନ ପାଇଁ ସମ୍ପ୍ରତି ସମ୍ମାନଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଡି.ଆଇ.ଇ.ଟି. ସମ୍ମାନ-୨୦୨୫ ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଛି । ବର୍ଷ ସାରା ଶିକ୍ଷକ ଶିକ୍ଷୟିତ୍ରୀ, ଗୁରୁ ଛାତ୍ରଛାତ୍ରୀ, ସର୍ବୋପରି ଶିକ୍ଷା ବିଭାଗର ପଦାଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଉତ୍କୃଷ୍ଟ ପ୍ରଶିକ୍ଷଣ ଅଭିନବ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସ୍ୱତନ୍ତ୍ର ପାରଦର୍ଶିତା ହାସଲ କରିଆସିଅଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡାଙ୍କ ଅଦମ୍ୟ ପ୍ରୟାସ ଐକାନ୍ତିକ ନିଷ୍ଠା ପ୍ରଭୃତ ତତ୍ତ୍ୱାବଧାନରେ ପ୍ରତିଷ୍ଠାନ ପ୍ରଶିକ୍ଷଣ ଜ୍ଞାନ ଗରିମାରେ ଅଗ୍ରଣୀ ଭୂମିକା ତୁଲାଇବା ସହିତ ନିଆରା ମାନ ମର୍ଯ୍ୟାଦା ପ୍ରତିଷ୍ଠା ଲାଭ କରିଅଛି । ଡକ୍ଟର ପରିଡା ଗତ ୨୦୨୪ ମସିହା ଫେବୃଆରୀ ମାସ ୧୯ ତାରିଖରେ ପ୍ରତିଷ୍ଠାନରେ ଯୋଗଦାନ ପରେ ହିଁ ଶିକ୍ଷା ପ୍ରଶିକ୍ଷଣରେ ବୈପ୍ଳବିକ ପରିବର୍ତ୍ତନ କରିଛନ୍ତି । ଅଧ୍ୟକ୍ଷ ମହୋଦୟଙ୍କ ଉନ୍ନତ ଦୃଷ୍ଟିଭଙ୍ଗୀ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ ପ୍ରତିଷ୍ଠାନକୁ ଶୀର୍ଷାସନରେ ପହଞ୍ଚାଇବାରେ ସଫଳ ହୋଇପାରିଛି । ତାହାଙ୍କ ସ୍ୱକୀୟ ପ୍ରଚେଷ୍ଟାରେ କଳା ସମନ୍ୱିତ ଶିକ୍ଷା, ଜିଲ୍ଲା ସ୍ତରରେ ତେଲୁଗୁ ପାଠ୍ୟ ପୁସ୍ତକ ପ୍ରସ୍ତୁତି, ଏ ଆଇ ପି ମାଧ୍ୟମରେ ଏଫ୍ ଏଲ୍ ଏନ୍ ସଫଳ, ଖେଳ ମାଧ୍ୟମରେ ପ୍ରାକ ଶିକ୍ଷା, ପାଠକ୍ରମ ଆୟୋଜନ, ନିପୁଣ ଭାରତର ରୂପାୟନ, ବିଜ୍ଞାନ ଆଧାରିତ ଶିକ୍ଷା, ଅଭିନବ ଶିକ୍ଷାଦାନ ଶୈଳୀ, ଏଲ୍ ଏଲ୍ ଏଫ ପରିଚାଳନା, ନୂତନ ଭାବେ 'ପରଖ'ର ପରିକଳ୍ପନା, ଗବେଷଣା କାର୍ଯ୍ୟ ଜାରି ରଖିବା ଆଦି ବହୁ ଶୈକ୍ଷିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ଶିକ୍ଷା ପ୍ରଶିକ୍ଷଣ ଦିଗରେ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିଛନ୍ତି । ଏତଦବ୍ୟତୀତ ବିଭିନ୍ନ ସମୟରେ ତାଲିମ ଶିବିର ଆୟୋଜନ କରି ସୁଦକ୍ଷ ବରିଷ୍ଠ ପ୍ରଶିକ୍ଷକ ପ୍ରଶିକ୍ଷିକାମାନଙ୍କ ଦ୍ୱାରା ବହୁବିଧ ପ୍ରସଙ୍ଗ ଉପରେ ତାଲିମ ପ୍ରଦାନରେ ଗୁରୁ ଦାୟିତ୍ୱ ତୁଲାଇ ଶିକ୍ଷା ଦିଗରେ ବହୁ ସମ୍ମାନ ଗୌରବର ଅଧିକାରୀ ହୋଇପାରିଛି । ଅଧ୍ୟକ୍ଷ ଡକ୍ଟର ପରିଡା ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ ସମ୍ବର୍ଦ୍ଧିତ ହୋଇଛନ୍ତି । ଏପ୍ରକାର ସର୍ବୋଚ୍ଚ ସମ୍ମାନ ପ୍ରାପ୍ତି ପଛରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀମାନଙ୍କ କାର୍ଯ୍ୟବିଧି, କାର୍ଯ୍ୟଶୈଳୀ ଉଦ୍ୟମ ଉଜ୍ଜୀବିତ ରହିଆସିଛି ବୋଲି ଅଧ୍ୟକ୍ଷ ଡକ୍ଟର ପରିଡା ମତବ୍ୟକ୍ତ କରିଛନ୍ତି । ଏପ୍ରକାର ସମ୍ମାନ ପାଇଁ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟିଛି ।



# ଗଜପତି ଜିଲ୍ଲାସ୍ତରୀୟ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୪.୯(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲାସ୍ତରୀୟ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ବିଧାୟକ ମୋହନ ଦାଶରଥୀ ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଜିଲ୍ଲା କୃଷି ଅଧିକାରୀ ଏମ୍. ପ୍ରକାଶ ରାଓ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଦୁଷ୍ମନ୍ତ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ଶିବଚରଣ ସେଠୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ ଓ ବରିଷ୍ଠ ବୈଜ୍ଞାନିକ କେଭିକେ ଆର. ଉଦୟଗିରି ଡ଼.ସଂଗ୍ରାମ ପରମଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ । ଜିଲ୍ଲାର କୃଷକଙ୍କ ଆୟ ବୃଦ୍ଧି ଓ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷକ ସାହାଯ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା କେନ୍ଦ୍ର ସରକାରଙ୍କ ପିଏମ-କିଷାନ ଯୋଜନା ସହିତ ସମନ୍ୱୟରେ କାର୍ଯ୍ୟ କରୁଛି ।ଗଜପତି ଜିଲ୍ଲାରେ-୨୦୨୬ ରବି ସିଏମ କିଷାନ୍ ଯୋଜନାରୁ ୪୭,୨୪୩ ଜଣ କୃଷକଙ୍କୁ ସମୁଦାୟ ୯ କୋଟି ୫୩ ଲକ୍ଷ ୫୧ ହଜାର ୫ ଶହ ଟଙ୍କା ସହାୟତା ରାଶି ଜିଲ୍ଲାର ଚାଷୀଙ୍କୁ ପ୍ରଦାନ କରାଯାଇଛି ।

# ରାଜ୍ୟରେ ସାରର ଅଭାବ ନାହିଁ: ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ

ଯାଜପୁର୦୪/୦୯ (ଅକ୍ଷର ଓଡ଼ିଶା): ରାଜ୍ୟରେ ସାରର ଅଭାବ ଓ ବିକ୍ରି ନେଇ ଉଠୁଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଚାଷୀମାନେ ସାର ପାଇଁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।ମନ୍ତ୍ରୀଙ୍କ ସୂଚନା ଅନୁସାରେ, ରାଜ୍ୟରେ ଡିଲରମାନଙ୍କୁ ୨ ଲକ୍ଷ ୯୫ ହଜାର ୯୪୬ ଟନ୍ ସାର ଯୋଗାଣ ହୋଇସାରିଛି। ଏଥିସହ ଅତିରିକ୍ତ ଭାବେ ଡିଲରମାନଙ୍କୁ ସାର ଯୋଗାଣ କରାଯାଇଛି। ବର୍ତ୍ତମାନ ମଧ ରାଜ୍ୟରେ ପ୍ରାୟ ୩୦ ହଜାର ୮ ଟନ୍ ସାର ମହଜୁଦ ରହିଥିବା ସେ କହିଛନ୍ତି।କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ୨ ଲକ୍ଷ ୮୮ ହଜାର ଟନ୍ ସାର ଆଣିସାରିଛି। ଆଗକୁ ଆହୁରି ୩ ଲକ୍ଷ ଟନ୍‌ରୁ ଅଧିକ ସାର ରାଜ୍ୟକୁ ଆସିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।ତେଣୁ ରାଜ୍ୟରେ ସାରର କୌଣସି ଅଭାବ ହେବ ନାହିଁ କିମ୍ବା ଚାଷୀମାନଙ୍କୁ ସାର ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଆଶ୍ୱାସନ ଦେଇଛନ୍ତି।

# କୋମନା ସବ୍‌ରେଜିଷ୍ଟ୍ରାର ଅଫିସରେ ହେଉନି ରେଜିଷ୍ଟ୍ରେସନ ଅଫିସ୍ ଘେରିଲେ ଜମି ବିକ୍ରେତା-କ୍ରେତା, ଓକିଲ

ନୂଆପଡା -୦୪/୦୯( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା କୋମନା ସବରେଜିଷ୍ଟ୍ରାର ଅଫିସରେ ରେଜିଷ୍ଟ୍ରେସନ ହେଉନଥିବାରୁ କ୍ରେତା ଓ ବିକ୍ରେତାମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କୋମନା ଅଞ୍ଚଳର ଜମିକ୍ରେତା, ବିକ୍ରେତା ଏବଂ ଓକିଲ ମାନେ ଅଫିସ୍ ଘେରାଇ କରି ବିରୋଧ କରିଛନ୍ତି । ଗତ ଅଗଷ୍ଟ ୧୧ରେ କୋମନା ତହସିଲ ଚାନ୍ଦୋପଲା ଗାଁର ସତ୍ୟନାରାୟଣ ପ୍ରଧାନୀ ଓ ଭଉଣୀ କୁମୁଦିନୀ ପ୍ରଧାନୀଙ୍କ ଜମି ଜାଲିଆତି ଘଟଣାରେ ତତ୍କାଳୀନ କୋମନା ରେଜିଷ୍ଟ୍ରାର ତଥା ତହସିଲଦାର ସର୍ବେଶ୍ୱର ଜାଲ ଓ ଏଆସସିଷ୍ଟାଣ୍ଟ ରେଜିଷ୍ଟାର ରାମନାଥ ମିଶ୍ରଙ୍କୁ ଜିଲ୍ଲାପାଳ କାର୍ଯ୍ୟରୁ ନିଲମ୍ବନ କରିଥିଲେ । ପରେ କୋମନା ଅତିରିକ୍ତ ତହସିଲଦାର ସେନିଆଶ୍ରୀ ମଲ୍ଲିକଙ୍କୁ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱ ଦିଆଯାଇଛି। ଏବେ କୋମନା ସବ୍ ରେଜିଷ୍ଟ୍ରାର ଅଫିସରେ ଜମି ପଞ୍ଜୀକରଣକୁ ନେଇ କୋକୁଆ ଭୟ ଲାଗିରହିଛି । ଫଳରେ ଜମି ପଞ୍ଜୀକରଣ ଏକ ପ୍ରକାର ଠପ ହୋଇଛି । ରାଜ୍ୟ ସରକାର ସେମନା ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ସପ୍ତାହକୁ ଦୁଇଦିନପାଇଁ ନୂଆପଡ଼ା୪୨ଟି ଜମି ରେଜିଷ୍ଟ୍ରେସନ କରିବାକୁ ଅନୁମତି ଦେଇଛନ୍ତି । ଆଜି କୋମନା ଅଫିସରେ ୯୦ଟି ଜମି ରେଜିଷ୍ଟ୍ରେସନ ପାଇଁ କ୍ରେତା ଓ ବିଜେତା ଆଗୁଆ ସ୍ଲଟ ବୁକିଂ କରିଥିଲେ ।କିନ୍ତୁ ଆଜି ଦିନ ତମାମ ବିଭାଗୀୟ ଅଧିକାରୀଙ୍କ ଅବହେଳା ରୁ ୩ଟି ଜମି ପଞ୍ଜୀକରଣ ହୋଇଥିବା ଅଭିଯୋଗ କରିଛନ୍ତି । ଜମି ପଞ୍ଜୀକରଣ ପାଇଁ ହାରାଧର ମାଝି, ଇମୋଦର ତାଣ୍ଡି, ସରତୀ ସୁନାନୀ, ସଂଗୀତା ଦୀପ ପ୍ରମୁଖ ଆସିଥିଲେ । ଏମାନେ ସମସ୍ତେ ନିୟମାନୁସାରେ ବିକ୍ରୟ ପାଇଁ ଆବଶ୍ୟକ ସମସ୍ତ କାଗଜାତ ଦାଖଲ କରିଥିଲେ । ସ୍ୱଟ ବୁକିଂ ବି ହୋଇଥିଲା କିନ୍ତୁବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପଞ୍ଜିକରଣ ହୋଇନଥିଲା । ଅପରାହ୍ନରେ ଜମି ତ୍ରେତା ଓ ବିଜେତାମାନେ ଅସନ୍ତୋଷ ପ୍ରକାଶ କରି ସବ୍‌ରେଜିଷ୍ଟ୍ରର ଅଫିସ ଘେରାଉ କରିଥିଲେ । ଏହାକୁ କୋମନା ଓଲିକ ସଂଘ ସମର୍ଥନ କରିଥିଲେ । ଯଦି ଜମି ପଞ୍ଜୀକରଣ ହେବନାହିଁ, ତେବେ ଲୋକଙ୍କ ସ୍ୱଟବୁକ୍ତି କାହିଁକି ହେଉଛି ବୋଲି ଓକିଲମାନେ ପ୍ରଶ୍ନ କରିଥିଲେ ।



# ସୁବର୍ଣ୍ଣପୁରବାସୀଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୨ ଡାକ୍ତର ଭେଟି

ସୁବର୍ଣ୍ଣପୁର:୪।୯(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର ଜିଲ୍ଲାର ବିଭିନ୍ନ ୨୨ ଜଣ ନୂତନ ଡାକ୍ତର ଯୋଗଦାନ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ।ସୁବର୍ଣ୍ଣପୁର ଜିଲ୍ଲାରେ ଡାକ୍ତରଙ୍କ ଅଭାବ ଦୂର କରିବା ଏବଂ ଦୂରଦୂରାନ୍ତର ଲୋକଙ୍କୁ ଉତ୍ତମ ଚିକିତ୍ସାସେବା ଯୋଗାଇଦେବା ଅନେକ ଦିନରୁ ଦାବୀ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ହୋଇଆସୁଛି । ଏହାର ଗୁରୁତ୍ୱ ହୃଦୟଗମ କରି ରାଜ୍ୟ ସରକାର ଡାକ୍ତର ନିଯୁକ୍ତିର ଏହି ପଦକ୍ଷେପ ନିଆଯାଇଥିବାରୁ ଜିଲ୍ଲାବାସୀ ମନ୍ତ୍ରୀ ମହୋଦୟଙ୍କୁ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ଆନ୍ତରିକ ଧନ୍ୟବାଦ ଜଣାଉଛନ୍ତି ।ସ୍ୱାସ୍ଥ୍ୟସେବା ଲୋକଙ୍କ ମୌଳିକ ଅଧିକାର ଓ ଆବଶ୍ୟକତା। ଡାକ୍ତରଙ୍କ ଉପଲବ୍ଧତା ବଢ଼ିଲେ ଜିଲ୍ଲାର ଗରିବ, ଅସହାୟ ଓ ଦୂରଦୂରାନ୍ତର ଲୋକମାନେ ନିଜ ଅଞ୍ଚଳରେ ହିଁ ଉତ୍ତମ ଚିକିତ୍ସାସେବା ପାଇପାରିବେ ।ରାଜ୍ୟ ରେ ପ୍ରତ୍ୟେକ ଲୋକଙ୍କ ପାଖରେ ଗୁଣାତ୍ମକ ଓ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସରକାରଙ୍କ ପ୍ରାଥମିକତା। ଏ ଦିଗରେ ଆଗାମୀ ଦିନରେ ମଧ୍ୟ ନିରନ୍ତର ପ୍ରୟାସ ଜାରି ରହିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ବିପଦ ସଂକୁଳ ଅବସ୍ଥାରେ ବାଘ ଡଙ୍ଗୁରି ଅଙ୍ଗନବାଡି କେନ୍ଦ୍ର ଛାତରୁ ଗଳୁଛି ପାଣି, ଖସୁଛି ସିଲିଂ ଖଣ୍ଡ



ଫିରିଙ୍ଗିଆ, ୪/୯ (ଅକ୍ଷର ଓଡ଼ିଆ) କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ ବାଲନ୍ଦା ପଡା ପଞ୍ଚାୟତ ର ବାଘ ଡଙ୍ଗୁରି ଅଙ୍ଗନବାଡି କେନ୍ଦ୍ର ବର୍ତମାନ ଅବ୍ୟବସ୍ଥା ଏବଂ ବିପଦ ସଂକୁଳ ଅବସ୍ଥାରେ ଚାଲିଛି । ଅଙ୍ଗନବାଡି କେନ୍ଦ୍ର ତଳ ଚଟାଣ ରେ ଟାଇଲ ପଡି ଚକ ଚକ ଦେଖାଯାଉଥିବା ବେଳେ ବାହାର ଭିତର କାନ୍ଥ ଏବଂ ଛାତ ର ଅବସ୍ଥା ଅତି ଦୟନୀୟ ହୋଇ ପଡିଛି ।ଅଳ୍ପ ବର୍ଷାରେ ଅଙ୍ଗନବାଡି କେନ୍ଦ୍ର ର କବାଟ ଝରକା ଦେଇ ପାଣି ଘର ଭିତରେ ପଶୁଥିବା ବେଳେ ଘରର ଛାତ ରୁ ମଧ ପାଣି ଗଳୁଛି କ୍ଷ ବର୍ତମାନ ଅଙ୍ଗନବାଡି କେନ୍ଦ୍ର ର ଛାତ ରୁ କଂକ୍ରିଟ ଖଣ୍ଡ ପଡୁଥିବା ବେଳେ ଛାତ ର ଛଡ ଦେଖା ଗଲାଣି ଯାହାଦ୍ୱାରା କେତେବେଳେ ଯେ କୋମଳ ମତି ଶିଶୁଙ୍କ ସହ ଅନ୍ୟ କାହାର ଜୀବନ ଚାଲିଯିବି ତାହା କହି ହେବ ନାହିଁ । ଘର ଭିତରେ ଥିବା ଶିକ୍ଷଣୀୟ ଅନୁସଙ୍ଗିକ ଜିନିଷ ସହ ଚାଉଳ ଏମିତି କି ସମସ୍ତ କାଗଜ ପତ୍ର ମଧ ବର୍ଷା ହେଲେ ନଷ୍ଟ ହେଉଛି କ୍ଷ ବର୍ତମାନ ଅଙ୍ଗନବାଡି ଶିଶୁଙ୍କ ଶିକ୍ଷା ବ୍ୟବସ୍ଥା ଏବଂ ଭବିଷ୍ୟତ ଅବ୍ୟବସ୍ଥା ଦେଇ ଗତି କରୁଛି । ଅଙ୍ଗନବାଡି କେନ୍ଦ୍ରରେ ବର୍ତମାନ ୨୯ ଜଣ କୋମଳ ମତି ଶିଶୁ ପଢୁଥିବା ବେଳେ ୩ ଜଣ ଗର୍ଭବତୀ ୪ ଜଣ ପ୍ରସୂତି, ଓ ୨ ଜଣ କିଶୋରୀ ବାଳିକା ମଧ ସେବା ପାଉଛନ୍ତି । ବାସନ୍ତୀ ମାଝୀ ଅଙ୍ଗନବାଡି କର୍ମୀ ଥିବା ବେଳେ ସହାୟିକା ଭାବରେ ତାରା ବେହେରା କାମ କରୁଛନ୍ତି କ୍ଷ ବର୍ତମାନ ପରିସ୍ଥିତି ରୁ ଛାତ୍ର ଛାତ୍ରୀ ମାନଙ୍କୁ ନେଇଁ ପରିସ୍ଥିତି ଦୃଷ୍ଟିରୁ ବିପଦ ସଂକୁଳ ବିଦ୍ୟାଳୟ ଭିତରେ ପାଠ ପଢ଼ାଇବା ସମସ୍ୟା ପାଲଟିଛି । ତେବେ ସୂଚନା ଅନୁସାରେ ଅଙ୍ଗନବାଡି କେନ୍ଦ୍ରକୁ ଗତ ବର୍ଷ ୧ ଲକ୍ଷ ଟଙ୍କାରେ ଛାତ ର ଗ୍ରିଡିଙ୍ଗ କରିଥିଲେ ମଧ ଗ୍ରିଡିଙ୍ଗ ଠିକ ଭାବରେ ହୋଇ ନଥିବାରୁ ତାହା ପାଣି ଗଳୁଛି କ୍ଷ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି ଅଙ୍ଗନବାଡି କର୍ମୀ । ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ନେଇଁ ଅଭିଯୋଗ କରିଥିବା ବେଳେ ବହୁ ପୁରୁଣା ଘର ହୋଇଥିବାରୁ ନୂତନ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଦାବି କରିଛନ୍ତି ବାଘ ଡଙ୍ଗୁରୀ ଗ୍ରାମବାସୀ ।

# ଆଠଗଡ଼ ବନଖଣ୍ଡ ପକ୍ଷରୁ ବଜ୍ରକାପ୍ତା ଉଦ୍ଧାର

ଆଠଗଡ଼,୪/୯(ଅକ୍ଷର ଓଡ଼ିଶା)ତିଗିରିଆ ସେକ୍ସନ ଅନ୍ତର୍ଗତ ପାଇକିଆରା ଗ୍ରାମରୁ ଆଠଗଡ଼ ବନଖଣ୍ଡର କର୍ମଚାରୀମାନେ ଏକ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଉକ୍ତ ବଜ୍ରକାପ୍ତାକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା ।ବଜ୍ରକାପ୍ତା ସୁସ୍ଥ ଥିବା ଜଣାପଡ଼ିବା ପରେ ଏହାକୁ ନିକଟସ୍ଥ ଉପଯୁକ୍ତ ଜଙ୍ଗଲ ଆବାସସ୍ଥଳୀରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା।

# ସାପ କାମୁଡ଼ାରେ ଦୁଇ ମହିଳା ଗୁରୁତର

ନନ୍ଦପୁର ୦୪/୦୯ (ଶ୍ରୀରାମ ଖରା)ନନ୍ଦପୁର ବ୍ଲକ ଥିବା ପଞ୍ଚାୟତର କୁମାପୁଟ ଗ୍ରାମରେ ସାପ କାମୁଡ଼ାରେ ଦୁଇ ମହିଳା ଗୁରୁତର ହୋଇଛନ୍ତି। ଗୁରୁବାର ଗ୍ରାମର ଲକ୍ଷ୍ମୀ ପୂଜାରୀ ଓ ରୁକ୍ମଣୀ ପୂଜାରୀ ଚାଷଜମିରେ ଘାସ ବାଛୁଥିବା ବେଳେ ଏକ ବିଷାକ୍ତ ସାପ ଉଭୟଙ୍କୁ କାମୁଡ଼ିଥିଲା। ସାପ କାମୁଡ଼ିବା ପରେ ପରିବାର ଲୋକେ ତୁରନ୍ତ ଉଭୟଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ। ବର୍ତ୍ତମାନ ଉଭୟଙ୍କ ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

# ମନ୍ଦିର ଓ ମଠରେ ଜନ୍ମାଷ୍ଟମୀ ପର୍ବ ଧୁମ୍ ଧାମରେ ପାଳନ



କଣ୍ଟିଲୋ ୪।୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ସମସ୍ତ ମଠ ଓ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିର ସମେତ ଗୋକୁଳାନନ୍ଦ ପୀଠ ,ଖଣ୍ଡପଡ଼ା ସହରର କାଦୁଆସାହିସ୍ଥିତ ଶ୍ରୀ ଗୁରୁଦେବଙ୍କ ପୀଠ, ଶ୍ରୀରଘୁନାଥଜୀଉ , ଶ୍ରୀଜଗନ୍ନାଥ, ଶ୍ରୀ ଗୋପୀନାଥଜୀଉଙ୍କ ମନ୍ଦିର ଓ ପ୍ରଭୁ ମହିମାମେରୁଙ୍କ ମଠରେ ଜନ୍ମାଷ୍ଟମୀ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି ।ବିଭିନ୍ନ ମଠ ଓ ମନ୍ଦିରରେ ବିଗ୍ରହମାନଙ୍କ ଦର୍ଶନ ଓ ଭୋଗ ଲାଗି ନିମନ୍ତେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।ଖଣ୍ଡପଡ଼ା ସହରର ଗଉଡସାହିରେ ଗୋପାଳ ସମାଜ ପକ୍ଷରୁ ଏ ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାପାଠ ସହ ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା ।ଖଳିସାହିସ୍ଥିତ ଇସ୍କନ ମଠ, ଶ୍ରୀଗୋପାଳଜୀଉ ମନ୍ଦିର,ମର୍ଦ୍ଦରାଜପୁର ମୁଣ୍ଡେଆ ହନୁମାନଙ୍କ ପୀଠ ଓ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଶ୍ରୀଗୋକୁଳାନନ୍ଦଜୀଉ ଓ ଶ୍ରୀ ଜଗନ୍ନାଥଙ୍କ ପୀଠରେ ଜନ୍ମାଷ୍ଟମୀ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥିବା ଜଣାପଡିଛି।

# ଜେକେପୁର ସ୍ଥିତ ସର୍ବ ପୁରାତନ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ରାୟଗଡା ୦୪/୦୯ (କୈଳାସ ସ୍ୱାଇଁ): ରାୟଗଡା ଜିଲ୍ଲା ସଦର ଜେକେପୁର ଠାରେ ଥିବା ସର୍ବ ପୁରାତନ ରାଧାକୃଷ୍ଣ ମନ୍ଦିରରେ ମହା ଆଡମ୍ବର ସହକାରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏହି ଉତ୍ସବ ମହା ସମାରୋହରେ ପାଳିତ ହୋଇଛି । ଦିବସରେ ପ୍ରଥମେ ସୂର୍ଯ୍ୟ ନାରାୟଣ ପୂଜା, ଅଗ୍ରପୂଜ୍ୟ ଗଜାନନ ପୂଜା, ନବଗ୍ରହ ପୂଜା, ପାର୍ଶ୍ୱ ଦେବାଦେବୀ ପୂଜା ପରେ ରାଧାକୃଷ୍ଣ ବିଗ୍ରହଙ୍କୁ ସୁବାସିତ ଗଙ୍ଗାଜଳରେ ସ୍ନାନ କରାଇ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଧୂପ, ଦୀପ, ନୈବେଦ୍ୟ ଯୁଗଳ ମୂର୍ତ୍ତିଙ୍କୁ ଅର୍ପଣ କରାଯାଇ ମଧ୍ୟାହ୍ନ ଭୋଗ ପରେ ପହଡ ପକାଯାଇଥିଲା । ସନ୍ଧ୍ୟା ଆଳତି ପରେ ସର୍ବସାଧାରଣ ଭକ୍ତଙ୍କ ଦର୍ଶନ ନିମନ୍ତେ ଅନ୍ୟାନ୍ୟ ନୀତି ଆରମ୍ଭ କରାଯାଇଥିଲା ।ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଦୁଇ ଦିନ ଧରି ପାଳନ କରାଯାଉଥିବା ବେଳେ ମଧରାତ୍ରରେ ପ୍ରଭୁଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିଲା । ଏହି ସମୟରେ ଭକ୍ତଙ୍କ ଦ୍ୱାରା କୃଷ୍ଣ ନାମ ସଂକୀର୍ତ୍ତନ ଓ ହରେକୃଷ୍ଣ ମହାମନ୍ତ୍ର ଜପ କରାଯାଇଥିଲା । ଜିଲ୍ଲାର ଅନେକ ସ୍ଥାନରେ ଗୋପାଳକୃଷ୍ଣଙ୍କ ବାଲ୍ୟଲୀଳାକୁ ସ୍ମରଣ କରି ଦହି ହାଣ୍ଡି ଭଙ୍ଗା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ସଭାପତି ଦୀପକ କୁମାର ସାମଲ, ସମ୍ପାଦକ ଅଶୋକ କୁମାର ସାହାଣୀ, ରାମଚନ୍ଦ୍ର ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁ, ସି.ଆ. ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଉତ୍ସବ ପାଳନ କରିଥିଲେ । ଆଇନ ଶୃଙ୍ଖଳା ଦୃଷ୍ଟିରୁ ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା ।



# ଜିଲ୍ଲାର ୧୮,୮୨,୫୨ ଚାଷୀଙ୍କ ଆକାଉଣ୍ଟକୁ ଗଲା ସିଏମ କିଶାନର ୫ମ କିସ୍ତି

ପୁରୀ, ୪।୯(ଅକ୍ଷର ଓଡ଼ିଶା):ପବିତ୍ର ଜନ୍ମାଷ୍ଟମୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ କକ୍ଷରୁ ଓଡ଼ିଶାର ଚାଷୀମାନଙ୍କୁ ସିଏମ କିଶାନର ୫ମ କିସ୍ତି ଅର୍ଥ ଅନଲାଇନ ମାଧ୍ୟମରେ ପ୍ରଦାନ କରିଛନ୍ତି ।ପୁରୀ ଜିଲ୍ଲାର ୧୮,୮,୨୫୨ ଜଣ ଚାଷୀଙ୍କୁ ଡିବିଟି ମାଧ୍ୟମରେ ୩୭ କୋଟି ୭୫ ଲକ୍ଷ ୨୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ସିଏମ କିଶାନର ୫ମ କିସ୍ତି ଅର୍ଥ ପ୍ରଦାନ ଲାଗି ଆଜି ସଦଭାବନାସଭାଗୃହ ଠାରେ ଆୟୋଜିତ ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଉପସ୍ଥିତ କୃଷକ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମନ୍ତ୍ରୀ ମଲ୍ଲିକ କହିଥିଲେ ଯେ କୃଷି ଆମ ଦେଶର ଅର୍ଥନୀତିର ମୁଖ୍ୟ ମାଧ୍ୟମ ।କୃଷକମାନଙ୍କ ତ୍ୟାଗ, କଠୋର ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆମେ ଖାଦ୍ୟ ପାଇ ପାରୁଛେ ।ସେମାନଙ୍କ ଉନ୍ନତି ଓ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ।ପିଏମ କିଶାନ ଓ ସିଏମ କିଶାନ ସହାୟତା କୃଷକଙ୍କ ଖାତାକୁ ସିଧାସଳଖ ଯାଉଛି ।ଯାହାକି ସେମାନଙ୍କ କୃଷିର ବିକାଶରେ ସହାୟକ ହେଉଛି ।ଆଜି କୃଷକ ମାନଙ୍କୁ ପ୍ରଦାନ କରାଯାଇଥିବା ଏହି ସହାୟତା ଅର୍ଥ ସେମାନଙ୍କ ରବି ଫସଲ ଉତ୍ପାଦନକୁ ଅଧିକ ସମୃଦ୍ଧ କରିବ ବୋଲି ମନ୍ତ୍ରୀ କହିଥିଲେ ।ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କୃଷି ଓ କୃଷକଙ୍କୁ ସମସ୍ତ ସହଯୋଗ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି ବୋଲି ଉଲ୍ଲେଖ କରି ସେମାନଙ୍କ ସହ ସବୁ ପରିସ୍ଥିତିରେ ସରକାର ଦୃଢ ଭାବେ ଠିଆ ହୋଇଥିବା କହିଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ।୧୮୭୭୭୨ କ୍ଷୁଦ୍ର, ମଧ୍ୟମ ଓ ନାମ ମାତ୍ର ଚାଷୀ ଓ ୪୭୦ ଜଣ ଭୂମିହୀନ ଚାଷୀଙ୍କୁ ଏହି ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା ।




# ୧ ଲକ୍ଷ ୩ ହଜାର ଚାଷୀଙ୍କୁ ସିଏମ୍ କିଷାନ୍ ଟଙ୍କା ବଣ୍ଟନ

ନୟାଗଡ଼ ୦୪/୦୯ (ବିଶ୍ୱଜିତ ):- ନୟାଗଡ଼ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଆଜି ନୟାଗଡ଼ ବ୍ଲକ ସଭାଗୃହରେ ସିଏମ୍ କିଷାନ୍ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଅନୀଲ କୁମାର ସ୍ୱାଇଁ, ରଣପୁର ବିଧାୟକଙ୍କ ପ୍ରତିନିଧି ଅଭିଷେକ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସ୍ୱାଗତ ଭାଷଣ ସମୟରେ ଚାଷୀମାନେ ବିରୋଧ କରିବା ସହ ହୋହାଲ୍ଲା କରିଥିଲେ । ପ୍ରଶ୍ନ ବାଣରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଘାଇଲା କରିଥିଲେ । ଚାଷୀମାନେ ସାରା କଳାବଜାରୀ, କୃଷି ଅଧିକାରୀମାନେ ଚାଷୀ ପାଖରେ ପହଞ୍ଚୁନଥିବା କାରଣ ନେଇ ପ୍ରଶ୍ନ କରିଥିଲେ । ଜିଲ୍ଲାରେ ୧୦ ଲକ୍ଷ ଲୋକ ବସାବାସ କରୁଥିବା ବେଳେ କାହିଁକି ୧ ଲକ୍ଷ ୩ ହଜାର ଚାଷୀ ସିଏମ୍ କିଷାନ ପାଇବେ, ଅନ୍ୟମାନେ କାହିଁକି ବଞ୍ଚିତ ବୋଲି ପ୍ରଶ୍ନ କରିଥିଲେ । ରଣପୁର ବିଧାୟକଙ୍କ ପ୍ରତିନିଧି ସାମନ୍ତରାୟ ଚାଷୀଙ୍କୁ ବୁଝାଶୁଝା କରିବା ସହ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ, କୃଷକଙ୍କ ସମସ୍ୟା ଏବଂ ଏହାକୁ ସମାଧାନ କରିବା ପାଇଁ କୃଷି ବିଭାଗକୁ ପରାମର୍ଶ ଦେଇଥିଲେ । କୃଷି ବିଭାଗ କାର୍ଯ୍ୟାଳୟକୁ ଆସୁଥିବା ଚାଷୀଙ୍କୁ ଚୌକି ଏବଂ ପାଣି ଗ୍ଲାସଟିଏ ଦେଲେ, ସେମାନଙ୍କୁ ପ୍ରକୃତ ସମ୍ମାନ ମିଳନ୍ତା ବୋଲି କହିଥିଲେ । ଖଣ୍ଡପଡ଼ା ବିଧାୟକ ବକ୍ତବ୍ୟ ଦେବା ସମୟରେ ଜୋରଦାର ବିରୋଧ ହୋଇଥିଲା ।ନୟାଗଡ଼ ଜିଲ୍ଲାପାଳ ଶ୍ରୀମତି ରଥ କୃଷକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଭାଗର ଅନେକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ଚାଉଳଧୁଆ ଜଳପ୍ରପାତ ବୁଲି ଦେଖିଲେ ବିଧାୟକ ଜୟ ଢୋଲକିଆ

ନୂଆପଡ଼ା -୦୪/୦୯ ( ଅକ୍ଷର ଓଡିଶା )ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଓ ସବୁଜିମାର ଅନନ୍ୟ ଠିକଣା ସୁନାବେଡ଼ା ଅଭୟାରଣ୍ୟ ସ୍ଥିତ ପ୍ରସିଦ୍ଧ ଚାଉଳଧୁଆ ଜଳପ୍ରପାତ ପରିଦର୍ଶନ କରିଛନ୍ତି ନୂଆପଡ଼ା ବିଧାୟକ ଜୟ ଢୋଲକିଆ। ପ୍ରକୃତିର ଅପୂର୍ବ ଶୋଭାକୁ ଅତି ନିକଟରୁ ଉପଭୋଗ କରିବା ସହ ଅଞ୍ଚଳର ପର୍ଯ୍ୟଟନ ବିକାଶ ଲାଗି ସେ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।ଏହି ଗସ୍ତ ସମୟରେ ବିଧାୟକଙ୍କ ସହିତ ୱାଇଲ୍ଡଲାଇଫ୍ ଡିଏଫଓ ସମୀର ସାହୁ ଉପସ୍ଥିତ ରହି ଜଳପ୍ରପାତ ଏବଂ ଏହାର ଆଖପାଖ ପରିବେଶ ଅନୁଧ୍ୟାନ କରିଥିଲେ। ସ୍ଥାନଟିର ପ୍ରାକୃତିକ ସୁରକ୍ଷା ସହିତ ପର୍ଯ୍ୟଟନର ବ୍ୟାପକ ସମ୍ଭାବନା ଉପରେ ଉଭୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା ।ପ୍ରକୃତିର ଅମୂଲ୍ୟ ଉପହାର 'ଚାଉଳଧୁଆ'। ଘଞ୍ଚ ପାହାଡ଼, କୁଳୁକୁଳୁ ଝରଣା ଏବଂ ସବୁଜ ବନାନୀରେ ଆବୃତ ଚାଉଳଧୁଆ ଆମ ଅଞ୍ଚଳ ପାଇଁ ପ୍ରକୃତିର ଏକ ଅନନ୍ୟ ଉପହାର। ଏହି ମନୋରମ ପରିବେଶ ଆମ ନିଜ ମାଟିର ପ୍ରାକୃତିକ ଐଶ୍ୱର୍ଯ୍ୟ ପାଇଁ ଗର୍ବ ଅନୁଭବ କରାଏ ବୋଲି ବିଧାୟକ କହିଛନ୍ତି ।ନୂଆପଡ଼ାର ଏହି ଅପୂର୍ବ ପ୍ରାକୃତିକ ସମ୍ପଦକୁ ରାଜ୍ୟ ତଥା ଜାତୀୟସ୍ତରର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଢୋଲକିଆ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଗସ୍ତ ଅବସର ରେ ଅନ୍ୟମାନଙ୍କ ମଧ ରେ ଖରିଆର ରୋଡ ଏନଏସି ଉପାଧ୍ୟକ୍ଷ ନିଶାନ୍ତ ଡ଼ାଗା, ସରପଞ୍ଚ କାଳିଆ ପ୍ରଧାନ, ଧନୀ ରାମ ସାହୁ,ଶ୍ୟାମ, ରାକେଶ ଜୈନ,କେଶରୱାନୀ, ସୁନିଲ ତିୱାରୀ, ମନମିତ ସିଂ, ତ୍ରିଲୋଚନ କଟା ପ୍ରମୁଖ ସହ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବବରଣ ତଥା ସ୍ୱାଗତଂ ଉତ୍ସବ

ନୂଆପଡା -୦୪/୦୯( ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ନବ ବରଣ ଉତ୍ସବ ତଥା ସ୍ୱାଗତଂ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି ।ଅଧ୍ୟକ୍ଷ ଗୟାଧର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ କୁ ଦ୍ୱିତୀୟ ବର୍ଷ ବିଜ୍ଞାନ ର ଛାତ୍ର ନୀତେଶ ତାଣ୍ଡି ଓ ରାହୁଲ ବାଗ ପରିଚାଳନା କରିଥିଲେ । ପ୍ରଥମ ବର୍ଷର ନବାଗତ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ,ଚନ୍ଦନ,କଲମ ଦେଇ କରତାଳି ଧ୍ୱନି ଓ ହୁଳହୁଳୀରେ ସ୍ୱାଗତ କରାଯାଇଥିଲା ।ଦ୍ୱିତୀୟ ବର୍ଷର କଳା, ବାଣିଜ୍ୟ, ଓ ବିଜ୍ଞାନ ର ଛାତ୍ର ଛାତ୍ରୀ ବିଦ୍ୟାଳୟର ଶୃଙ୍ଖଳା, ଛାତ୍ର ଚରିତ୍ର ତଥା ଅଧ୍ୟାପକ, ଅଧ୍ୟାପିକା ମାନଙ୍କ କର୍ତ୍ତବ୍ୟ ନିଷ୍ଠା ଉପରେ ପ୍ରଥମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ସୂଚନା ଦିଆ ଯାଇଥିଲା। ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ତରଫରୁ ଅଧ୍ୟାପକ ଅଶ୍ରଫ ଅଲ୍ଲୀ ଓ ପ୍ରାଧ୍ୟାପକ ସାମୁଏଲ ଦାନୀ ଆଶିର୍ବଚନ ପ୍ରଦାନ କରିଥିଲେ ।ପୂର୍ବତନ ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡ ଚବିଶ ଘଣ୍ଟା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ତଥା ବିଦ୍ୟାଳୟ ପାଇଁ ସମର୍ପିତ ଥିବା ସଙ୍ଗେ ସଙ୍ଗେ ଶୃଙ୍ଖଳାର ହାର ପିନ୍ଧି ଆସୁଥିବା ଛାତ୍ର ଛାତ୍ରୀ ମାନଙ୍କ ସବୁ ବେଳେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ସୂଚିତ କରିଥିଲେ ।ଅଧ୍ୟାପିକା ସନମତି ମହାନନ୍ଦଙ୍କ ପ୍ରେରଣାରେ ଝରଣା ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାସ୍ତାରେ ବାଲି-ଚିପ୍ସ ଗଦା

# ଦୁର୍ଘଟଣାରେ ଯୁବକ ମୃତ, ପୌରକର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦୁଝର:୦୪/୦୯(ଦିଲ୍ଲୀପ କୁମାର ସାହୁ) - ରାସ୍ତା ଉପରେ ଗଦା ହୋଇଥିବା ବାଲି ଏବଂ ଚିପ୍ସ ଯୋଗୁଁ କେନ୍ଦୁଝର ସହରରେ ଘଟିଯାଇଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏଥିରେ ଜଣେ ୨୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ସ୍କୁଟି ଚାଳକ ଆହତ ହୋଇଛନ୍ତି। ଘଟଣାକୁ ନେଇ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଗଦା କରିବା ଏବଂ ଏହା ଉପରେ ପୌର ପ୍ରଶାସନର ନିରୀକ୍ଷଣ ଅଭାବକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, କେନ୍ଦୁଝର ସହରର ଲାବଣ୍ୟ ଛକ-ସାହାରପଡ଼ା ପୂର୍ତ୍ତ ବିଭାଗ ରାସ୍ତାର କୃଷକ ବଜାର ନିକଟରେ ବୁଧବାର ରାତି ପ୍ରାୟ ୮ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ବଡ଼ହଳ ଅଞ୍ଚଳର ଶୁଭ୍ରାଂଶୁ ବେହେରା ଏକ ପଲସର ମୋଟରସାଇକେଲରେ ମାଇନିଂ ପଟୁ ଲାବଣ୍ୟ ଛକ ଅଭିମୁଖେ ଆସୁଥିବା ବେଳେ ରାସ୍ତା ଉପରେ ପଡ଼ିଥିବା ଚିପ୍ସ ଉପରେ ତାଙ୍କ ବାଇକ୍ ଚଢ଼ିଯାଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ଏକ ସ୍କୁଟି ସହ ଧକ୍କା ହୋଇଥିଲା। ଗୁରୁତର ଆହତ ଶୁଭ୍ରାଂଶୁଙ୍କୁ ପ୍ରଥମେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି



କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ରାତି ପ୍ରାୟ ୧୦ଟା ୩୦ରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ଶୁଭ୍ରାଂଶୁ ଶୁଆକାଟୀ ପାଟେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଘଟଣାସ୍ଥଳ ନିକଟରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଥିବା ବେଳେ ପ୍ରାୟ ତିନି ମାସ ଧରି ରାସ୍ତା ଉପରେ ବେଆଇନ ଭାବେ ବାଲି ଓ ଚିପ୍ସ ସମେତ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଗଦା ହୋଇ ରହିଥିଲା। ଏନେଇ ପୌରପାଳିକା ଓ ପୁଲିସକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପୂର୍ବରୁ ପ୍ରଭାବୀ ପଦକ୍ଷେପ ନିଆଯାଇନଥିବାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ପୂର୍ତ୍ତ ବିଭାଗର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାରୁ ନିର୍ମାଣ ସାମଗ୍ରୀ ତୁରନ୍ତ ହଟାଇବାକୁ ସମ୍ପୃକ୍ତ ମାଲିକଙ୍କୁ ନିର୍ଦ୍ଦେଶ ଦେଇଛି। ସହରର ବିଭିନ୍ନ ରାସ୍ତାରୁ ବାଲି, ଚିପ୍ସ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ହଟାଇବା ପାଇଁ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଚିଠି କରାଯାଇଛି। ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି ଯେ, ସର୍ବସାଧାରଣ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଗଦା କରିବା ନିଷେଧ। ଏଭଳି ଘଟଣା ଦେଖାଗଲେ ସମ୍ପୃକ୍ତ ଘର ମାଲିକଙ୍କ ବିରୋଧରେ ଏତଲା ଦିଆଯିବା ସହ ଜରିମାନା ଆଦାୟ କରାଯିବ। କେନ୍ଦୁଝରର ସହରର କଲେଜ ରୋଡ଼, ବିଜୁ ପଟ୍ଟନାୟକ ଛକ-ଟେଲିଫୋନ୍ ଏକ୍ସଚେଞ୍ଜ ଛକ, ମାଇନିଂ ରୋଡ଼, ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ସମ୍ମୁଖ ରାସ୍ତା, ବୁଲାଦୁଆର ସାହି ସମେତ ବିଭିନ୍ନ ଅଞ୍ଚଳରେ ରାସ୍ତାକଡ଼ ଓ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପଡ଼ି ରହୁଥିବା ଅଭିଯୋଗ ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଆଶଙ୍କା ବଢ଼ୁଛି। ଏବେ ପ୍ରଶ୍ନ ଉଠୁଛି—ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ରଖିବା ବେଆଇନ ହୋଇଥିବା ସତ୍ତ୍ୱେ ଏହାକୁ ରୋକିବାରେ ପ୍ରଶାସନ କାହିଁକି ବିଫଳ ହେଉଛି ଜଣେ ଯୁବକଙ୍କ ଜୀବନ ଯିବା ପରେ ଯଦି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଉଛି, ତେବେ ଆଗକୁ ଏଭଳି ଦୁର୍ଘଟଣା ରୋକିବାକୁ ପ୍ରଶାସନ କେତେ ଗୁରୁତ୍ୱ ଦେଉଛି, ତାହା ଉପରେ ସହରବାସୀଙ୍କ ନଜର ରହିଛି।

# ହାଇୱାକୁ ଧକ୍କା ଦେଇ ଜଳିଗଲା ବାଇକ, ଚାଳକ ସୁରକ୍ଷିତ

କେନ୍ଦୁଝର ,ଚମ୍ପୁଆ, ୩/୯/୨୬ : ( ରାଜକିଶୋର ଶତପଥି ) କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅଧୀନସ୍ଥ ଜାତୀୟ ରାଜପଥ-୫୨୦ର ବାରବାଙ୍କ ରାସ୍ତାରେ ଗୋଟିଏ ପଲସର ବାଇକ ହାଇୱା ପଛରେ ଧକ୍କା ଖାଇ ସମ୍ପୂର୍ଣ୍ଣ ଜଳିଯାଇଛି। ବାଇକ ଚାଳକ ସୌଭାଗ୍ୟବଶତଃ ସାମାନ୍ୟ ଆହତ ହୋଇ ଏକ ବଡ଼ ବିପଦରୁ ରକ୍ଷା ପାଇଛନ୍ତି। ସୂଚନା ଅନୁଯାୟୀ, ଘଟଣା ସମୟରେ ଜଣେ ଯୁବକ ପଲସର ବାଇକରେ



ଭଦ୍ରାସାହି ପଟୁ ରୁଗୁଡ଼ି ଅଭିମୁଖେ ଯାଉଥିଲେ। ରାସ୍ତାରେ ଗତି କରୁଥିବା ସମୟରେ ସେ ଅନ୍ୟମନସ୍କ ଥିଲେ। ଫଳରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ହାଇୱାକୁ ସେ ଠିକ୍ ସମୟରେ ଦେଖିପାରିଲେ ନାହିଁ। ବାଇକଟି ସିଧାସଳଖ ହାଇୱାର ପଛ ଅଂଶରେ ଧକ୍କା ଖାଇବା ସଙ୍ଗେ ସଙ୍ଗେ ପ୍ରବଳ ଧକ୍କା ଲାଗିଥିଲା। ଦୁର୍ଘଟଣା ଘଟିବାର କିଛି ମୁହୂର୍ତ୍ତ ମଧ୍ୟରେ ବାଇକରେ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ଦ୍ରୁତ ଗତିରେ ବ୍ୟାପି ବାଇକଟିକୁ ସମ୍ପୂର୍ଣ୍ଣ ଭାବେ ଜଳାଇ ଦେଇଥିଲା। ସୌଭାଗ୍ୟର କଥା ଯେ, ଧକ୍କା ଲାଗିବା ମାତ୍ରେ ଚାଳକ ବାଇକରୁ ପଡ଼ିଯାଇଥିଲେ। ଏହା ଫଳରେ ନିଆଁ ତାଙ୍କୁ ଛୁଇଁ ପାରିଲା ନାହିଁ। ସେ କେବଳ ସାମାନ୍ୟ ଆଘାତ ପାଇଛନ୍ତି। ଘଟଣା ଦେଖି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ସାହାଯ୍ୟ କରିଥିଲେ। ବାଇକଟି ଜଳି ଅଙ୍ଗାର ହୋଇଯାଇଥିବା ବେଳେ ଚାଳକଙ୍କୁ ତୁରନ୍ତ ନିରାପଦ ସ୍ଥାନକୁ ନିଆଯାଇଥିଲା।ଘଟଣାର ଖବର ପାଇ ରୁଗୁଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ପୁଲିସ ତଦନ୍ତ ଆରମ୍ଭ କରିଛି ଏବଂ ଦୁର୍ଘଟଣାର ପ୍ରକୃତ କାରଣ ଅନୁସନ୍ଧାନ କରୁଛି। ଏହି ଘଟଣା ରାସ୍ତାରେ ସାବଧାନତାର ଆବଶ୍ୟକତାକୁ ଆଉ ଥରେ ମନେ ପକାଇ ଦେଇଛି।

# ସାପ କାମୁଡ଼ାରେ ଶିଶୁର ମୃତ୍ୟୁ

କେନ୍ଦୁଝର /ଯୋଡ଼ା ୦୪/୦୯ : ( ରାଜକିଶୋର ଶତପଥି ): ଚମ୍ପୁଆ ଉପଖଣ୍ଡର ଯୋଡ଼ା ଥାନା ଅନ୍ତର୍ଗତ ଡଡୁଆଁ ଗ୍ରାମର ଗ୍ରାମବାସୀ ଗୁରୁଚରଣ ମୁଣ୍ଡାଙ୍କ ମଝିଆଁ ପୁତ୍ର କୃଷ୍ଣ ମୁଣ୍ଡା ରାତିରେ ଘରେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡ଼ିବାରୁ ମୃତ୍ୟୁ ବରଣ କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ରାତିରେ କୃଷ୍ଣ ତାଙ୍କ ଭାଇ ରୋହିତ ମୁଣ୍ଡାଙ୍କ ସହିତ ଘରେ ଶୋଇଥିଲେ। ହଠାତ୍ ତାଙ୍କ ହାତରେ କିଛି କାମୁଡ଼ିବା ଭଳି ଅନୁଭବ ହେବାରୁ ସେ ବାପା-ମା'ଙ୍କୁ ଡାକି କହିଥିଲେ। ପରିବାର ସଦସ୍ୟମାନେ ଆଲୋକ କରି ଦେଖିବାରୁ ଘର ଭିତରେ ଗୋଟିଏ ସାପ ରହିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଡକାଯାଇ ପିଲାଟିକୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଘଟଣାର ଖବର ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।ଏହି ଦୁଃଖଦ ଘଟଣାରେ ପରିବାର ଓ ଗ୍ରାମବାସୀ ଗଭୀର ଶୋକାଭିଭୂତ ହୋଇଛନ୍ତି। ଗ୍ରାମରେ ରାତିରେ ସାପ ଘରେ ପଶିବା ଘଟଣା ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ସ୍ଥାନୀୟ ଲୋକେ କହିଛନ୍ତି ଯେ ବର୍ଷା ଋତୁରେ ଏପରି ଘଟଣା ବଢୁଥିବାରୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗ ଘଟଣାର ବିସ୍ତୃତ ତଦନ୍ତ ଜାରି ରଖିଛନ୍ତି।

### ତ୍ରିଲୋଚନ ପାଇଲେ ଜାତୀୟ ପୁରସ୍କାର

# ପଲ୍ଲୀରୁ ଦିଲ୍ଲୀ ଯାଏଁ ରହିଛି ସଂଘର୍ଷର କାହାଣୀ

କେନ୍ଦୁଝର/ଆନନ୍ଦପୁର:୦୪/୦୯ (ଦିଲ୍ଲୀପ କୁମାର ସାହୁ) - ତ୍ରିଲୋଚନଙ୍କ ନୂତନତା ଯଥା ବିଭିନ୍ନ ବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ବିଦ୍ୟାଳୟ ସୁରକ୍ଷା କାନ୍ଥ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା ଏବଂ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀ ସ୍ଥିତ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ନେସନାଲ୍ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନାଲ ପ୍ଲାନିଙ୍ଗ ଆଣ୍ଡ ଆଡମିନିଷ୍ଟ୍ରେସନ, ନୂଆଦିଲ୍ଲୀ ପକ୍ଷରୁ ତ୍ରିଲୋଚନ ସାହୁଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ମାନପତ୍ର, ରୋପ୍ୟ ଫଳକ ଏବଂ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଚଳିତ ମାସ ସେପ୍ଟେମ୍ବର ମାସ ୨ ଏବଂ ୩ ତାରିଖ ଦିନ ଦୁଇଦିନ ଧରି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ମାନ୍ୟବର ରାଜ୍ୟସଭା ସାଂସଦ ତଥା ଭାରତୀୟ ଜନତା ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ବିନୋଦ ଶ୍ରୀଧର ତାୱଡେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଭାରତ ସରକାରଙ୍କ ଅଧିନସ୍ଥ ନେସନାଲ୍ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନାଲ ପ୍ଲାନିଙ୍ଗ ଆଣ୍ଡ ଆଡମିନିଷ୍ଟ୍ରେସନ (ନିପା), ନୂଆଦିଲ୍ଲୀର କୁଳାଧିପତି ରାମ ଶଙ୍କର ଡୁବେ ସଭାପତିତ୍ୱ କରିଥିବା ବେଳେ ନିପାର କୁଳପତି



ପ୍ରଫେସର ଶଶିକଳା ୱାଞ୍ଜାରୀ ଓ ନିପାର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ପ୍ରଫେସର୍ ଭିନିତା ସିରୋହି ଏବଂ ରେଜିଷ୍ଟ୍ରାର ସି. ଏସ୍. ସୂର୍ଯ୍ୟ ନାରାୟଣ ମିଶ୍ର ଅତିଥିରୂପେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନରେ ଏନ୍. ସି. ଇ. ଆର. ଟି. ର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଜେ. ଏସ୍. ରାଜପୁତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତ୍ରିଲୋଚନ ସାହୁଙ୍କୁ ତାଙ୍କର ନୂତନତା ପାଇଁ ଜାତୀୟ ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ସମୟରେ ଶ୍ରୀ ସାହୁଙ୍କ କାର୍ଯ୍ୟକୁ ଉପସ୍ଥିତ ଅତିଥି ଖୁବ୍ ପ୍ରଶଂସା କରିଥିଲେ । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ନିପାର କୁଳାଧିପତି ରାମ ଶଙ୍କର ଡୁବେ ସଭାପତିତ୍ୱ କରିଥିବା ବେଳେ ନିପାର କୁଳପତି ପ୍ରଫେସର ଶଶିକଳା ୱାଞ୍ଜାରୀ ଓ ନିପାର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ପ୍ରଫେସର୍ ଭିନିତା ସିରୋହି ଏବଂ ରେଜିଷ୍ଟ୍ରାର ସି. ଏସ୍. ସୂର୍ଯ୍ୟ ନାରାୟଣ ମିଶ୍ର ଅତିଥିରୂପେ ଯୋଗ ଦେଇ ତ୍ରିଲୋଚନ ସାହୁଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରିଥିଲେ । ଏଥିପାଇଁ ତ୍ରିଲୋଚନ ସାହୁଙ୍କୁ ସବୁ ମହଲରୁ ଶୁଭେଚ୍ଛା ଜଣାଯାଇଛି ।ସେ ଅନେକ ସମୟରେ ଛାତ୍ରଛାତ୍ରୀ ଏବଂ ଲୋକମାନଙ୍କୁ ନିଜେ ବିଭିନ୍ନ ପ୍ରକାର ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସଚେତନତା ଉପରେ ଆଲୋକପାତ କରୁଛନ୍ତି । ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସେ ହଜାର ହଜାର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଅଭିଭାବକମାନଙ୍କୁ ଏଥିରେ ସାମିଲ କରି ଉପଯୁକ୍ତ ତାଲିମ ପ୍ରଦାନ କରିପାରିଛନ୍ତି । ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଏହା ସଫଳତା ପୂର୍ବକ କାର୍ଯ୍ୟକାରୀ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁରର ବିଭିନ୍ନ ବିଦ୍ୟାଳୟରେ ମଧ୍ୟ ଏହା ସଫଳ ରୂପେ କାର୍ଯ୍ୟକାରୀ ହୋଇଛି । ବର୍ତ୍ତମାନ ତ୍ରିଲୋଚନ ସାହୁ ଓଡ଼ିଶାର ବାରିପଦାର ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଡକ୍ଟର ସିଦ୍ଧେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବାରିପଦାର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜଳବାୟୁ ପରିବର୍ତ୍ତନ ଦିଗ ଉପରେ ଅର୍ଥନୀତିରେ ପିଏଚଡି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଶୁଭେଚ୍ଛୁଙ୍କ ସମେତ ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏବଂ ଶ୍ରୀ ସାହୁଙ୍କ ଗବେଷଣା ଗାଇଡ୍ ଡକ୍ଟର ସିଦ୍ଧେଶ୍ୱର ପଣ୍ଡା ମଧ୍ୟ ତାଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ସକାଳୁ ସକାଳୁ କେନ୍ଦୁଝରଗଡ଼ ରାଧାକୃଷ୍ଣମୟ ହୋଇଉଠୁଛି

କେନ୍ଦୁଝର:୦୪/୦୯(ଦିଲ୍ଲୀପ କୁମାର ସାହୁ) - ଚଳିତ ସେପ୍ଟେମ୍ବର ମାସ ୪ ତାରିଖ ଶୁକ୍ରବାର ଦିନ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପଡୁଥିବାରୁ କେନ୍ଦୁଝରଗଡ଼ ସହର ଉତ୍ସବମୁଖର ହୋଇଉଠିଛି। ବିଶ୍ୱର ଠାକୁର ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ପାଳନ କରିବାର ମୁଖ୍ୟ ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ହେଉଛି କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ସଂସ୍କୃତି ଏବଂ ପରମ୍ପରା ସହ ଯୋଡ଼ିବା। ପିଲାମାନଙ୍କୁ ଭାରତୀୟ ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ବିଷୟରେ ଅବଗତ କରାଇବା।ଶ୍ରୀକୃଷ୍ଣଙ୍କ ଜୀବନୀ ଓ ଲୀଳା ମାଧ୍ୟମରେ ପିଲାଙ୍କ ମନରେ ସଦ୍‌ଭାବନା ଜାଗ୍ରତ କରିବା। ଶ୍ରୀକୃଷ୍ଣଙ୍କ ବାର୍ତ୍ତା ମାଧ୍ୟମରେ ପିଲାଙ୍କୁ ସତ୍ୟ ଏବଂ ନ୍ୟାୟ



ମାର୍ଗରେ ଚାଲିବାକୁ ପ୍ରେରଣା ଦେବା। ଦୟା, କ୍ଷମା, ବନ୍ଧୁତ୍ୱ (ଯେପରି କୃଷ୍ଣ-ସୁଦାମାଙ୍କ ବନ୍ଧୁତ୍ୱ) ଏବଂ କର୍ତ୍ତବ୍ୟପରାୟଣତା ଶିକ୍ଷା ଦେବା। ଛୋଟ ପିଲାମାନେ ରାଧା ଓ କୃଷ୍ଣ ବେଶ ହୋଇ ବିଦ୍ୟାଳୟକୁ ଆସନ୍ତି, ଯାହା ସେମାନଙ୍କ ମନରେ ଆନନ୍ଦ ଭରିଦିଏ। ଝୋଟି, ରଙ୍ଗୋଲୀ, ମଟକା ସଜାଇବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ (ନୃତ୍ୟ, ସଙ୍ଗୀତ, ନାଟକ) ଦ୍ୱାରା ପିଲାଙ୍କ ପ୍ରତିଭା ଲୋକଲୋଚନକୁ ଆସେ। ଜାତି, ଧର୍ମ ନିର୍ବିଶେଷରେ ସବୁ ପିଲା ଏକାଠି ହୋଇ ପର୍ବ ପାଳନ କରିବା ଦ୍ୱାରା ଭାଇଚାରା ବୃଦ୍ଧି ପାଏ। 'ଦହି ହାଣ୍ଡି ଭଙ୍ଗା' ଭଳି ପାରମ୍ପରିକ ଖେଳ ଦ୍ୱାରା ଦଳଗତ କାର୍ଯ୍ୟ ଏବଂ ସହଯୋଗ ମନୋଭାବ ଶିଖିବାକୁ ମିଳେ।ସଂକ୍ଷେପରେ କହିବାକୁ ଗଲେ, ଆଧୁନିକ ଶିକ୍ଷା ସହିତ ପିଲାମାନଙ୍କୁ ନିଜର ଚେର ବା ସଂସ୍କୃତି ସହ ଯୋଡ଼ି ରଖିବାରେ ଏହି ପାଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେହିଭଳି ସହରରେ ଥିବା ବିଭିନ୍ନ ଘରୋଇ ବିଦ୍ୟାଳୟ ଗୁଡିକରେ ଜନ୍ମାଷ୍ଟମୀ ଉତ୍ସବର ପୂର୍ବ ଦିବସ ଗୁଡିକରେ ଖୁବ ଆଡମ୍ବରରେ ପାଳନ କରାଯାଉଥିବା ବେଳେ, ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀମାନେ ଖୁବ ଉତ୍ସାହର ସହ ରାଧାକୃଷ୍ଣଙ୍କର ପ୍ରତିକୃତି ଧାରଣକରି ବିଦ୍ୟାଳୟକୁ ଯାଉଥିବାର ଦେଖିଲେ ଲାଗୁଛି ସତେକି ସହର ରାଧାକୃଷ୍ଣମୟ ହୋଇଉଠିଛି।

# ଅବସରପ୍ରାପ୍ତ ଇଞ୍ଜିନିୟରଙ୍କ ପରଲୋକ

ହରିଚନ୍ଦନପୁର, ୪/୯(ଶୂନ୍ୟରଞ୍ଜନ ଘଣା ) : ହରିଚନ୍ଦନପୁର ବ୍ଲକ୍ ମନୋହରପୁର ପଞ୍ଚାୟତ ଚକ୍ରଧରପୁର ଗାଁର ଅବସରପ୍ରାପ୍ତ ଇଞ୍ଜିନିୟର ହଳଧର ମହାନ୍ତ(୭୦)ଙ୍କଗୁରବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ସେ ହୃଦ୍‌ଘାତର ଶିକାର ହୋଇଥିଲେ । ସ୍ୱର୍ଗତ ମହାନ୍ତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ(ସେଲ୍)ରେ କାମକରି ଅବସର ଗ୍ରହଣ କରିଥିଲେ। ଅବସର ପରେ ମଧ୍ୟ ଉପଦେଷ୍ଟା ଭାବେ ବିଭିନ୍ନ ସଂସ୍ଥା ସହ ଜଡ଼ିତ ଥିଲେ । ହରିଚନ୍ଦନପୁର ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ । ହରିଚନ୍ଦନପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହ ମଧ୍ୟ ଜଡ଼ିତ ଥିଲେ । ତାଙ୍କ ବିୟୋଗରେ ପୁରାତନ ଛାତ୍ର ସଂସଦର ସଦସ୍ୟଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

# କେନ୍ଦୁଝରଗଡ ଠାରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ



କେନ୍ଦୁଝର ସଦର ୪/୯(ମନୋଜ କୁମାର ପଟେଲ)ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ବାସ୍ତୁଶାସ୍ତ୍ରବିତ୍ ଡଃ ଦେବଦତ୍ତ ଷଡଙ୍ଗୀ ଉପସ୍ଥିତ ରହି କୃଷ୍ଣଙ୍କ ବାଲ୍ୟଲୀଳା ସମ୍ବନ୍ଧରେ ଶିଶୁମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ବିଦ୍ୟାଳୟର ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ସଦସ୍ୟା ଭକ୍ତିଶ୍ରୀ ନାୟକ, ଦୁଲାରୀ କିଷ୍ଟୁ ଯୋଗଦେଇ କୃଷ୍ଣଜନ୍ମର ବୃତ୍ତାନ୍ତ ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ ଭାଗବତ ପାଠ ପ୍ରତିଯୋଗିତାରେ ପ୍ରିୟାଂଶୀ ଘୋଷ, ସାଇଓମ୍ ରାଉତ, ଅଂଶିକା ସାହୁ, ପବିଶନା ମିଶ୍ର, ଆଦ୍ୟାଶା ସାହୁ, ଶଶରେଖା ମହାନ୍ତ, ବିଦ୍ୟାଶୀ ମହାନ୍ତ, ସାଇଶ୍ରୀ ପୃଷ୍ଟି, ବିଶ୍ୱରୂପା ବାରିକ, ଉନ୍ନତି ଚାଉଡା, ଆଦ୍ୟାଶା ବାରିକ ଓ ସୁଧା ସଞ୍ଜିବନୀ ବେହେରା ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେଇଥିଲେ । ତତ୍ପରେ ଶିଶୁବାଟିକାର ଶିଶୁମାନଙ୍କ ଦ୍ୱାରା କୃଷ୍ଣବେଶ ପ୍ରତିଯୋଗିତ କରାଯାଇଥିଲା । ପ୍ରାରମ୍ଭରେ କୃଷ୍ଣ ବେଶଧାରୀ ଶିଶୁମାନେ ନଗର ପରିକ୍ରମା କରିଥିଲେ । ତତ୍‌ପରେ ଦହି ହାଣ୍ଡି ଭଙ୍ଗା, ଝୁଲଣ, କୃଷ୍ଣ ବାଲ୍ୟ ଲୀଳା ପ୍ରଦର୍ଶନ, କୃଷ୍ଣ ଜନ୍ମ ବାଳନାଟ୍ୟ ପ୍ରଦର୍ଶନ, ନୃତ୍ୟ ତଥା କୃଷ୍ଣବେଶ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାଳୟର ୨୫୦ ଜଣରୁ ଉର୍ଦ୍ଧ୍ୱ ଶିଶୁ ବେଶ ପ୍ରତିଯୋଗିତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏଥିରେ ସମସ୍ତ ଶିଶୁ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିଶୁବାଟିକା ପ୍ରମୁଖ ପ୍ରଦୀପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଧାରସ୍ତରରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କେନ୍ଦୁଝର ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା




କେନ୍ଦୁଝର:୦୪/୦୯(ଦିଲ୍ଲୀପ କୁମାର ସାହୁ) - ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ସମ୍ବଲପୁରବତଥା ଭୋଟରତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇର୍ଆ) ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର,(ଭା.ପ୍ର.ସେ.), ଗତ ଗୁରୁବାର ଦ୍ୱିତୀୟଥର ପାଇଁ କେନ୍ଦୁଝର ଜିଲ୍ଲା ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଚମ୍ପୁଆ ଗସ୍ତ କରିବା ସହ ଜିଲ୍ଲାରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ। ଗସ୍ତ ସମୟରେ ଆରଡିସି ଶ୍ରୀ ମହାପାତ୍ର ବିଭିନ୍ନ ଦାଖଲ ଫର୍ମଗୁଡ଼ିକର ସମାଧାନ ଓ ନିଷ୍ପତ୍ତି ପ୍ରକ୍ରିୟାର ତଦାରଖ କରିଥିଲେ। ବିଶେଷ କରି ଯେଉଁ ବୁଥ୍‌ଗୁଡ଼ିକରେ ସର୍ବାଧିକ ନୂତନ ନାମ ଯୋଗ ଏବଂ ନାମ ବାଦ୍ ପଡ଼ିଛି, ସେହି ବୁଥ୍‌ଗୁଡ଼ିକର ସ୍ଥିତି ଏବଂ ପରିସଂଖ୍ୟାନକୁ ସେ ବିଶେଷ ଭାବରେ ସମୀକ୍ଷା କରିଥିଲେ। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଯୋଜନାବଦ୍ଧ ଏବଂ ସୁଚାରୁ ରୂପେ ଚାଲିଥିବାରୁ ସେ ସାମଗ୍ରିକ ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ।ଏହି ସମୀକ୍ଷା ଓ ପରିଦର୍ଶନ କାର୍ଯ୍ୟକ୍ରମରେ ପାଟଣା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ମନ୍ଦରଧର ମହାଲିକ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଇଆରଓ ତଥା ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଡେପୁଟି କଲେକ୍ଟର ଅରୁଣିମା ସାହୁ, ତହସିଲଦାର ଚମ୍ପୁଆ ସତ୍ୟବ୍ରତ ସାହୁ ଓ ତହସିଲଦାର ବଡ଼ବିଲ ରାକେଶ କୁମାର ପଣ୍ଡା ଓ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ଭିବିଜୀ ରାମଜୀ ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜରଙ୍କ ହରିଚନ୍ଦନପୁର ବ୍ଲକ୍ ଗସ୍ତ

# ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ

ହରିଚନ୍ଦନପୁର,୪/୯(ଶୂନ୍ୟରଞ୍ଜନ ଘଣା ): ଭିବିଜି ରାମଜୀ (ପୂର୍ବରୁ ଥିବା ଏମଜିଏନଆରଇଜିଏ) ର ବିଭିନ୍ନ ପ୍ରକଳ୍ପ ଗୁଡିକର ଗ୍ରାଉଣ୍ଡ ଜିରୋର ବାସ୍ତବ ସ୍ଥିତି କିପରି ରହିଛି, ପ୍ରକୃତରେ କାମ ହୋଇଛି କି ନାହିଁ, ଜବକାର୍ଡ ହିତାଧିକାରୀ ମାନେ କାମ ପାଉଛନ୍ତି କି ନାହିଁ ତାହାର ସମୀକ୍ଷା କରିବା ପାଇଁ ଆଜି ଭିବିଜି ରାମଜୀର ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ତଥା କେନ୍ଦୁଝର ଜିଲ୍ଲା ପାଇଁ ନିଯୁକ୍ତି ହୋଇଥିବା ନୋଡାଲ ଅଫିସର ଶୁଭମ କୁମାର ଧଳ ହରିଚନ୍ଦନପୁର ବ୍ଲକ ଗସ୍ତରେ ଆସିଥିଲେ ।ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରୁ ବିଡିଓ



ମଳୟ କୁମାର ନାଏକ, ଏମଜିଏନ ଆରଇଜିଏର ଜିଲ୍ଲା କୋଅର୍ଡି ନେଟର ମୋନାଲିସା ମହାନ୍ତ, ଆରଜିଏସଏର ଡିପିଏମ ରଶ୍ମିରଂଜନ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ମହାପାତ୍ର, ଏପିଓ କାନନବାଳା ପୃଷ୍ଟି, ପଞ୍ଚାୟତ ସହକାରୀ ଯନ୍ତ୍ରୀ କମଳ ଲୋଚନ ଭୋଇ, ପବିତ୍ର କୁମାର ମଲ୍ଲିକ, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ (୧) ସ୍ୱପ୍ନାରାଣୀ ଉପାଧ୍ୟାୟ, କନିଷ୍ଠଯନ୍ତ୍ରୀ (୨)ପ୍ରଶାନ୍ତ କୁମାର ଦଳାଇ, ବିଆରସି ଭରତ ଚନ୍ଦ୍ର ବଳ ପ୍ରମୁଖ ନୋଡାଲ ଅଫିସରଙ୍କ ସହ ସାମିଲ ରହି ପ୍ରଥମେ ମନୋହରପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପଞ୍ଚାୟତ ପ୍ରତିନିଧି , ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ସାହୁ, ଏଡିଇଓସଂଯୁକ୍ତା ସାହୁଙ୍କୁ ନେଇ ଲକ୍ଷ୍ମୀପୁର ଶ୍ରୀମା ଆରବିନ୍ଦ ପାଠଚକ୍ରକୁ ଯାଇ ସେଠାରେ ହୋଇଥିବା ଫେନ୍ସିଙ୍ଗର କାମକୁ ଦେଖିଥିଲେ। ପରେ କାଦୁଅଡିହା ଗାଁକୁ ଯାଇ ଅମୃତ ସରୋବର ଯୋଜନାରେ ହୋଇଥିବା ମନ୍ଦିର ପୋଖରୀକୁ ଦେଖିବା ସହ ମାଆ ପାଇଁ ଗଛଟିଏ ପ୍ଲାଣ୍ଟେସନ୍‌କୁ ଦେଖିଥିଲେ। ଗୋଟିଏ ବର୍ଷ ମଧ୍ୟରେ ଗଛ ଗୁଡିକ ଯେତିକି ବଢିଛି ତାହାକୁ ଦେଖି ଭୂୟସୀ ପ୍ରଶଂସା କରିଥିଲେ। ଏଥି ସହ ମନୋହରପୁର ପଞ୍ଚାୟତର ସିଏଫ୍‌ସି ଏବଂ ଏସ୍ଏଫ୍‌ସି ଅନୁ ଦାନରୁ ନିର୍ମିତ ହୋଇଥିବା ମାର୍କେଟ କମ୍ପଲେକ୍ସ ଦେଖିଥିଲେ। ସେଠାରୁ ଦୀନବନ୍ଧୁ ପୁର ଗାଁରେ ଆରଡବ୍ଲୁ ଏସଏସର ପ୍ରୋଜେକ୍ଟକୁ ଦେଖିବା ପରେ ହରିଚନ୍ଦନପୁର ପଞ୍ଚାୟତର ବରଗୋଡାରେ କଲ୍ୟାଣମଣ୍ଡପକୁ ଦେଖିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ଉପସ୍ଥିତିରେ ସମସ୍ତ ପଞ୍ଚାୟତର ପିଇଓ, କନିଷ୍ଠଯନ୍ତ୍ରୀ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ, କର୍ମଚାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ଆପାତତଃ ପଞ୍ଚାୟତର ସମସ୍ତ କାମ ଗୁଡିକ ସଠିକ୍ ଭାବେ ହୋଇଥିବା ନେଇ ରିପୋର୍ଟ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କ ଗ୍ରାମ ସଫେଇ

ହରିଚନ୍ଦନପୁର, ୪/୯(ଶୂନ୍ୟରଞ୍ଜନ ଘଣା ) : ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଗୁରୁବାର ହରିଚନ୍ଦନପୁର ପୁର ବ୍ଲକ୍ ଭଅଁରପୁର ଆଞ୍ଚଳିକ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଗ୍ରାମରେ ଲୋକଙ୍କୁ ସ୍ୱଚ୍ଛତା ଦିଗରେ



ସଚେତନ କରାଇବା ସହ ସଫେଇ କରିଛନ୍ତି। ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ସ୍କୁଲ ପରିସର, ଗ୍ରାମ ରାସ୍ତାଘାଟ, ହନୁମାନ ଓ ଶନିମନ୍ଦିର ପରିସର ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଭାପତି ପରେଶ ସାହୁଙ୍କ ସମେତ ଶିକ୍ଷା କମିଟିର ସମସ୍ତ ସଦସ୍ୟ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଗ୍ରାମର ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ ।



ଶନିବାର ୦୫।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ମନ୍ଧାନାଙ୍କ ଶତକ: ସେମିରେ ଭାରତ



ଦୁବାଇ, ୦୪/୦୯ : ସ୍ମୃତି ମନ୍ଧାନାଙ୍କ ଦ୍ୱିତୀୟ ଟ୍ୱେଣ୍ଟି-୨୦ ଶତକ ବଳରେ ଚଳିତ ଏସିଆ କପ୍‌ରେ ଭାରତୀୟ ଦଳ ୧୩୭ ରନ୍‌ର ବୃହତ୍ ବ୍ୟବଧାନରେ ହଂକଂକୁ ପରାସ୍ତ କରିଛି। ତା' ସହିତ ଲଗାତାର ଦ୍ୱିତୀୟ ବିଜୟ ହାସଲ କରି ସେମିଫାଇନାଲ୍‌ରେ ପ୍ରବେଶ କରିବାରେ ପ୍ରଥମ ଦଳ ହୋଇଛି। ନିଜ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳ ଥାଇଲାଣ୍ଡକୁ ୯୪ ରନ୍‌ରେ ପରାସ୍ତ କରିଥିଲା। ହରମନପ୍ରୀତ୍ କୌରଙ୍କ ଦଳ ଏବେ ତା'ର ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ଶନିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହାକୁ ଜିତିଲେ ହ୍ୟାଟ୍ରିକ୍ ବିଜୟ ପାଇ ଆତ୍ମବିଶ୍ୱାସର ସହ ସେମିଫାଇନାଲ୍ ଖେଳିବ। ଗୁରୁବାର ଭାରତ ହଂକଂ ସମ୍ମୁଖରେ ୧୯୪ ରନ୍ ବିଜୟ ଲକ୍ଷ୍ୟ ରଖିଥିଲା। ତେବେ ଅନଭିଜ୍ଞ ହଂକଂ ଭାରତର ଶକ୍ତିଶାଳୀ ବୋଲିଂ ବାହିନୀର ସମ୍ମୁଖୀନ ହେବାରେ ଆରମ୍ଭରୁ ଅଡୁଆରେ ପଡ଼ିଥିଲା। ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୫୨ ରନ୍‌ରେ ଅଧା ଦଳ ହରାଇଥିଲା। ତା'ପରେ ଶେଷ ୫ ୱିକେଟ୍ ମାତ୍ର ୪ ରନ୍‌ରେ ହରାଇ କେବଳ ୫୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦୁବାଇ ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତୀୟ ଦଳ ଅପରିବର୍ତ୍ତିତ ଏକାଦଶ ସହ ପଡ଼ିଆକୁ ଓହ୍ଲାଇଥିଲା। ହଂକଂ ମହିଳା ଟସ୍ ଜିତି କ୍ଷେତ୍ରରକ୍ଷଣ କରିବା ପରେ ଭାରତୀୟ ପାଳିକୁ ସତର୍କତାର ସହ ଆରମ୍ଭ କରିଥିଲେ ସ୍ମୃତି ଓ ଶେଫାଳି ବର୍ମା। ଉଭୟ ପାୱାର ପ୍ଲେ ଭିତରେ କିନ୍ତୁ କୌଣସି ୱିକେଟ୍ ନ ହରାଇ ୬୦ ରନ୍ ସଂଗ୍ରହ କରି ନେଇଥିଲେ। ପାୱାର ପ୍ଲେ ଶେଷ ଓଭର (ଷଷ୍ଠ)ରେ ମାରିନା ଲାମ୍ପଲଫ୍‌ଙ୍କଠାରୁ ଶେଫାଳି ୨୨ ରନ୍ (୨ ଚୌକା, ୨ ଛକା, ୨ ରନ୍) ଆଦାୟ କରି ଭାରତୀୟ ପାଳିକୁ ଗତି ଦେଇଥିଲେ। ଏହା ପରେ ଅବଶ୍ୟ ଶେଫାଳି (୧୭ ବଲ୍‌ରୁ ୨୮ ରନ୍) ଏକ ବଡ଼ ସଟ୍ ଖେଳିବାକୁ ଯାଇ ଲଙ୍ଗ୍ ଅନ୍‌କୁ କ୍ୟାଚ୍ ଦେଇ ଫେରି ଆସିଥିଲେ। ଏହା ପରେ ମନ୍ଧାନା ତାଙ୍କ ଗିୟର ବଦଳାଇ ଆକ୍ରମଣାତ୍ମକ ଖେଳିବା ସହ ନିଜ ଖେଳ ଜୀବନର ଦ୍ୱିତୀୟ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଥିଲେ। ମାରିନାଙ୍କୁ ଚୌକା ମାରି ସେ ତିନି ଅଙ୍କ ପୂର୍ଣ୍ଣ କରିଥିଲେ। ଏହା ପରେ ସେ ରୁଚିତା ଭେଙ୍କଟେଶଙ୍କୁ କ୍ରମାଗତ ୩ ଛକା ମାରିଥିଲେ। ପ୍ରତୀକା ରାୱଲ (୧୨ ବଲ୍‌ରୁ ୧୦ ରନ୍), ରିଚା ଘୋଷ (୧୩ ବଲ୍‌ରୁ ୧୧ ରନ୍), ଅଧିନାୟିକା ହର୍ମନପ୍ରୀତ୍ କୌର୍ (୯ ବଲ୍‌ରୁ ୧୦ ରନ୍) ପ୍ରମୁଖ ସଂଘର୍ଷ କରିଥିଲେ। ଆଧୁନିକ ମହିଳା କ୍ରିକେଟ୍‌ର 'ଗୋଟ୍' ବିବେଚିତା ହେଉଥିବା ମନ୍ଧାନା ଶେଷ ଓଭରରେ ରନ୍ ଆଉଟ୍ ହୋଇଯିବାରୁ ଭାରତ ସମ୍ଭାବ୍ୟ ୨୦୦ ଅତିକ୍ରମ କରିପାରିନଥିଲା। ୬୪ ବଲ୍ ଖେଳି ୧୨୪ ରନ୍ କରିଥିବା ମନ୍ଧାନାଙ୍କ ପନାଳିରେ ୧୪ ଚୌକା, ୭ ଛକା ସାମିଲ ଥିଲା। ମନ୍ଧାନାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

**ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ-୧୯୩/୫ (ସ୍ମୃତି ମନ୍ଧାନା-୧୨୪, ଶେଫାଳି ବର୍ମା-୨୮, ମାରିନା ଲାମ୍ପଲଫ୍-୨/୪୬, ଜୟଲିନ୍ କୌର-୧/୧୨, ରୁଚିତା ଭେଙ୍କଟେଶ-୧/୩୦)। ହଂକଂ ୧୬.୨ ଓଭରରେ-୫୬ (ନତାଶା ମାଇଲ୍‌ସ ୧୫, ମାରିନା ଲାମ୍ପଲଫ୍ ୧୪, ଦୀପ୍ତି ଶର୍ମା ୩/୯, ନନ୍ଦିନୀ ଶର୍ମା ୨/୬, ପ୍ରେମା ରାୱତ ୨/୧୨,ଶ୍ରୀ ଚାରଣୀ ୨/୧୬)।

## ଆଟାପାଟୁଙ୍କ ରେକର୍ଡ ସ୍ପେଲ୍
# ୨୧ ବଲ୍‌ରେ ୭ ୱିକେଟ୍



ଦୁବାଇ: ଚଳିତ ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ବିଜେତା ଶ୍ରୀଲଙ୍କା ଅଧିନାୟିକା ଚାମିରା ଆଟାପାଟଉ ନୂଆ ରେକର୍ଡ କରିଛନ୍ତି। ଇଣ୍ଡୋନେସିଆ ବିପକ୍ଷ ଗ୍ରୁପ୍-ବି' ମ୍ୟାଚ୍‌ରେ ସେ ୨୧ଟି ବଲ୍ ପକାଇ ୫ ରନ୍ ବ୍ୟୟ କରି ୭ ୱିକେଟ୍ ନେଇଛନ୍ତି। ତାଙ୍କର ଏହି ୭/୫ ଚମତ୍କାର ସ୍ପେଲ୍ ଟେ୍ୱଣ୍ଟି-୨୦ ଅନ୍ତର୍ଜାତୀୟରେ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ପାଇଁ ପ୍ରଥମ। ପୂର୍ବରୁ ଏହି ରେକର୍ଡ ଜିମ୍ବାୱେର ଇଷ୍ଟର ଏମ୍‌ବୋଫାନା (୬/୧୧)ଙ୍କ ନାମରେ ଥିଲା। ଏମ୍‌ବୋଫାନା ୨୦୨୧ରେ ଏସ୍ୱତିନି ବିପକ୍ଷରେ ହାସଲ କରିଥିଲେ। ପ୍ରଥମ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୬୨ ରନ୍‌ରେ ୬ ୱିକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିଲା। ହେଲେ ଶେଷ ଆଡ଼କୁ ନୀଳଶିଖା ସିଲ୍‌ଭା (୫୦, ୩୫ ବଲଙ୍କ)ଙ୍କ ଅର୍ଦ୍ଧଶତକ ବଳରେ ୧୨୪/୭ କରିଥିଲା। ଜବାବରେ ଆଟାପାଟୁଙ୍କ ଚମତ୍କାର ସ୍ପେଲ୍ ଯୋଗୁଁ ଇଣ୍ଡୋନେସିଆ ୧୮.୩ ଓଭରରେ ମାତ୍ର ୪୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ମ୍ୟାଚ୍‌କୁ ୭୫ ରନ୍‌ରେ ଜିତି ନେଇଥିଲା।

# କ୍ୱାର୍ଟରରେ ଅଟକିଲେ ଶ୍ରୀକାନ୍ତ



ସେନ୍‌ଝାନ୍, ୦୪/୦୯ : ଚଳିତ ବିଡବ୍ଲ୍ୟୁଏଫ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରୁ ବିଦାୟ ନେଇଛନ୍ତି ନିକଟରେ ବିଶ୍ୱ କାଂସ୍ୟ ପଦକ ଜିତିଥିବା ଭାରତୀୟ ଭେଟେରାନ କିଦାମ୍ବି ଶ୍ରୀକାନ୍ତ। ଶୁକ୍ରବାର ପୁରୁଷ ଏକକ କ୍ୱାର୍ଟରଫାଇନାଲ୍‌ରେ ୨୦୨୧ ବିଶ୍ୱ ରୌପ୍ୟ ବିଜେତା ଶ୍ରୀକାନ୍ତ ୧୬-୨୧, ୧୬-୨୧ରେ ହଂକଂର ଲି ଚିଉକ୍ ୟିଉଙ୍କଠୁ ହାରିଯାଇଥିଲେ। ପୂର୍ବରୁ ଶ୍ରୀକାନ୍ତ ୨୧-୧୬, ୨୧-୧୯ରେ ବିଶ୍ୱର ୯ ନମ୍ବର କାନାଡ଼ା ଖେଳାଳି ଭିକ୍ଟର ଲାଇଙ୍କୁ ଏବଂ ବିଶ୍ୱର ୨୧ନଂ ଚାଇନିଜ୍ ତାଇପେର ଚି ୟୁ-ଜେନ୍‌ଙ୍କୁ ୨୧-୧୬, ୨୧-୧୫ରେ ହରାଇ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲେ।

# ଗୋଟିଏ ବଲ୍ ପକାଇବାକୁ ୧୦୦ କିମି ଦୌଡ଼ିଲେ ସାମ୍ ବୋଡୋଆନୋ




ଲଣ୍ଡନ, ୦୪/୦୯ : କ୍ରିକେଟ୍ ରେକର୍ଡର ଖେଳ ଭାବେ ପରିଚିତ। କିନ୍ତୁ ବେଳେ ବେଳେ ଏପରି ରେକର୍ଡ ହୋଇଥାଏ ତାହା କ୍ରିକେଟ ବହିରୁ ବାହାରି ଗିନିସ୍ ବିଶ୍ୱ ରେକର୍ଡ଼ ପର୍ଯ୍ୟନ୍ତ ଯାଇଥାଏ। ଏପରି ଏକ ରେକର୍ଡ କରିଛନ୍ତି ଇଂଲଣ୍ଡର କ୍ଲବ କ୍ରିକେଟର ସାମ୍ ବୋଡୋଆନୋ। ଗୋଟିଏ ବଲ୍ ପକାଇବାକୁ ସେ ନିକଟରେ ୬୨ ମାଇଲ ବା ୧୦୦ କିଲୋମିଟର ଦୌଡ଼ିଥିଲେ। ଏହି ରନ୍-ଅପ ପାଇଁ ସେ ଗତ ଶନିବାରରୁ ଲର୍ଡସ କ୍ରିକେଟ ଗ୍ରାଉଣ୍ଡରୁ ନିଜର ଦୌଡ଼ ଆରମ୍ଭ କରି ରବିବାର ସରେ ସ୍ଥିତ ଭ୍ୟାଲି କ୍ରିକେଟ୍ କ୍ଲବରେ ପହଞ୍ଚିଥିଲେ। ଏଥିପାଇଁ ତାଙ୍କୁ ମୋଟ ୧୪ ଘଣ୍ଟା ସମୟ ଲାଗିଥିଲା। ଏହି ସମୟରେ ସେ ଧଳା କ୍ରିକେଟ୍ ୟୁନିଫର୍ମ ପିନ୍ଧିବା ସହ ଏକ କ୍ରିକେଟ୍ ବଲ୍ ଧରିଥିଲେ। ସରେଠାରେ ପହଞ୍ଚିବା ପରେ ସେ ଗୋଟିଏ ମ୍ୟାଚର ପ୍ରଥମ ବଲ୍ ପକାଇଥିଲେ। ତେବେ ତାଙ୍କର ଏହି କୀର୍ତ୍ତିମାନକୁ ସାମିଲ କରିବାକୁ ଗିନିସ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ଏହି ରେକର୍ଡ ଇଂଲଣ୍ଡର କ୍ଲବ କ୍ରିକେଟର ଟମ୍ ଡନଙ୍କ ନାମରେ ରହିଛି। ୨୦୨୪ ଅଗଷ୍ଟରେ ସେ ଗୋଟିଏ ବଲ୍ ପକାଇବାକୁ ପୂର୍ବ ଲଣ୍ଡନର ବେଥନାଲ ଇଷ୍ଟରୁ ଦୌଡ଼ିବା ଆରମ୍ଭ କରି ୨୪ କିଲୋମିଟର ଦୂର ୱାଣ୍ଡସୱ୍ୱର୍ଥ କମନରେ ପହଞ୍ଚି ବଲ୍ ପକାଇଥିଲେ। ଯାଞ୍ଚ ପରେ ବୋଡୋଆନୋଙ୍କ ନାମରେ ଏହି ରେକର୍ଡ ସାମିଲ ହେବାର ସମ୍ଭାବନା ରହିଛି।

# ବାସୁଦେବ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ରାଜକନିକା, ୪/୯(ନୁରେଇ ଖାନ )ବଳରାମପୁର ପଂଚାୟତ ଅଧୀନ ସଦର ବଳରାମପୁର ଗ୍ରାମ ରେ ଥିବା ବାସୁଦେବ ମନ୍ଦିର ରେ ଜନ୍ମାଷ୍ଟମୀ ଖୁବ ଉତ୍ସାହ ର ସହ ପାଳିତ ହୋଇ ଯାଇଛି ବିଧି ମୁତାବକ ଶ୍ରୀକୃଷ୍ଣ ଙ୍କ ଜନ୍ମ ଦିନ ରେ ଦୋଳି ରେ ବସାଇ ଝୁଲଣ ଦୃଶ୍ୟ କୁ ସହ ସହ ମହିଳା ଏବଂ ଶ୍ରଦ୍ଧାଳୁ ଉପଭୋଗ କରିବା ସହ ରାଧା କୃଷ୍ଣ ଅନାବିଳ ପ୍ରେମ ସମ୍ବନ୍ଧରେ ସାଧୁ ନିରଞ୍ଜନ ତ୍ରିପାଠୀ ଶ୍ରଦ୍ଧାଳୁଙ୍କ ଉଦେଶ୍ୟ ରେ କହିଥିଲେ ଉଶ୍ଚବ କୁ ପରିବେଷଣ ହେଉଥିବା ଭଜନ ସନ୍ଧ୍ୟା ବେଶ ଭାବ ବିହ୍ୱଳ କରି ଦେଇ ପରିବେଶ କୁ ଚତ୍ମତକୃତ କରି ଦେଇଥିବା ଜଣା ପଡିଛି ପୂଜକ ଶଙ୍କର ଚରଣ ମିଶ୍ର ସମସ୍ତ ପୂଜା ପାଠ କରିଥିଲେ ଶ୍ରୀନିବାସ ଓଝା, ସନାତନ ପୃଷ୍ଟି, କୈଳାସ ଦାସ ଅକ୍ଷୟ ଦାସ ମନୋଜ ପରିଡା ସୁକାନ୍ତ ସାହୁ, କୃତିବାସ ନାୟକ, ଆନାଦାନନ୍ଦ ପୃଷ୍ଟି ଆଦି ଉଶ୍ଚବ ରେ ରହି ସମସ୍ତ ପରିଚାଳନା କରିଥିଲେ।

## ୩ଟି ଜନ୍ମ ପ୍ରମାଣପତ୍ର
# କ୍ରିକେଟ୍‌ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲା ବିସିସିଆଇ



କୋଲକାତା, ୦୪/୦୯ : ବୟସ ଜାଲିଆତି ମାମଲା ସାମ୍ନାକୁ ଆସିବା ପରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପଶ୍ଚିମବଙ୍ଗର ଲେଗ୍ ସ୍ପିନର ରୋହିତ ଯାଦବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। ଫଳରେ ରୋହିତ ଆଗାମୀ ୨ ବର୍ଷ ଆଉ କୌଣସି ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଆଶ୍ଚର୍ଯ୍ୟର କଥା ହେଲା ରୋହିତଙ୍କ ନାମରେ ୩ଟି ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ରହିଛି, ଯେଉଁଥିରେ ତାଙ୍କର ଜନ୍ମ ୨୦୦୭, ୨୦୦୯ ଏବଂ ୨୦୧୯ ଅନ୍ତର୍ଭୁକ୍ତ। ବୟସରେ ତାରତମ୍ୟ କାରଣରୁ ସେ ବୟସ ସଂପର୍କିତ କ୍ରିକେଟ୍ ପାଇଁ ଅଯୋଗ୍ୟ ବିବେଚିତ ହୋଇଛନ୍ତି। ରୋହିତ ନିକଟରେ ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ୍‌ର ଅଂଶବିଶେଷ ହୋଇଥିଲେ। ତାଙ୍କୁ ଜୁଲାଇରେ ଶ୍ରୀଲଙ୍କା ଗସ୍ତରେ ଭାରତ ପାଇଁ ୧୯ ବର୍ଷରୁ କମରେ ସ୍ଥାନ ମିଳିଥିଲା। ସେ ଏହି ଟୁର୍ଣ୍ଣାମେଣ୍ଟରେ ୬ ୱିକେଟ୍ ନେଇଥିଲେ ଏବଂ ଫାଇନାଲ ଟେଷ୍ଟ ଜିତାଇବାରେ ବଡ଼ ଭୂମିକା ତୁଲାଇଥିଲେ। ଏହା ପରେ ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷରେ ୧୯ ବର୍ଷରୁ କମ କ୍ରିକେଟ୍ ପାଇଁ ମଧ ଚୟନ କରାଯାଇଥିଲା। ଏହି ଶୃଙ୍ଖଳା ଚଳିତ ମାସ ରାଜକୋଟ ଏବଂ ଅହମଦାବାଦରେ ପ୍ରସ୍ତାବିତ ଅଛି। ତେବେ ଶ୍ରୀଲଙ୍କା ଗସ୍ତ ସମୟରେ ରୋହିତଙ୍କ କାଗଜପତ୍ର ଯାଞ୍ଚ ସମୟରେ ବୟସଜନିତ ତ୍ରୁଟି ସାମ୍ନାକୁ ଆସିଥିଲା। ବିସିସିଆଇର ଏକ ସୂତ୍ର ଅନୁସାରେ ରୋହିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେ ଆଗାମୀ ୨ ବର୍ଷ ପାଇଁ ଘରୋଇ ପ୍ରତିଯୋଗିତାରେ ସାମିଲ ହୋଇପାରିବେ ନାହିଁ। ରୋହିତ ଯାଦବ ହେଉଛନ୍ତି, ଉତ୍ତର ପ୍ରଦେଶ ବାସିନ୍ଦା ଏବଂ ସେ ପଶ୍ଚିମବଙ୍ଗ ପାଇଁ ଖେଳନ୍ତି। କ୍ରିକେଟ୍ ଆସୋସିଏସନ ଅଫ୍ ପଶ୍ଚିମବଙ୍ଗ (CAB)ରେ ରୋହିତ ଯେତେବେଳେ ପଂଜୀକରଣ କରିଥିଲେ, ସେହି ସମୟରେ ତାଙ୍କର ଜନ୍ମ ୨୦୦୭ ମସିହାରେ ବୋଲି ଦର୍ଶା ଯାଇଥିଲା। ତାଙ୍କର ଆଧାରକାର୍ଡରେ ମଧ ଭିନ୍ନଭିନ୍ନ ସମୟରେ ଜନ୍ମବର୍ଷ ଅଲଗା ରହିଛି। ୨୦୧୭ ଏବଂ ୨୦୨୦ରେ ଅପ୍‌ଡେଟ୍ କରାଯାଇଥିବା ଆଧାରକାର୍ଡରେ ଜନ୍ମ ୨୦୦୬ ଥିଲା, ଯେଉଁଥିରେ ୨୦୨୧ରେ ବଦଳାଇ ୨୦୦୯ କରିଦିଆଯାଇଥିଲା। ମାମଲା ସାମ୍ନାକୁ ଆସିଲା ପରେ ସିଏବି ପ୍ରଥମେ ରୋହିତଙ୍କୁ ନିଜର ଜୁନିଅର ଦଳରୁ ବାହାର କରିଦେଇଥିଲଶ ଏବଂ ଏସଂପର୍କରେ ବିସିସିଆଇକୁ ସୂଚନା ପ୍ରଦାନ କରିଥିଲା। ଏବେ ବୋର୍ଡ ଘରୋଇ କ୍ରିକେଟ୍‌ରେ ତାଙ୍କର ଖେଳିବା ନେଇ ୨ ବର୍ଷ ପାଇଁ କଟକଣା ଲାଗୁ କରିଛନ୍ତି। ଏନେଇ ବିସିସିଆଇ ମମସ୍ତ ରାଜ୍ୟ କ୍ରିକେଟ୍ ସଂଘଗୁଡ଼ିକୁ ସୂଚନା ପ୍ରଦାନ କରିଛି।

# ପୋଖରୀରେ ବୁଡ଼ି ନବନିଯୁକ୍ତ ଗୃହରକ୍ଷୀଙ୍କ ମୃତ୍ୟୁ

ଯାଜପୁର, ୦୪/୦୯ (ଅକ୍ଷର ଓଡ଼ିଶା): ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ପୋଖରୀରେ ବୁଡ଼ି ଜଣେ ନବନିଯୁକ୍ତ ଗୃହରକ୍ଷୀଙ୍କ ମୃତ୍ୟୁ ଘଟିଛି। ମୃତ ଗୃହରକ୍ଷୀ ହେଲେ କଳିଙ୍ଗନଗର ଥାନା ଅନ୍ତର୍ଗତ ରଣାଗୁଣ୍ଡି ଗ୍ରାମର ରାକେଶ ଜେନା। ତାଙ୍କ ମୃତ୍ୟୁର କାରଣ ଏଯାବତ୍ ଅସ୍ପଷ୍ଟ ରହିଥିବାବେଳେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।ସୂଚନା ଅନୁସାରେ, ରାକେଶ ନିକଟରେ ଯାଜପୁର ଜିଲ୍ଲାରେ ଗୃହରକ୍ଷୀ ଭାବେ ନବନିଯୁକ୍ତି ପାଇଥିଲେ। କିଛିଦିନ ଧରି ସେ ପ୍ରଶିକ୍ଷଣ ନେବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ରହୁଥିଲେ। ସକାଳେ ରାକେଶ କିଛି ସାଥୀ କର୍ମଚାରୀଙ୍କ ସହ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ଯାଇଥିଲେ। ଖବର ପାଇ ଯାଜପୁର ରୋଡ୍ ଓ ରସୁଲପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ।ପରେ ଅଗ୍ନିଶମ ବାହିନୀ ରାକେଶଙ୍କୁ ଉଦ୍ଧାର କରି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ରାକେଶଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟରେ ପାଚେରୀ ନିର୍ମାଣ କେବେ
# ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ଆଶଙ୍କା




ଦାରିଙ୍ଗବାଡ଼ି, ୪/୯ (ମୃତ୍ୟୁଞ୍ଜୟ ପ୍ରଧାନ): କନ୍ଧମାଳ ଜିଲ୍ଲା। ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଟିଁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ସଠିକ୍ ରାସ୍ତା ଓ ସୁରକ୍ଷା ପାଚେରୀ ନଥିବାରୁ ଗ୍ରାମବାସୀଙ୍କ ମଧରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।ବିଦ୍ୟାଳୟଟି ୨୦୦୮ ମସିହାରୁ ସ୍ଥାପିତ ହୋଇଥିଲେ ମଧ ଏପର୍ଯ୍ୟନ୍ତ ପାଚେରୀ ନିର୍ମାଣ ହୋଇପାରିନାହିଁ। ରାସ୍ତାକଡ଼ରେ ବିଦ୍ୟାଳୟ ଥିବାରୁ ପ୍ରତିଦିନ ଯାତାୟାତ କରୁଥିବା ଯାନବାହନ ଯୋଗୁଁ କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହେଉଛି ।ପାଚେରୀ ଅଭାବରୁ ଗୋରୁଗାଈ ଆଦି ଛେଳି, ମେଣ୍ଢା ବିଦ୍ୟାଳୟ ପରିସରକୁ ପଶି ଆସୁଛନ୍ତି। ଏହାସହ ବାହାର ଲୋକଙ୍କ ଅନାବଶ୍ୟକ ଯାତାୟାତ ଯୋଗୁଁ ପାଠପଢ଼ା ପରିବେଶ ନଷ୍ଟ ହେଉଛି। ବିଦ୍ୟାଳୟକୁ ଆସିବା ପାଇଁ ସୁବିଧାଜନକ ଓ ଉପଯୁକ୍ତ ରାସ୍ତାଟିଏ ସୁଦ୍ଧା ନାହିଁ ।ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ଠୋସ ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ରାସ୍ତା ଓ ପାଚେରୀ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଜନ୍ମାଷ୍ଟମୀ ପାଳିତ

କଟକ, ୦୪।୦୯ (ଅକ୍ଷର ଓଡ଼ିଶା): କଟକ--ନୂଆପଡା, ବାଲିସାହି ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ 'ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ' ମହାସମାରୋହରେ ପାଳନ କରାଯାଇଛି ।ଉକ୍ତ ଉତ୍ସବରେ ଅତିଥି ରୁପେ ଶିକ୍ଷା କେନ୍ଦ୍ରର ଉପଦେଷ୍ଟା ମହେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରଶାନ୍ତ କୁମାର ମହାପାତ୍ର, ରମେଶ ଚନ୍ଦ୍ର ଚେମାଇ ଯୋଗଦେଇଥିଲେ ।ସମ୍ପାଦକ ଅଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କୋଷାଧ୍ୟକ୍ଷ ଶ୍ରୀମତୀ ପ୍ରଭାତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା କେନ୍ଦ୍ରର ଗୁରୁମା ଝରଣା ଓଝା, ଶୁଭଶ୍ରୀ ରାଉତ, ପୂଜାରାଣୀ ଦାସ ଓ ରୋଜାଲିନ୍ ସାହାଣୀ ପରିଚାଳନା କରିଥିଲେ ।

# ସାମ୍ନାରେ କିରାନା ଭିତରେ ମଦ କାରବାର

ରାଇଘର, ୦୪/୯ (ଭୁବନେଶ୍ୱର ସୁନାନୀ):କିରାନା ଦୋକାନରେ ଚାଉଳ, ଡାଲି କି ତେଲ ନୁହେଁ, ଚାଲିଥିଲା ବିଦେଶୀ ମଦର କାରବାର। ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ପୁଲିସ ପରଚିପାରା ଗ୍ରାମରେ ଚଢ଼ଉ କରି ପ୍ରାୟ ୨୦୬ ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି ।ନବରଙ୍ଗପୁର ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ କୁନ୍ଦେଇ ଥାନା ଅଧିକାରୀ ପ୍ରଦୀପ କୁମାର ଶବରଙ୍କ ନେତୃତ୍ୱରେ ପୁଲିସ ଟିମ୍ ବୁଧବାର ସନ୍ଧ୍ୟା ୭ଟା ସମୟରେ ପରଚିପାରା ଗ୍ରାମର ଦୁଇଟି କିରାନା ଦୋକାନରେ ପୃଥକ ପୃଥକ ଭାବେ ଚଢ଼ଉ କରିଥିଲେ ।ଚଢ଼ଉ ସମୟରେ ସନ୍ତୁ ଗଣ୍ଡଙ୍କ କିରାନା ଦୋକାନରୁ ୧୬୮ ଲିଟର ଏବଂ ପବିତ୍ର ସର୍ଦାରଙ୍କ କିରାନା ଦୋକାନରୁ ୩୮ ଲିଟର ବିଦେଶୀ ମଦ ଜବତ ହୋଇଥିଲା। ମଦ କାରବାର ଅଭିଯୋଗରେ ପୁଲିସ ଉଭୟ ଦୋକାନୀଙ୍କୁ ଗିରଫ କରିବା ପରେ ଜାମିନରେ ଛାଡ଼ି ଦେଇଛି। ଏନେଇ କୁନ୍ଦେଇ ଥାନାରେ ମାମଲା ରୁଜୁ ହୋଇଛି। କିରାନା ଦୋକାନର ଆଢୁଆଳରେ ଚାଲିଥିବା ଏହି ମଦ କାରବାର ଉପରେ ପୁଲିସର ଚଢ଼ଉ ପରେ ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ଗାଧୋଇବାକୁ ଯାଇ ନିଖୋଜ ବୃଦ୍ଧାଙ୍କ ମୃତଦେହ ନଦୀକୂଳରୁ ଉଦ୍ଧାର



ଦେବଗଡ଼, ୦୪/୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅଧୀନ ପରା ପଞ୍ଚାୟତର ଲୁହୁରାକୋଟ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଗାଧୋଇବାକୁ ଯାଇ ନିଖୋଜ ହୋଇଥିବା ଜଣେ ୭୧ ବର୍ଷୀୟା ବୃଦ୍ଧାଙ୍କ ମୃତଦେହ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କମ୍ପସଲା ଘଣ୍ଟିଆନାଳୀ ନଦୀକୂଳରୁ ଉଦ୍ଧାର ହୋଇଛି। ମୃତକ ହେଲେ ଲୁହୁରାକୋଟ ଗ୍ରାମର ସୁଲୋଚନା ବେହେରା (୭୧)। ସେ ସ୍ୱର୍ଗତ ଗଣେଶ୍ୱର ବେହେରାଙ୍କ ପତ୍ନୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୭ଟା ୩୦ ମିନିଟ୍‌ରେ ସୁଲୋଚନା ଗାଁ ନିକଟସ୍ଥ ଟିକିରା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ଦୀର୍ଘ ସମୟ ପରେ ମଧ ସେ ଘରକୁ ଫେରିନଥିଲେ। ପରେ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଅପରାହ୍ନ ସମୟରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କମ୍ପସଲା ଘଣ୍ଟିଆନାଳୀ ନଦୀକୂଳରୁ ତାଙ୍କ ମୃତଦେହ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ନଦୀରେ ବୁଡ଼ି ସୁଲୋଚନାଙ୍କ ମୃତ୍ୟୁ ଘଟିଛି କିମ୍ବା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

# ଧୋନିଙ୍କ 'ହୁକ୍କା ପିଇକି ଆସୁଛି', ସୋସିଆଲ ମିଡିଆରେ ଭାଇରାଲ



ନୂଆଦିଲ୍ଲୀ, ୦୪/୦୯ : ଗୋଟିଏ ଭିଡିଓ... ଗୋଟିଏ ଡାଇଲଗ୍... ଆଉ ତା'ପରେ ସୋସିଆଲ ମିଡିଆରେ ଝଡ଼। କ୍ରିକେଟ୍ ମଇଦାନରୁ ଦୂରରେ ଥିଲେ ବି ଚର୍ଚ୍ଚାର କେନ୍ଦ୍ରରେ ଏବେ ମହେନ୍ଦ୍ର ସିଂ ଧୋନି। ଋଷଭ ପନ୍ତଙ୍କ ଏକ ପ୍ରାଇଭେଟ୍ ପାର୍ଟିରୁ ସାମ୍ନାକୁ ଆସିଥିବା ଭିଡିଓ ଏବେ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି। ଆଉ ଚର୍ଚ୍ଚାର କାରଣ ସାଜିଛି ଧୋନିଙ୍କ ଏକ ମଜାଳିଆ କଥା 'ଦାଦା... ହୁକ୍କା ପିଇକି ଆସୁଛି...' ବାସ୍, ଏହି କିଛି ସେକେଣ୍ଡର ଭିଡିଓ ଏବେ ଲକ୍ଷ ଲକ୍ଷ ଥର ଦେଖାଯାଇଛି । କେହି ମଜା ନେଉଛନ୍ତି, କେହି ସମାଲୋଚନା କରୁଛନ୍ତି, ତ ଆଉ କେହି କହୁଛନ୍ତି 'ମାହି ଇଜ୍ ଅଲୱେଜ୍ କୁଲ୍!' ଭାଇରାଲ ଭିଡିଓଟି ଏକ ପ୍ରାଇଭେଟ୍ ଗେଟ୍-ଟୁଗେଦର୍‌ର ବୋଲି କୁହାଯାଉଛି। ଭିଡିଓରେ ଏମଏସ ଧୋନି, ଋଷଭ ପନ୍ତ ଓ ସେମାନଙ୍କର କିଛି ଘନିଷ୍ଠ ବନ୍ଧୁ ଏକାଠି ମଜାମସ୍ତି କରୁଥିବା ନଜର ଆସୁଛନ୍ତି। ପ୍ରଥମେ ସମସ୍ତେ ଗ୍ରୁପ୍ ଫଟୋ ଉଠାଉଛନ୍ତି। ଏହାପରେ ଧୋନି ନିଜ ହାତର ମୁଦି କାଢ଼ି ଋଷଭ ପନ୍ତଙ୍କୁ ପିନ୍ଧାଉଥିବା ଦୃଶ୍ୟ ମଧ ଦେଖିବାକୁ ମିଳୁଛି। ପାର୍ଟିର ଏହି ହାଲୁକା ମୁଡ୍ ମଧରେ ଏକ ମୁହୂର୍ତ୍ତ ସମସ୍ତଙ୍କ ନଜର ଟାଣିନେଇଛି । ପନ୍ତ ସମସ୍ତଙ୍କୁ ନିଜ ପାଖକୁ ଡାକୁଥିବା ବେଳେ ଧୋନି ଆସି ଜଣେ ବୟସ୍କ ବ୍ୟକ୍ତିଙ୍କ ପାଦ ଛୁଇଁ ପ୍ରଣାମ କରୁଛନ୍ତି। ଆଉ ତା'ପରେ ହସି ହସି କହୁଛନ୍ତି 'ଦାଦା, ହୁକ୍କା ପିଇକି ଆସୁଛି...' ଏହି ଗୋଟିଏ ବାକ୍ୟ ଏବେ ସୋସିଆଲ ମିଡିଆରେ ହଟ୍ ଟପିକ୍ ପାଲଟିଛି। ଭିଡିଓ ଭାଇରାଲ ହେବା ପରେ କେହି କେହି ଫ୍ୟାନ୍‌ସ ଧୋନିଙ୍କ ପୁରୁଣା ହୁକ୍କା ପିଉଥିବା ଫଟୋ ଶେୟାର କରି ଟ୍ରୋଲ୍ କରୁଛନ୍ତି। ସେମାନଙ୍କ ମତରେ, ଦେଶର ଏତେ ବଡ଼ ଆଇକନ୍ ହୋଇ ଏଭଳି କଥା କହିବା ଉଚିତ୍ ନୁହେଁ। ତେବେ ଅନ୍ୟପଟେ ଧୋନିଙ୍କ ସମର୍ଥକମାନେ କହୁଛନ୍ତି, ଏହା ଏକ ବନ୍ଧୁତ୍ୱପୂର୍ଣ୍ଣ ପାର୍ଟିର ମଜାଳିଆ ମୁହୂର୍ତ୍ତ। ଏହାକୁ ନେଇ ଅନାବଶ୍ୟକ ବିବାଦ ସୃଷ୍ଟି କରିବାର କୌଣସି ଆବଶ୍ୟକତା ନାହିଁ। ତେବେ ଧୋନିଙ୍କ ହୁକ୍କା ପ୍ରେମ ନେଇ ଏହା ପ୍ରଥମ ଚର୍ଚ୍ଚା ନୁହେଁ। ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍‌ସରେ ତାଙ୍କ ସହ ଖେଳିଥିବା ଅଷ୍ଟ୍ରେଲୀୟ କ୍ରିକେଟର୍ ଜର୍ଜ ବେଲି ଏକ ସାକ୍ଷାତକାରରେ କହିଥିଲେ ଯେ, ଧୋନି ପ୍ରାୟତଃ ହୁକ୍କା ସେସନ୍ ସମୟରେ ଯୁବ ଖେଳାଳିଙ୍କ ସହ କ୍ରିକେଟ୍ ନେଇ ଆଲୋଚନା କରନ୍ତି। କିନ୍ତୁ ଏଥର ମାହିଙ୍କ ଏହି ଡାଇଲଗ୍ ପୁଣିଥରେ ପୁରୁଣା ଚର୍ଚ୍ଚାକୁ ଜୀବନ୍ତ କରିଦେଇଛି। ଗୋଟିଏ ଛୋଟ ଭିଡିଓ... ଗୋଟିଏ ଛୋଟ ବାକ୍ୟ... ଆଉ ତା'ପରେ ସୋସିଆଲ ମିଡିଆରେ ବଡ଼ ବିତର୍କ। ଧୋନିଙ୍କ ଏହି ଭାଇରାଲ ଭିଡିଓ ଏବେ ଫ୍ୟାନ୍‌ସଙ୍କ ମଧରେ ଦୁଇଟି ମତ ସୃଷ୍ଟି କରିଛି। କିନ୍ତୁ ଏତିକି ନିଶ୍ଚିତ ମାହି ମଇଦାନରେ ହୁଅନ୍ତୁ କି ପାର୍ଟିରେ, ତାଙ୍କ ପ୍ରତ୍ୟେକ ଅନ୍ଦାଜ୍ ଖବର ହୋଇଯାଏ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera